RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

୪ର୍ଥ ସ୍ମୃନକ୍ଷତ୍ର

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-168 ◆BHUBANESWAR ◆SATURDAY ◆14 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬୮ ◆ଭୁବନେଶ୍ୱର ◆ଶନିବାର ◆୧୪ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


# ସଂସଦରେ ଝଡ଼

## ଲୋକସଭାରେ 'ସମ୍ବିଧାନ'; ରାଜ୍ୟସଭାରେ 'ଧନଖଡ଼'

■ **ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ବିଭିନ୍ନ ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ଲାଗି ରହିଥିବା ହୋହଲ୍ଲା ଯୋଗୁଁ ସଂସଦର ଚଳିତ ଶୀତ ଅଧିବେଶନର ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନାହିଁ। ଶୁକ୍ରବାର ଅଧିବେଶନର ୧୫ତମ ଦିନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକସଭାରେ ସମ୍ବିଧାନ ଉପରେ ଆଲୋଚନା ହେବା କ୍ଷଣି ଶାସକ ଏବଂ ବିରୋଧୀ ପୁଣି ମୁହାଁମୁହିଁ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ପ୍ରଥମେ ଗୃହରେ ଆଲୋଚନା ଆରମ୍ଭ ହେବା ପରେ ରାଜନାଥ କଂଗ୍ରେସ ଉପରେ ବର୍ଷିଥିଲେ। କଂଗ୍ରେସ ବିଭିନ୍ନ ସମୟରେ ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିବା ସହିତ ନିଜର ସ୍ୱାର୍ଥନ୍ୱେଷୀ ଆଭିମୁଖ୍ୟ ପୂରଣ କରିବାକୁ ସମ୍ବିଧାନ ବଦଳାଇବାକୁ ମଧ୍ୟ ପଛାଇ ନାହିଁ ବୋଲି କହିଥିଲେ। ବିରୋଧୀଙ୍କୁ ଚୁପ୍ ରଖିବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ଏବଂ ଇନ୍ଦିରା ଗାନ୍ଧୀ ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ ପଛାଇ ନ ଥିଲେ ରାଜନାଥ କହିଥିଲେ। ଏହାକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ତୀବ୍ର ବିରୋଧ କରିଥିଲା ବେଳେ ପ୍ରଥମଥର ପାଇଁ ଲୋକସଭାରେ ନିଜର ବକ୍ତବ୍ୟ ରଖି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ବିଜେପି ନେତୃତ୍ୱ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସାମ୍ବିଧାନିକ ବ୍ୟବସ୍ଥାରେ ପ୍ରତ୍ୟେକ ଦେଶବାସୀଙ୍କୁ ନ୍ୟାୟ, ସୁରକ୍ଷା ଏବଂ ବାକ୍ ସ୍ୱାଧୀନତା ଅଧିକାର ରହିଛି। କିନ୍ତୁ କେନ୍ଦ୍ର ସରକାର ଏସବୁକୁ ଜଳାଞ୍ଜଳି ଦେଇ ନିଜ ଇଚ୍ଛାରେ ଶାସନ ଚଳାଇଛନ୍ତି। ଏପରିକି ୨୦୨୪ ଲୋକସଭା ନିର୍ବାଚନ ଫଳାଫଳ ଯଦି ସମ୍ପୂର୍ଣ୍ଣ ଭାବେ ବିଜେପି ସପକ୍ଷରେ ଯାଇଥାଆନ୍ତା ତେବେ ସେମାନେ ସମ୍ବିଧାନକୁ ବଦଳାଇ ଦେଇ ସାରିଥାଆନ୍ତେ ବୋଲି ପ୍ରିୟଙ୍କା କହିଥିଲେ। ସେତେବେଳେ ନେହରୁ ଏବଂ ଇନ୍ଦିରା ଗାନ୍ଧୀ କ'ଣ କରିଥିଲେ ତାହା ଏବେ ବିଚାର କରିବା ପ୍ରାସଙ୍ଗିକ ନୁହେଁ, କିନ୍ତୁ ଏବେ ସରକାର କ'ଣ କରୁଛନ୍ତି, ସେ ବିଷୟରେ କହିବା ଦରକାର ବୋଲି ପ୍ରିୟଙ୍କା କହିଥିଲେ। ଏହାକୁ ନେଇ ଉଭୟ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ବାକ୍‌ଯୁଦ୍ଧ ଲାଗି ରହିଥିଲା। ଏହାବ୍ୟତୀତ ଟିଏମସି ସାଂସଦ ମହୁଆ ମୋଇତ୍ରା ଜଷ୍ଟିସ୍ ବି ଏଚ ଲୋୟାଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରଶ୍ନ ଉଠାଇବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ମହୁଆଙ୍କ ପ୍ରତି ଯେଉଁଳି ଟିପ୍ପଣୀ ରଖିଥିଲେ ତାହାକୁ ନେଇ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଥିଲେ। ସେପଟେ ରାଜ୍ୟସଭାରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ବିରୋଧୀ ଦଳ ଆଣିଥିବା ଅବିଶ୍ୱାସ ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଥିଲେ। ଧନଖଡ଼ ପକ୍ଷପାତ ନୀତିରେ ଗୃହ ଚଳାଉଛନ୍ତି ବୋଲି ବିରୋଧୀ ଦାବି କରି ସେ ସମ୍ମାନର ପାତ୍ର ନୁହନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ କହିଥିଲା ବେଳେ କଂଗ୍ରେସ ଗୃହ ଅଧ୍ୟକ୍ଷଙ୍କୁ ସମ୍ମାନଦେଇ ଜାଣିନି ବୋଲି ବିଜେପି ସାଂସଦ ଜେପି ନଡ୍ଡା କହିଥିଲେ। ଏହି ପ୍ରସଙ୍ଗକୁ ଦୀର୍ଘ ସମୟ ଧରି ହୋହଲ୍ଲା ଲାଗି ରହିବାରୁ ଅଧ୍ୟକ୍ଷ ଗୃହକୁ ସୋମବାର ଯାଏଁ ମୁଲତବୀ ଘୋଷଣା କରିଥିଲେ।



**ସମ୍ବିଧାନ ସଂଶୋଧନ ପ୍ରସଙ୍ଗରେ କଂଗ୍ରେସକୁ ରାଜନାଥଙ୍କ ନିଶାଣ**

**ସଂସଦରେ ପ୍ରଥମ ଅଭିଭାଷଣ ରଖି କଡ଼ା ଜବାବ ଦେଲେ ପ୍ରିୟଙ୍କା**

**ଅବିଶ୍ୱାସ ପ୍ରସ୍ତାବ ପ୍ରସଙ୍ଗରେ ଧନଖଡ଼ଙ୍କୁ ଘେରିଲେ ବିରୋଧୀ**

# ଶିମିଳିପାଳରେ ଜାଡ଼

## ୩ ଦିନ ପରେ କମିବ ଶୀତ



■ **ବାରିପଦା/ଭୁବନେଶ୍ୱର, ୧୩।୧୨ (ସମିସ):** ରାଜ୍ୟରେ ଗତ ୨ ଦିନ ଧରି ଶୀତ ଅନୁଭୂତ ହେଉଛି ଏବଂ ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାଡ଼ ଲାଗିରହିଥିବା ବେଳେ ଶିମିଳିପାଳ ଅଭୟାରଣ୍ୟରେ ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ରେକର୍ଡ କରାଯାଇଛି। ଅଭୟାରଣ୍ୟରେ ପର୍ବତମାଳାର ଅନେକ ସ୍ଥାନରେ ଜାଡ଼ କାରଣରୁ ଶୁକ୍ରବାର ସକାଳୁ ତୁହିନ ଆସ୍ତରଣ ଦେଖିବାକୁ ମିଳିଛି। ସେହିପରି ନିଷିଦ୍ଧାଞ୍ଚଳଗୁଡ଼ିକରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ, ଗଛ, ଲତା ଉପରେ ପଡ଼ିଥିବା କାକରବିନ୍ଦୁ, ତୁଷାରପାତର ଭ୍ରମ ସୃଷ୍ଟି ▶ପୃଷ୍ଠା-୭

### ସରକାରକୁ ପୂରିଲା ଛଅ ମାସ

# ଘୋଷଣା ବାଟବଣା, ପ୍ରତିଶ୍ରୁତି ଫିକା

■ **ଭୁବନେଶ୍ୱର, ୧୩।୧୨ (ସମିସ):** ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାରର ଛଅ ମାସ ପୂରିଛି। ୬ ମାସ ମଧ୍ୟରେ ଏକାଧିକ ଯୋଜନା ଏବଂ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ନେଇ ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼ଉଛନ୍ତି। ନିର୍ବାଚନ ସମୟରେ କରିଥିବା ଘୋଷଣା ବାଟବଣା ହୋଇଥିବା ବେଳେ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ଫିକା ପଡ଼ିଥିବା ପରିଲକ୍ଷିତ ହେଉଛି।

ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାଠାରୁ ଆରମ୍ଭ କରି ସୁଭଦ୍ରା ଯୋଜନା, ଧାନର ଏମଏସପି ବାବଦରେ ୩୧୦୦ ଟଙ୍କା ପ୍ରଦାନ ଆଦି କ୍ଷେତ୍ରରେ ପ୍ରତିଶ୍ରୁତି ପୂରଣ କରିଥିବା ନେଇ ସରକାର ଓ ଶାସକ ଦଳ ଦାବି କରୁଛନ୍ତି । ମାତ୍ର ସାମଗ୍ରିକ ଭାବରେ ସରକାରଙ୍କ ୬ ମାସର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରବଳ ବର୍ଷିଛନ୍ତି ବିରୋଧୀ। ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜ୍ୟବାସୀ। ସମଗ୍ର ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ହୁଗୁଳି ଯାଇଥିବାବେଳେ ବିଭିନ୍ନ ଘୋଷଣା ଅନୁପାଳନରେ ବ୍ୟର୍ଥ ହୋଇଥିବା ଅଭିଯୋଗ କରିଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ଟାଳଟୁଳ, ଗଳାବାଟ ଖୋଜିଛନ୍ତି ଓ ସାଧାରଣ ଭୋଟରଙ୍କୁ ପ୍ରତାରିତ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

### ଦରବୃଦ୍ଧି, ଆଇନଶୃଙ୍ଖଳା ରୋକିବାରେ ବ୍ୟର୍ଥତାକୁ ନେଇ ବିରୋଧୀଙ୍କ କଡ଼ା ସମାଲୋଚନା

୩୦୦୦ ଟଙ୍କା ଭତ୍ତା ଘୋଷଣାକୁ ୬ ମାସ ମଧ୍ୟରେ ସରକାର କାର୍ଯ୍ୟକାରୀ କରିପାରି ନାହାନ୍ତି। ଏପରିକି ବଜେଟରେ ଏ ସଂକ୍ରାନ୍ତରେ ଆର୍ଥିକ ବ୍ୟବସ୍ଥା ନ କରି ବରିଷ୍ଠ ନାଗରିକଙ୍କୁ ଉପହାସ କରିଛନ୍ତି। ସେହିପରି ୮୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କୁ ୩୫୦୦ ଟଙ୍କା ଭତ୍ତା ଘୋଷଣା ପରେ ▶ପୃଷ୍ଠା-୭

### ଅନ୍ତଃସତ୍ତ୍ୱା ସୀମାମୟୀ ହତ୍ୟା ଘଟଣାର ପର୍ଦ୍ଦାଫାସ୍

# ସ୍ତ୍ରୀକୁ ଗୁଳିକରି 'ଡକାୟତି' ନାଟକ

## ସ୍ୱାମୀ ଓ ପୁଲିସ୍ ଭିଣୋଇ ଗିରଫ, ବନ୍ଧୁକ ଜବତ

■ **ରାଉରକେଲା/ବଣାଇଁ, ୧୩।୧୨ (ସମିସ):** ବଣାଇଁ ଉପଖଣ୍ଡ ଅନ୍ତର୍ଗତ ଝିର୍ଡାପାଲି ଗ୍ରାମର ଗର୍ଭବତୀ ମହିଳା ସୀମାମୟୀ (୩୦) ହତ୍ୟା ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଟିକାୟତପାଲି ଥାନା ପୁଲିସ୍ ଏହାର ପର୍ଦ୍ଦାଫାସ୍ କରିଛି। ଏହି ଘଟଣାରେ ପୁଲିସ୍ ସୀମାଙ୍କ ସ୍ୱାମୀ ଦେବେନ କୁମାର ବେହେରା (୩୫) ଓ ତାଙ୍କ ପୁଲିସ୍ ଭିଣୋଇ ସତ୍ୟନାରାୟଣ ବେହେରା (୪୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦେବେନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ସତ୍ୟନାରାୟଣ ରାଉରକେଲା କୋର୍ଟରେ ପୁଲିସ୍ ଏଏସ୍‌ଆଇ ଭାବେ କାର୍ଯ୍ୟରତ। ସୀମାଙ୍କୁ ରାସ୍ତାରୁ ହଟାଇବା ପାଇଁ ଦେବେନ ଏହି ସାଂଘାତିକ ଷଡ଼ଯନ୍ତ୍ର ରଚିଥିଲା। ସୀମାଙ୍କୁ ଗୁଳି କରି ହତ୍ୟା କରିବା ପରେ ଏହାକୁ ଡକାୟତିଜନିତ ହତ୍ୟାକାଣ୍ଡ ବୋଲି ଦର୍ଶାଇବା ପାଇଁ ଅପଚେଷ୍ଟା କରିଥିଲା। ▶ପୃଷ୍ଠା-୭






### ସଂସଦରେ ସମ୍ବିଧାନ ଉପରେ ବିତର୍କ; ରାଜନାଥ-ପ୍ରିୟଙ୍କା ବାକ୍ୟୁଦ୍ଧ

# ‘ଭୟ ଓ ଆଶଙ୍କାରେ ଦେଶ ଚାଲିପାରିବନି’





ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି): ଭାରତୀୟ ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ସଂସଦରେ ସାମ୍ବିଧାନିକ ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଲୋକସଭାରେ ଡିସେମ୍ବର ୧୩ ଏବଂ ୧୪ ଦୁଇ ଦିନ ଧରି ଚର୍ଚ୍ଚା ହେବା ସହିତ ୧୬ ଏବଂ ୧୭ ତାରିଖରେ ରାଜ୍ୟସଭାରେ ଆଲୋଚନା ହେବ। ଏହିକ୍ରମରେ ଶୁକ୍ରବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଲୋକସଭାରେ ବିତର୍କ ଆରମ୍ଭ ହୋଇଥିଲା ବେଳେ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବିଶେଷକରି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାଂସଦ ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ଲାଗି ଲୋକସଭାରେ ବିତର୍କରେ ଭାଗ ନେଇଥିଲେ। ସମ୍ବିଧାନକୁ ନେଇ ରାଜନାଥ ପ୍ରଥମେ ଆଲୋଚନା କରିବା ପରେ କଂଗ୍ରେସକୁ ନିଶାଣ କରି ବର୍ଷିଥିଲେ। ବିରୋଧୀଙ୍କୁ ଚୁପ୍ ରଖିବାକୁ କଂଗ୍ରେସ ବାରମ୍ବାର ସମ୍ବିଧାନ ବଦଳାଇଛି ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଓ ଇନ୍ଦିରା ଗାନ୍ଧୀଙ୍କୁ ଏଥିପାଇଁ ଦାୟୀ କରିଥିଲେ। ସେହିପରି ଦେଶରେ ଜରୁରୀ ସ୍ଥିତି ସୃଷ୍ଟି କରି କଂଗ୍ରେସ ସମ୍ବିଧାନର ମର୍ଯ୍ୟାଦା ନଷ୍ଟ କରିଛି ବୋଲି କହିଥିଲେ। ଏହାପରେ ବିରୋଧୀଙ୍କ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀ ବିତର୍କକୁ ଓହ୍ଲାଇଥିଲେ। ସେ ସିଧାସଳଖ ବିଜେପିକୁ ନିଶାଣ କରି ଦେଶ ଭୟ ଏବଂ ଆଶଙ୍କା ମଧ୍ୟରେ ଗତି କରିପାରିବ ନାହିଁ ବୋଲି କହିଥିଲେ। ସମ୍ବିଧାନ ପ୍ରତ୍ୟେକ ଦେଶବାସୀଙ୍କୁ ନ୍ୟାୟ, ସ୍ୱାଧୀନତା ଏବଂ ବାକ୍ ସ୍ୱାଧୀନତାର ଅଧିକାର ପ୍ରଦାନ କରିଛି। କିନ୍ତୁ ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଏଥିରେ ପ୍ରତିବନ୍ଧକ ସାଜିଛନ୍ତି। ବିଗତ ୧୦ ବର୍ଷ ହେଲା କେନ୍ଦ୍ର ସରକାର ଯେଉଁଳି ମାନସିକତାରେ କାର୍ଯ୍ୟ କରିଛନ୍ତି ତାହା ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିଆସିଛି। ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଏବଂ ତାହାର ସହଯୋଗୀ ଦଳ ଯଦି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିଥାଆନ୍ତା ତେବେ ସେମାନେ ସମ୍ବିଧାନ ବଦଳାଇ ଦେଇଥାଆନ୍ତେ। କିନ୍ତୁ ସତ୍ୟ ଏବଂ ନ୍ୟାୟର ରକ୍ଷା ଲାଗି ଆମେ ଲଢେଇ ଜାରି ରଖିବୁ ବୋଲି ପ୍ରିୟଙ୍କା କହିଥିଲେ।

ପ୍ରିୟଙ୍କା ତାଙ୍କ ପ୍ରଥମ ଭାଷଣରେ କେବଳ ବିଜେପି ଏବଂ କେନ୍ଦ୍ର ସରକାରଙ୍କ ଉପରେ ଆକ୍ରମଣ କରି ନଥିଲେ। ବରଂ ରାଜନୈତିକ ବାର୍ତ୍ତା ମଧ୍ୟ ଦେଇଥିଲେ। ସେ ହାଥରସ ଠାରୁ ଆରମ୍ଭ କରି ସମ୍ଭଲ ଘଟଣା ଏବଂ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବିଜେପି ଗତ ୧୦ ବର୍ଷ ହେଲା ସମ୍ବିଧାନକୁ ବଦଳାଇବାକୁ ଷଡ଼ଯନ୍ତ୍ର କରିଥିଲେ ହେଁ ଏହାକୁ ଦେଶବାସୀ ଠିକଣା ସମୟରେ ହୃଦୟଙ୍ଗମ କରିପାରିଥିଲେ। ଯାହାକୁ ନେଇ ଭୋଟର ଗତ ଲୋକସଭା ନିର୍ବାଚନରେ ଜବାବ ରଖିଛନ୍ତି। ସ୍ୱାଧୀନତା ସଂଗ୍ରାମରୁ ଦେଶବାସୀଙ୍କୁ ଯେଉଁ ଅନୁଭୂତି ମିଳିଥିଲା ସେଥିରୁ ହିଁ ଆମ ସମ୍ବିଧାନର ରୂପରେଖ ଓ ଆତ୍ମା ଲାଭ କରିଛି। ବିଶେଷକରି ନ୍ୟାୟ, ସ୍ୱାଧୀନତା ଏବଂ ସମାନତାକୁ ଆଧାର କରି ସମ୍ବିଧାନର ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। କିନ୍ତୁ ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଏସବୁକୁ କ୍ଷୁଣ୍ଣ କରିଚାଲିଛନ୍ତି ବୋଲି ପ୍ରିୟଙ୍କା କହିଥିଲେ। ସମ୍ବିଧାନ ନ୍ୟାୟ ଓ ଏକତାର କବଚ ଭାବେ ଦେଶବାସୀଙ୍କ ପ୍ରତି ସାମାଜିକ, ଆର୍ଥିକ ଓ ରାଜନୈତିକ ଦିଗରୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ କେନ୍ଦ୍ର ସରକାର ଏହାକୁ ବଦଳାଇବା ଯୋଜନା କରିଥିଲା ବେଳେ ଦେଶବାସୀ ଏହି ସ୍ୱପ୍ନକୁ କରିଦେଇଛନ୍ତି ବୋଲି ପ୍ରିୟଙ୍କା କହିଥିଲେ।

# ଅବିଶ୍ୱାସ ପ୍ରସ୍ତାବ ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି): ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ବିରୋଧୀ ଦଳଙ୍କ ପକ୍ଷରୁ ଅଣାଯାଇଥିବା ଅବିଶ୍ୱାସ ପ୍ରସ୍ତାବକୁ ନେଇ ଶୁକ୍ରବାର ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ନେତୃତ୍ୱରେ ବିରୋଧୀଙ୍କ ପକ୍ଷରୁ ଧନଖଡ଼ଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଅଣାଯିବା ପରେ ଏହାକୁ ଶାସକ ଦଳ ପକ୍ଷରୁ ଘୋର ବିରୋଧ କରାଯାଇଥିଲା। ରାଜ୍ୟସଭା ଅଧ୍ୟକ୍ଷ ଧନଖଡ଼ କେବଳ ପକ୍ଷପାତ ନୀତିରେ ଗୃହ ଚଳାଉଛନ୍ତି ଏବଂ ଶାସକ ଦଳକୁ ସମର୍ଥନ ଯୋଗାଉଥିବା ବିରୋଧୀଙ୍କ ପକ୍ଷରୁ ଅଭିଯୋଗ ଅଣାଯିବା ପରେ ଏହାକୁ ଶାସକ ଦଳର ସଦସ୍ୟମାନେ ବିରୋଧ କରିଥିଲେ। ବିଜେପି ସାଂସଦ ଜେ ପି ନଡ୍ଡା କଂ ।।ଗ୍ରେସକୁ ନିଶାଣ କରି ଏହି ଦଳ ଅଧ୍ୟକ୍ଷଙ୍କୁ ସମ୍ମାନ ଜଣାଇବା ଶିଖି ନାହିଁ ବୋଲି କହିଥିଲେ।



**ମୁଁ ଚାଷୀ ପୁଅ, ଭାଙ୍ଗିପଡ଼ିବିନି**

ଏହିକ୍ରମରେ ବିରୋଧୀଙ୍କ ଉଦ୍ଦେଶ୍ୟରେ ଧନଖଡ଼ କହିଥିଲେ ଯେ, ‘ମୁଁ ଜଣେ କୃଷକଙ୍କ ପୁଅ। ମୁଁ ନଇଁବି ନାହିଁ। ମୁଁ ମୋ ଦେଶ ପାଇଁ ଜୀବନ ଦେଇ ଦେବି। କାହିଁକି ଜଣେ କୃଷକଙ୍କ ପୁଅ ଏଠାରେ (ରାଜ୍ୟସଭା ଅଧ୍ୟକ୍ଷ ପଦରେ) ବସିଛନ୍ତି ବୋଲି ଆପଣମାନଙ୍କର ଦିନରାତି ଚିନ୍ତା ରହିଛି। କିନ୍ତୁ ମୁଁ ବହୁତ ସହିଲିଣି ’ ବୋଲି ଧନଖଡ଼ କହିଥିଲେ। ଏହାବ୍ୟତୀତ ସେ କହିଥିଲେଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ବିରୋଧୀ ତାଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିପାରିବେ। କିନ୍ତୁ ଏହାଦ୍ୱାରା ସମ୍ବିଧାନକୁ ଅପମାନିତ କରାଯାଇଛି।



**ଆପଣ ଚାଷୀ ପୁଅ ହେଲେ ମୁଁ ଶ୍ରମିକ ପୁଅ**

ଏହାପରେ କଂଗ୍ରେସ ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଧନଖଡ଼ଙ୍କ ପ୍ରତି କଡ଼ା ଜବାବ ରଖିଥିଲେ। ସେ କହିଥିଲେ, ଆପଣ ସେମାନଙ୍କୁ (ବିଜେପି ସାଂସଦ) ଅନ୍ୟ ଦଳ ସଦସ୍ୟଙ୍କ ବିରୋଧରେ କହିବାକୁ ଉତ୍ସାହିତ କରୁଛନ୍ତି। ଆପଣ ଶାସକ ଦଳର ପ୍ରଶଂସା ଗାନ କରୁଛନ୍ତି। ଆପଣ ଜଣେ କୃଷକଙ୍କ ପୁଅ ହେଲେ ମୁଁ ମଧ୍ୟ ଜଣେ ଶ୍ରମିକଙ୍କ ପୁଅ। ମୁଁ ଆପଣଙ୍କଠାରୁ ଅଧିକ ସମସ୍ୟା ଦେଇ ଗତି କରିଛି। ଆପଣ ଆମ ଦଳର ନେତାମାନଙ୍କୁ ଅପମାନିତ କରୁଛନ୍ତି। ଏଠାକୁ ଆମେ ଆପଣଙ୍କ ପ୍ରଶଂସା ଶୁଣିବାକୁ ଆସିନାହୁଁ , ଆଲୋଚନା କରିବାକୁ ଆସିଛୁ। ଆପଣ ବାରମ୍ବାର ଆମକୁ ଅପମାନିତ କରୁଥିଲା ବେଳେ ମୁଁ କେମିତି ଆପଣଙ୍କୁ ସମ୍ମାନ ଦେବି ବୋଲି ଖଡ଼ଗେ ପ୍ରଶ୍ନ କରିଥିଲେ। ଏହାପରେ ଉଭୟ ପକ୍ଷଙ୍କ ମଧ୍ୟରେ ହୋହଲ୍ଲା ଲାଗି ରହିବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା।

## ଚାଷୀଙ୍କୁ କଂସେଇ, ନିଶା ସୌଦାଗର କହିଲେ ବିଜେପି ସାଂସଦ

ଚଣ୍ଡିଗଡ଼, ୧୩।୧୨ (ଏଜେନ୍ସି): ବିଜେପିର ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଜାଙ୍ଗରା ହରିୟାଣାରେ ଚାଷୀଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କୃଷକଙ୍କୁ ନିଶାର ସୌଦାଗର ଏବଂ କଂସେଇ କହିଛନ୍ତି। ଚାଷୀ ଆନ୍ଦୋଳନ ହୋଇଥିବା ସ୍ଥାନରୁ ୭୦୦ ଯୁବତୀ ନିଖୋଜ ହୋଇଥିବା ମଧ୍ୟ ଅଭିଯୋଗ କରିଛନ୍ତି। ରୋହତକର ମହମ ସୁଗାର ମିଲ୍‌ରେ ଆଖୁ ପେଡ଼ା ଅଧିବେଶନକୁ ଶୁଭାରମ୍ଭ କରି ଗୁରୁବାର ଜାଙ୍ଗରା କହିଥିଲେ ଯେ ସୀମାରେ ବସିଥିବା ପଞ୍ଜାବ ନିଶାଡ଼ି ନିଶାର ନେଟୱର୍କକୁ ପ୍ରଚାରପ୍ରସାର କରୁଛନ୍ତି। ୨୦୨୧ ପରେ ଗାଁ ଗାଁରେ ପିଲା ମରୁଛନ୍ତି। କିଏ ନିଶା ଇଞ୍ଜେକ୍ସନ ତ ଆଉ କିଏ ହେରୋଇନ, ଅଫିମ, କୋକିନ ଆଦି ନେଉଛନ୍ତି। ୨୦୨୧ରେ ବର୍ଷେ ପର୍ଯ୍ୟନ୍ତ ଟିକରି ଏବଂ ସିଂଘୁ ସୀମାରେ ବସିଥିବା ପଞ୍ଜାବ ନିଶାଡ଼ି ଏହାର ନେଟୱର୍କକୁ ହରିୟାଣାରେ ବଢ଼ାଇ ଥିଲେ।

ଜାଙ୍ଗରା କହିଥିଲେ ଯେ ସିଂଘୁ ଏବଂ ବହାଦୂରଗଡ଼ ସୀମା ଆଖପାଖର ପ୍ରାୟ ୭୦୦ ଯୁବତୀ ନିଖୋଜ ଅଛନ୍ତି। ଏମାନେ କୁଆଡ଼େ ଗଲେ କାହାକୁ ଜଣା ନାହିଁ। ଗତ ଆନ୍ଦୋଳନ ସମୟରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରି ରାସ୍ତାରେ ଟାଙ୍ଗି ଦିଆଯାଇଥିଲା। ଏମାନେ ଚାଷୀ ନୁହେଁ, କଂସେଇ। ବିଜେପି ସାଂସଦ ରାକେଶ ଟିକାୟତ ଏବଂ ଗୁରନାମ ସିଂହ ଚଢୁନିଙ୍କ ନିର୍ବାଚନ ଲଢ଼ିବାକୁ ମଧ୍ୟ ବିଜେପି ସାଂସଦ ସମାଲୋଚନା କରିଥିଲେ। ଟିକାୟତ ଦୁଇ ଥର ଲଢ଼ି ଅମାନତ ହରାଇ ଥିଲେ। ଗୁରନାମ ପିହୋୱାରୁ ଲଢ଼ି ମାତ୍ର ୧୧୭୦ ଭୋଟ୍ ପାଇଥିଲେ। ଏମାନଙ୍କ ଔକାତ କ’ଣ? ଖାଲି ଚାନ୍ଦା ସଂଗ୍ରହ କରି ଲୋକଙ୍କୁ ଉସକାଉଛନ୍ତି। ଅନ୍ୟପକ୍ଷରେ ଆମ ଆଦମୀ ପାର୍ଟି (ଆପ୍) ର ପ୍ରଦେଶ ଅଧ୍ୟକ୍ଷ ଡ. ସୁଶୀଲ ଗୁପ୍ତା ଏହି ମନ୍ତବ୍ୟକୁ ନେଇ ବିଜେପିକୁ ଘେରିଛନ୍ତି।

**ଅତୁଲଙ୍କ ପତ୍ନୀଙ୍କୁ ପୁଲିସ ସମନ୍**

## ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା

ବେଙ୍ଗାଲୁରୁ, ୧୩।୧୨ (ଏଜେନ୍ସି): ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲାରେ କର୍ଣ୍ଣାଟକ ପୁଲିସ ତାଙ୍କ ପତ୍ନୀ ନିକିତା ସିଙ୍ଘାଣିଆ ଏବଂ ପରିବାର ସଦସ୍ୟଙ୍କୁ ସମନ ଜାରି କରିଛି। ୩ ଦିନ ଭିତରେ ବେଙ୍ଗାଲୁରୁର ମରାଠହଲି ଥାନାରେ ହାଜର ହେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ ଅତୁଲଙ୍କ ଭାଇ ବିକାଶଙ୍କ ଅଭିଯୋଗ ଆଧାରରେ ଜଣେ ମହିଳା ପୁଲିସ କର୍ମଚାରୀଙ୍କ ସମେତ ଚାରିଜଣିଆ ଟିମ୍ ନିକିତାଙ୍କ ଉତ୍ତରପ୍ରଦେଶର ଜୌନପୁର ସ୍ଥିତ ବାସଭବନରେ ପହଞ୍ଚି ଥିଲେ। ଘରେ ନୋଟିସ ଲଗାଇ ଟିମ୍ ଫେରି ଆସିଥିଲା। ଏବେ ନିକିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡରେ ଗିରଫର ଖଣ୍ଡା ଝୁଲୁଛି। ଏହା ମଧ୍ୟରେ ଅତୁଲଙ୍କ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଯୌତୁକ ଉତ୍ପୀଡ଼ନ ତଥା ଘରୋଇ ହିଂସା ସମ୍ବନ୍ଧିତ ମାମଲାରେ ସଂଶୋଧନ ଦାବିରେ ଓକିଲ ବିଶାଲ ତିୱାରୀ ଏହି ଆବେଦନ ଦାଏର କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି। ଏହି କମିଟି ଆଇନରେ ସଂଶୋଧନ ଲାଗି ପରାମର୍ଶ ଦେବେ। ଏହା ସହିତ ବିବାହ ସମୟରେ ଦିଆଯାଇଥିବା ଅଳଙ୍କାର ଏବଂ ଅନ୍ୟ ସାମଗ୍ରୀର ରେକର୍ଡ ରଖିବାକୁ ମଧ୍ୟ କୁହାଯାଇଛି।

### ପୁଷ୍ପା-୨ ପ୍ରିମିୟର ଦଳାଚକଟାରେ ମହିଳାଙ୍କ ମୃତ୍ୟୁ ମାମଲା

# ଗିରଫ ପରେ ଜାମିନରେ ମୁକୁଳିଲେ ଅଲ୍ଲୁ ଅର୍ଜୁନ

ହାଇଦରାବାଦ, ୧୩।୧୨ (ଏଜେନ୍ସି): ସିନେମା ହଲ୍‌ରେ ରାଜ୍ କରୁଥିବା ପୁଷ୍ପାରାଜ ଧରାପଡ଼ିଛନ୍ତି। ଆଉ ଫିଲ୍ମ ଶୈଳୀରେ କିଛି ଘଣ୍ଟା ମଧ୍ୟରେ ପୁଣି ମୁକୁଳି ଯାଇଛନ୍ତି। ପୁଷ୍ପା-୨ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ସହ ଶୁକ୍ରବାର ଏଭଳି ଘଟଣା ଘଟିଛି। ଗତ ୪ ତାରିଖରେ ପୁଷ୍ପା-୨ ପ୍ରିମିୟର ସମୟରେ ହାଇଦରାବାଦର ସନ୍ଧ୍ୟା ଥିଏଟର ସାମ୍ନାରେ ଦଳା ଚକଟା ହୋଇଥିଲା। ଆଉ ଏହି ଅଘଟଣରେ ଜଣେ ମହିଳା ପ୍ରାଣ ହରାଇଥିଲେ। ଅନେକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ ପୁଲିସ ଶୁକ୍ରବାର ଦ୍ୱିପହରରେ ଅଲ୍ଲୁ ଅର୍ଜୁନଙ୍କୁ ତାଙ୍କ ଶୋଇବା ଘରେ ପଶି ହେପାଜତକୁ ନେଇଥିଲା। ଖାଇବାପିଇବାକୁ ଏବଂ ପୋଷାକ ବଦଳାଇବାକୁ ମଧ୍ୟ ସମୟ ଦେଇ ନ ଥିଲା। ପତ୍ନୀଙ୍କୁ ବୁଝାଇବା ପରେ ଅଲ୍ଲୁଙ୍କୁ ଧରି ପୁଲିସ ଆସିଥିଲା। ପରେ ଗିରଫ କରି ପୁଷ୍ପାରାଜଙ୍କୁ ହାଇଦରାବାଦର ଏକ କୋର୍ଟରେ ଉପସ୍ଥାପନ କରିଥିଲା। ମାମଲାର ଶୁଣାଣି କରି କୋର୍ଟ ଅଭିନେତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଥିଲେ। ଏହା ପରେ ଅଭିନେତାଙ୍କୁ ଜେଲ୍‌କୁ ନିଆଯାଇଥିଲା। ଆଉ କିଛି ଘଣ୍ଟା ମଧ୍ୟରେ ସବୁ କିଛି ବଦଳି ଯାଇଥିଲା। ଅଭିନେତା ତେଲଙ୍ଗାନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସନ୍ଧ୍ୟା ୫ଟାରେ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହା ପରେ ଅଭିନେତା ଜେଲ୍‌ରୁ ବାହାରି ଥିଲେ। ଏହି ମାମଲାରେ ଅଲ୍ଲୁଙ୍କ ଅଙ୍ଗରକ୍ଷୀଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ହାଇକୋର୍ଟରେ ଅଲ୍ଲୁଙ୍କ ଓକିଲ ଶାହାରୁଖ ଖାନଙ୍କ ଚଳଚ୍ଚିତ୍ର ରଇସର ଉଦାହରଣ ଦେଇଥିଲେ। ଗୁଜରାଟରେ ପ୍ରମୋସନ ସମୟରେ ଶାହାରୁଖ ଟି-ସାର୍ଟ ଫୋପାଡ଼ିବା ଯୋଗୁଁ ଦଳାଚକଟା ମାମଲାରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ

**୧୪ ଦିନ ପାଇଁ ହେପାଜତକୁ ପଠାଇଥିଲେ ତଳକୋର୍ଟ**

**ଜେଲ୍‌ରେ ଘଣ୍ଟାଏ ରହିଲେ ଅଭିନେତା ପୁଷ୍ପାରାଜ**

ଦେଇଥିବା ଆଶ୍ୱସ୍ତି ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନା ପୁଲିସର ଦାବିକୁ ନେଇ ପ୍ରଶ୍ନ ଉଠିଛି। ଅଭିନେତା ନ ଜଣାଇ ଫିଲ୍ମ ହଲ୍‌କୁ ଆସିଥିଲେ ବୋଲି କୁହାଯାଇଛି। ମାତ୍ର ଥିଏଟର ପକ୍ଷରୁ ଏ ନେଇ ପୁଲିସକୁ ଲିଖିତ ଦରଖାସ୍ତ ଦିଆଯାଇଥିଲା ବୋଲି ଜଣାପଡ଼ିଛି। ଏହା ମଧ୍ୟରେ ମୃତ ମହିଳାଙ୍କ ସ୍ୱାମୀ ଏହି ଘଟଣାରେ ଅଭିନେତାଙ୍କର କୌଣସି ଦୋଷ ନାହିଁ ବୋଲି କହିଛନ୍ତି। ସେ ମାମଲା ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି।



ଏହି ଘଟଣାକୁ ନେଇ ବିରୋଧୀ ବିଆରଏସ ଏବଂ ବିଜେପି ରାଜ୍ୟର କଂଗ୍ରେସ ସରକାରଙ୍କୁ ଦୋଷ ଦେଇଛି। ସରକାର ନିଜ ଦୋଷ ଲୁଚାଇବାକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅଭିନେତାଙ୍କୁ ଦୋଷ ଦେଉଛନ୍ତି ବୋଲି ବିଜେପି ସାଂସଦ ଟି ରାଜା କହିଛନ୍ତି।

**ଆରଜିକେ ହସ୍ପିଟାଲ ଦୁଷ୍କର୍ମ-ହତ୍ୟା ମାମଲା**

# ଠିକଣା ସମୟରେ ଚାର୍ଜସିଟ୍ ଦେଇପାରିଲାନି ସିବିଆଇ; ସନ୍ଦୀପଙ୍କୁ ମିଳିଗଲା ଜାମିନ

କୋଲକାତା,୧୩।୧୨(ଏଜେନ୍ସି): ବହୁ ଚର୍ଚ୍ଚିତ କୋଲକାତା ଆରଜିକେ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣା ଶୁକ୍ରବାର ଭିନ୍ନ ମୋଡ଼ ନେଇଛି। ଏହି ଘଟଣାକୁ ପ୍ରାୟ ୪ ମାସ ପୂରିଥିଲେ ମଧ୍ୟ ଘଟଣାର ଯାଞ୍ଚ ଦାୟିତ୍ୱ ନେଇଥିବା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡ଼ାନ୍ତ ଚାର୍ଜସିଟ୍ ଦେବାକୁ ସମର୍ଥ ହୋଇନାହିଁ। ଫଳରେ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ଜାମିନ ମିଳିଛି। ଶୁକ୍ରବାର ସ୍ଥାନୀୟ ସିଆଲଦା କୋର୍ଟ ସନ୍ଦୀପଙ୍କୁ ଜାମିନ ପ୍ରଦାନ କରିବା ସହିତ ତଲା ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ମଧ୍ୟ ଜାମିନ ଦେଇଛନ୍ତି। କେବଳ ସେତିକି ନୁହେଁ, ପୀଡ଼ିତା ଡାକ୍ତରଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ମଧ୍ୟ ଏହି ମାମଲା ଆଉ ଲଢିବେ ନାହିଁ ବୋଲି ମନା କରିଦେଇଛନ୍ତି। ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ଚାର୍ଜସିଟ୍ ଦେଇପାରି ନଥିବାରୁ ବ୍ରିନ୍ଦା ଏହି ମାମଲାରୁ ଓହରିଯାଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ମାସ ୯ ତାରିଖ ମଧ୍ୟ ରାତ୍ରରେ ଆରଜିକେ ହସ୍ପିଟାଲର ଜଣେ ଜୁନିୟର ଡାକ୍ତରଙ୍କୁ ଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ହଙ୍ଗାମା ହେବା ପରେ ହାଇକୋର୍ଟଙ୍କ ଠାରୁ ଆରମ୍ଭ କରି



ସୁପ୍ରିମକୋର୍ଟ, ଆଇଏମଏ ଉଦ୍‌ବେଗ ପ୍ରକାଶ କରିଥିଲେ। ଡାକ୍ତରମାନଙ୍କୁ ସୁରକ୍ଷାଦ୍ୱୋ ସହିତ ଏହି ଘଟଣାରେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିକ୍ଷୋଭ, ଆନ୍ଦୋଳନ ଚାଲିଥିଲା। ଘଟଣାର କିଛି ଦିନ ପରେ ସିବିଆଇ ଯାଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲା ବେଳେ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାକଲ କରିବାକୁ ସିବିଆଇକୁ କୁହାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିପାରି ନାହିଁ।

**କ୍ରିମ୍ ଲଗାଇ ଗୋରା ହେଲେନି ଯୁବକ**

## କମ୍ପାନୀ ଉପରେ ୧୫ ଲକ୍ଷ ଜରିମାନା ଲଗାଇଲେ କୋର୍ଟ


ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି): ଗୋରା ହେବା ପାଇଁ ଅନେକ ଉତ୍ପାଦ ବଜାରରେ ମିଳୁଛି। ପ୍ରାୟ ସବୁ କମ୍ପାନୀ ନିଜ ଉତ୍ପାଦ ଲଗାଇଲେ ଗୋରା ହୋଇଯିବେ ବୋଲି ଦାବି କରୁଛନ୍ତି। ଏଥିପାଇଁ ବଡ଼ ବଡ଼ କଳାକାରଙ୍କୁ ନେଇ ବିଜ୍ଞାପନ ମଧ୍ୟ କରୁଛନ୍ତି। ଅନୀଲ ଜୈନ ନାମକ ଜଣେ ଯୁବକ ଗୋରା ହେବାକୁ ଚାହୁଁଥିଲେ। ସେ ନିୟମିତ କ୍ରିମ ଲଗାଇଲେ ଗୋରା ହେଉଥିବା ବିଜ୍ଞାପନ ଦେଖିବାକୁ ପାଇଥିଲେ। ପରେ ୭୯ ଟଙ୍କା ଦେଇ ‘ଫେୟାର ଆଣ୍ଡ ହ୍ୟାଣ୍ଡସମ୍’ କ୍ରିମ୍ କିଣିଥିଲେ। ବ୍ୟବହାରର ନିୟମାବଳୀ ଦେଖି ସବୁ କିଛି କରିଥିଲେ ମଧ୍ୟ ତାଙ୍କୁ କୌଣସି ଫଳାଫଳ ମିଳି ନ ଥିଲା। ଯୁବକ ଜମାରୁ ଗୋରା ହୋଇ ନ ଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଯୁବକ କ୍ରିମ୍ କମ୍ପାନୀ ଇମାମୀ ବିରୋଧରେ ମାମଲା ଦାଏଲ କରିଥିଲେ। କମ୍ପାନୀ ବିଜ୍ଞାପନରେ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ଦାବି କରିଥିଲେ। ଦାବି ମୁତାବକ ଉତ୍ପାଦ ଫଳାଫଳ ଦେଉନାହିଁ ବୋଲି କହିଥିଲେ। ଗତ ସୋମବାର ‘ସେଣ୍ଟ୍ରାଲ ଦିଲ୍ଲୀ ଡିଷ୍ଟ୍ରିକ୍ଟ କଞ୍ଜୁମର ଡିସ୍‌ପ୍ୟୁଟ ରିଡ୍ରେସାଲ କମିଶନ’ ୨୦୧୩ର ଏହି ମାମଲାର ଶୁଣାଣି କରି ଯୁବକଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଦାବି ମୁତାବକ ଫଳାଫଳ ଦେବାରେ ବିଫଳ ହୋଇଥିବା ପାଇଁ ଇମାମୀ ଲିମିଟେଡ ଉପରେ ୧୫ ଲକ୍ଷ ଟଙ୍କା ଜୋରିମାନା ଲଗାଇଛନ୍ତି। କଞ୍ଜୁମର କୋର୍ଟ ଶୁଣାଣି ସମୟରେ କମ୍ପାନୀକୁ ସମାଲୋଚନା କରିଛନ୍ତି। କମ୍ପାନୀ ଚଳାଇଥିବା ବିଜ୍ଞାପନ ଭ୍ରମାତ୍ମକ ବୋଲି କହିଛନ୍ତି। ବେପାର ପାଇଁ ଅନୁଚିତ ଉପାୟ ଅବଲମ୍ବନ କରାଯାଉଥିବା ମତ ଦେଇଛନ୍ତି।

## ଜାମିନ ସତ୍ତ୍ୱେ ଜେଲ୍‌ରୁ ବାହାରିବେନି ପାର୍ଥ

କୋଲକାତା,୧୩।୧୨(ଏଜେନ୍ସି): ମନି ଲଣ୍ଡରିଂ ମାମଲା ସମେତ ‘କ୍ୟାଶ୍ ଫର ଜବ୍’ ଘୋଟାଲାରେ ଗିରଫ ହୋଇ ଦୁଇ ବର୍ଷରୁ ଅଧିକ ସମୟଧରି ଜେଲରେ ରହିଥିବା ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ସୁପ୍ରିମକୋର୍ଟ ଆଗୁଆ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କିନ୍ତୁ ଏହାସତ୍ତ୍ୱେ ପାର୍ଥ ଜେଲରୁ ମୁକୁଳିପାରିବେନି। କାରଣ ତାଙ୍କ ବିରୋଧରେ ଗୋଟିଏ କି ଦୁଇଟା ନୁହେଁ, ସିବିଆଇ ଏବଂ ଇଡି ଦ୍ୱାରା ୮ଟି ମାମଲା ରୁଜୁ କରାଯାଇଛି। ସୁପ୍ରିମକୋର୍ଟ ଶୁକ୍ରବାର ପାର୍ଥଙ୍କ ଜାମିନ ଆବେଦନର ଶୁଣାଣି କରି ଆବଶ୍ୟକ ସର୍ତ୍ତ ପୂରଣ କରିବା ପରେ ୨୦୨୫ ଫେବୃଆରୀ ୧ରେ ପାର୍ଥ ଜାମିନରେ ମୁକୁଳିପାରିବେ ବୋଲି କହିଥିଲେ। କିନ୍ତୁ ତାଙ୍କ ବିରୋଧରେ ଆହୁରି ମାମଲା ରହିଥିବାରୁ ସେ ଜେଲରୁ ମୁକୁଳିବା ସହଜ ହେବ ନାହିଁ ବୋଲି କୁହାଯାଉଛି।

**ଇଣ୍ଡିଗୋ ବିମାନ ଆସିବାରେ ବିଳମ୍ବ**

## ଇସ୍ତାନ୍‌ବୁଲ୍‌ରେ ୨୪ ଘଣ୍ଟା ଧରି ପଡ଼ିରହିଲେ ଯାତ୍ରୀ



ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି): ବିମାନ ଚଳାଚଳରେ ବିଳମ୍ବ ହେତୁ ତୁର୍କୀରୁ ଦିଲ୍ଲୀ ଏବଂ ମୁମ୍ବଇ ଆସିବାକୁ ଥିବା ୪୦୦ରୁ ଅଧିକ ଯାତ୍ରୀ ୨୪ ଘଣ୍ଟା ଧରି ଇସ୍ତାନବୁଲ ବିମାନ ବନ୍ଦରରେ ପଡ଼ି ରହିବା ଖବର ସାମ୍ନାକୁ ଆସିଛି। ଏହି ସମସ୍ତ ଯାତ୍ରୀ ଇସ୍ତାନବୁଲ୍‌ରୁ ଇଣ୍ଡିଗୋ ବିମାନରେ ଦିଲ୍ଲୀ ଏବଂ ମୁମ୍ବଇ ଆସିବାର ଥିଲା। ଯାତ୍ରୀମାନେ ବିମାନ ଛାଡିବାର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବିମାନ ବନ୍ଦରରେ ପହଞ୍ଚିଥିଲା ବେଳେ ପ୍ରଥମେ ବିମାନ ପହଞ୍ଚିବାରେ ଦେଢରୁ ଦୁଇ ଘଣ୍ଟା ବିଳମ୍ବ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପରେ ପରେ ବିଳମ୍ବ ବଢି ଚାଲିଥିଲା। ଏପରିକି ଧାର୍ଯ୍ୟ ସମୟ ଠାରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବିମାନ ଆସି ନଥିଲା। ଏହାଦ୍ୱାରା ଶହ ଶହ ଯାତ୍ରୀ ବିମାନ ବନ୍ଦରରେ ଅଟକି ରହିବା ସହିତ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏପରିକି ଶୋଇବା ଏବଂ ଖାଇବା ପାଇଁ ମଧ୍ୟ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିଲା ବୋଲି ଯାତ୍ରୀମାନେ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। କେବଳ ଖାଇବା ପିଇବା କଥା ନୁହେଁ, ଏଭଳି ତ୍ରୁଟି ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କ ଉ।।ଦ୍ଦେଶ୍ୟରେ ସମ୍ବେଦନଶୀଳ ନ ହେବା ମଧ୍ୟ ଯାତ୍ରୀମାନଙ୍କୁ କ୍ଷୁବ୍ଧ କରିଛି।

# ଇଡି ଅତ୍ୟାଚାରରେ ବ୍ୟବସାୟୀ ଦମ୍ପତିଙ୍କ ଆତ୍ମହତ୍ୟା

ଭୋପାଳ, ୧୩।୧୨ (ଏଜେନ୍ସି): ମଧ୍ୟପ୍ରଦେଶ ସିହୋର ଜିଲ୍ଲା ଆଷ୍ଟାରେ ବ୍ୟବସାୟୀ ମନୋଜ ପରମାର ଏବଂ ତାଙ୍କ ପତ୍ନୀ ନେହା ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ସକାଳେ ଘରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଏଠାରୁ ୫ ପୃଷ୍ଠାର ସୁଇସାଇଡ ନୋଟ୍ ଜବତ କରାଯାଇଛି। ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିରୋଧରେ ଗୁରୁତର ଅଭିଯୋଗ ଲଗାଯାଇଛି। ଇଡି ଚାପରେ ଦମ୍ପତି ଏଭଳି ଚରମ ନିଷ୍ପତ୍ତି ନେଲେ ବୋଲି ଅଭିଯୋଗ କରାଯାଇଛି। ବିଜେପିରେ ସାମିଲ ହୋଇଥିଲେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥାଆନ୍ତା ବୋଲି ଇଡି ପକ୍ଷରୁ ତାଙ୍କୁ କୁହାଯାଇଥିଲା। ଏହା ପୂର୍ବରୁ ୮ ଦିନ ତଳେ ଗତ ୫ ତାରିଖରେ ଇଡି ପରମାରଙ୍କ ଇନ୍ଦୋର ଏବଂ ସିହୋର ସ୍ଥିତ ଚାରି ଠିକଣାରେ ଚଢ଼ଉ କରିଥିଲା। ଏଠାରୁ ଅନେକ ସ୍ଥାବର-ଅସ୍ଥାବର ଏବଂ ବେନାମୀ ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଥିଲା। ଏହା ସହିତ ୩.୫ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ ଜବତ କରି ଦିଆଯାଇଥିଲା। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୬ କୋଟି ଟଙ୍କାର ଋଣ ଠକେଇ ମାମଲାରେ ଏହି ପଦକ୍ଷେପ ନିଆଯାଇଥିଲା। ଏହି ମାମଲାରେ ପରମାରଙ୍କୁ ଗିରଫ କରାଯାଇଥିଲା। ସେ ଏହାକୁ ନେଇ ଚିନ୍ତାରେ ଥିଲେ।

ଇଡିର ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଡ଼ି ଦେଖାଯାଉଛି। ବିଜେପି ପ୍ରତିଶୋଧପରାୟଣ ହୋଇ ଇଡି ଦ୍ୱାରା ପରମାରଙ୍କ ଉପରେ ଚାପ ପକାଇଥିଲା

**ବିଜେପିରେ ଥିଲେ ମାମଲା ହୋଇ ନ ଥାଆନ୍ତା କହିଥିଲେ ଇଡି ସହାୟକ ନିର୍ଦ୍ଦେଶକ**

ବୋଲି କୁହାଯାଉଛି। ରାହୁଲଙ୍କ ନ୍ୟାୟଯାତ୍ରା ସମୟରେ ମନୋଜ ତାଙ୍କୁ କୁମ୍ପା ଉପହାର ଦେଇଥିଲେ। ଏହା ପରଠୁ ସେ ଚର୍ଚ୍ଚାରେ ରହିଥିଲେ। ଏହି ଘଟଣା ପରଠାରୁ ବିଜେପି ତାଙ୍କୁ ନିଶାଣ କରୁଥିଲା ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ମନୋଜଙ୍କ ତିନି ସନ୍ତାନ ଅଛନ୍ତି। ତାଙ୍କ ବଡ଼ ପୁଅ ଜତିନ (୧୬) କହିଛନ୍ତି ଯେ ଇଡି ଅଧିକାରୀ ମାନସିକ ଚାପ ପକାଉ ଥିଲେ।



ଏଥିପାଇଁ ମାତାପିତା ଆତ୍ମହତ୍ୟା କଲେ। ମନୋଜଙ୍କ ଭାଇ ତଥା ହର୍ଷପୁରର ସରପଞ୍ଚ ରାଜେଶ ପରମାର କହିଛନ୍ତି ଯେ ଇଡି ଚାପରେ ଭାଇ ଚିନ୍ତିତ ଥିଲେ। ବିଜେପି ଲୋକ ମଧ୍ୟ ସମସ୍ୟା ସୃଷ୍ଟି କରୁଥିଲେ। ଏଥିପାଇଁ ସେ ଏହି ପଦକ୍ଷେପ ନେଇଥିଲେ।

ପୁଲିସ ସୂଚନା ଅନୁଯାୟୀ ମନୋଜଙ୍କ ସୁଇସାଇଡ ନୋଟରେ ଇଡି ଚଢ଼ଉ ବିଷୟରେ ଲେଖାଯାଇଛି। ଅଧିକାରୀ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ମଧ୍ୟ ଲଗାଇଛନ୍ତି। ଏଥିରେ କୁହାଯାଇଛି ଯେ ଗତ ୫ ତାରିଖରେ ଇଡି ଚଢ଼ଉ କରି ୧୦ ଲକ୍ଷ ଟଙ୍କା, ଅଳଙ୍କାର ଏବଂ ଅସଲି କାଗଜପତ୍ର ନେଇ ପଳାଇ ଥିଲା। ଇଡିର ସହାୟକ ନିର୍ଦ୍ଦେଶକ ସଞ୍ଜିତ କୁମାର ସାହୁ ଗାଳି କରି ବାଡ଼େଇ ଥିଲେ। ଭଗବାନ ଶିବଙ୍କ ମୂର୍ତ୍ତି ଭାଙ୍ଗି ଦେଇଥିଲେ। ବିଜେପିରେ ଥିଲେ ମାମଲା ଚାଲି ନ ଥାଆନ୍ତା ବୋଲି କହିଥିଲେ। ସଞ୍ଜିତ କୁମାର ତାଙ୍କ କାନ୍ଧରେ ପାଦ ରଖିଥିଲେ। ପିଲାଙ୍କୁ ବିଜେପିରେ ସାମିଲ କରି ରାହୁଲଙ୍କ ବିରୋଧରେ ଭିଡିଓ ପ୍ରସ୍ତୁତ କରିବାକୁ ଚାପ ପକାଇ ଥିଲେ। ସେ ବୟାନ ନ ନେଇ ନିଜେ ଏହା ଲେଖିଥିଲେ। ସ୍ୱାକ୍ଷର ମଧ୍ୟ କରାଇ ନେଇଥିଲେ। ଘରୁ ଫୋନ୍ ଏବଂ କାଗଜପତ୍ର ନେଇ ଯାଇଥିଲେ। ଏତେ ଧାରା ଲଗାଇବୁ ଯେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ସତ୍ତ୍ୱେ ବି ହଟିବନି ବୋଲି ଅଧିକାରୀ କହିଥିଲେ। ତେଣୁ ମାମଲାର ରଫାଦଫା କରି ମୁକ୍ତ ହେବାକୁ ଚାପ ପକାଇ ଥିଲେ।

## ଓଡ଼ିଶା ବିଜେପି 'ଏକ୍ସ' ହ୍ୟାଣ୍ଡଲରେ ନବୀନଙ୍କ ବିକୃତ ଫଟୋ

# ବିଜେପିର ମାନସିକତାକୁ ରାଜ୍ୟବ୍ୟାପୀ ନିନ୍ଦା

**ଭୁବନେଶ୍ୱର,୧୩।୧୨(ସମିସ):** ଦେଶର ସାମ୍ପ୍ରତିକ ରାଜନୀତିରେ ସବୁଠାରୁ ଭଦ୍ର ଓ ଶାଳୀନ ରାଜନେତା ଭାବରେ ନବୀନ ପଟ୍ଟନାୟକଙ୍କ ସ୍ଥାନ ସବୁଠୁ ଊର୍ଦ୍ଧ୍ୱରେ। କାହାକୁ ସମାଲୋଚନା ତ ଦୂରର କଥା କାହା ପ୍ରତି ସେ କଟୁ ଶବ୍ଦ ପ୍ରୟୋଗ କରିବାର ଦୃଷ୍ଟାନ୍ତ ନାହିଁ । ମାତ୍ର ରାଜନୀତିରେ ସର୍ବଦା ନୀଚ ମାନସିକତା ପୋଷଣ କରୁଥିବା ଓଡ଼ିଶାର ବିଜେପି ନେତାମାନେ ଯେପରି ନିଜ ସୋସିଆଲ ମିଡ଼ିଆ ହ୍ୟାଣ୍ଡଲରେ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ବିକୃତ ଓ କୁତ୍ସିତ ଫଟୋ ପୋଷ୍ଟ କରିଛନ୍ତି, ସେଥିରୁ ବିଜେପି ରାଜନୀତିର ସଂଜ୍ଞା ଓ ସୌଜନ୍ୟକୁ ଦଳିମକଚି ଦେଇଥିବା ଅନୁଭୂତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବାକୁ ଯାଇ ଅତ୍ୟନ୍ତ ଅରୁଚିକର ଭାବରେ ନବୀନଙ୍କ ବିକୃତ ଫଟୋ ପୋଷ୍ଟ କରିଛି।

ରାଜ୍ୟରେ ସୃଷ୍ଟି ହୋଇଥିବା ଆଳୁ ସଙ୍କଟର ସମାଧାନରେ ବିଜେପି ସରକାର ବିଫଳ ହୋଇଥିବାବେଳେ ଏଥିପାଇଁ ଅରୁଚିକର ଓ କୁତ୍ସିତ ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିଛି । ରାଜନୀତିରେ ଆରୋପ-ପ୍ରତ୍ୟାରୋପ ଏକ ସାଧାରଣ ଘଟଣା ଓ ମର୍ଯ୍ୟାଦାଜନକ ଭାବରେ ସମାଲୋଚନା ରାଜନୀତିର ସୌନ୍ଦର୍ଯ୍ୟକୁ ପରିସ୍ଫୁଟ କରିଥାଏ । ମାତ୍ର ବିଜେପି ଯେପରି ସୌଜନ୍ୟତାର ସବୁ ସୀମା ଅତିକ୍ରମ କରିଛି ତାହାକୁ ନେଇ ରାଜ୍ୟସାରା ସୃଷ୍ଟି ହୋଇଛି ଆଲୋଡ଼ନ। ସାମାଜିକ ଗଣମାଧ୍ୟମରେ ଏଥିପାଇଁ

### ସାମାଜିକ ଗଣମାଧ୍ୟମରେ ବିଜେପିକୁ କଟୁ ସମାଲୋଚନା

### କଡ଼ା ସମାଲୋଚନା କଲେ ବିଜେଡିର ସମସ୍ତ ସାତ ସାଂସଦ

### ଦଳମତ ନିର୍ବିଶେଷରେ ସବୁ ମହଲରେ ଉଠିଲା ବିରୋଧର ସ୍ୱର

ବିଜେପି ୟୁଜରମାନଙ୍କର କଟୁ ସମାଲୋଚନାର ଶରବ୍ୟ ହୋଇଛି । ବିଜେଡିର ସମସ୍ତ ୭ ଜଣ ସାଂସଦ ଏଥିପାଇଁ ମଧ୍ୟ କଡ଼ା ଭାଷାରେ ବିଜେପିକୁ ସମାଲୋଚନା କରିଛନ୍ତି, ଦଳମତ ନିର୍ବିଶେଷରେ ଅନ୍ୟ ରାଜନୈତିକ ଦଳର ନେତାମାନେ ମଧ୍ୟ ବିଜେପିର କାର୍ଯ୍ୟକୁ ନିନ୍ଦା କରିଛନ୍ତି ।

ନବୀନଙ୍କ ବିକୃତ ଫଟୋ ପ୍ରସାରଣକୁ ନେଇ ବିଜେଡି ସାଂସଦମାନେ ଟ୍ୱିଟ୍ କରି କ୍ଷୋଭ ପ୍ରକାଶ କରିଛନ୍ତି। ସାଂସଦ ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ, ମୁନ୍ନା ଖାଁ, ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି ପ୍ରମୁଖ ପ୍ରଧାନମନ୍ତ୍ରୀ ମୋଦୀଙ୍କଠାରୁ ଆରମ୍ଭ କରି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ପର୍ଯ୍ୟନ୍ତ ଟ୍ୟାଗ୍ କରି ରାଜ୍ୟ ବିଜେପିର ହୀନ ମାନସିକତାକୁ ସମାଲୋଚନା କରିଛନ୍ତି । ଗତ ନିର୍ବାଚନରେ ଓଡ଼ିଶାରେ ବିଜେପିଠାରୁ ବିଜେଡି ଅଧିକ ଭୋଟ ପାଇଛି, ମାତ୍ର ଆସନ ଗଣିତରେ ବିଜେପି ସରକାର ଗଠନ କରିବା ପରେ ଅହଂକାରୀ ମନୋଭାବ ପୋଷଣ କରିବାକୁ ବିଜେଡି ସାଂସଦମାନେ ନିନ୍ଦା କରିଛନ୍ତି। ନିଜ ବିଫଳତାକୁ ଲୁଚାଇବାପାଇଁ ବିଜେପି ଯେଉଁ ଢ଼ଙ୍ଗରେ କାର୍ଯ୍ୟ କରିଛି ତାହା କେବେ ବି ଭଦ୍ରୋଚିତ ବୋଲି କୁହାଯାଇ ପାରିବ ନାହିଁ। ଏହିପରି ଆଚରଣ ପାଇଁ ସାରା ଦେଶରେ ବିଜେପି ନିନ୍ଦିତ ହେଉଛି। ଏହା ସତ୍ତ୍ୱେ ବିଜେପି ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇ ନବୀନ ପଟ୍ଟନାୟକ ଯେପରି ଉଦାରତା ପ୍ରଦର୍ଶନ କରିଥିଲେ, ତାହାକୁ ସାରା ଦେଶ ପ୍ରଶଂସା କରିଥିଲା। ଜାତୀୟ ଗଣମାଧ୍ୟମଗୁଡ଼ିକ ନବୀନଙ୍କ ଉଦାରତାକୁ ଭୂରିଭୂରି ପ୍ରଶଂସା କରିବା ସହ ତାଙ୍କଠାରୁ ରାଜନୈତିକ ସୌଜନ୍ୟତା ଅନ୍ୟ ରାଜନୈତିକ ଦଳଗୁଡ଼ିକ ଶିକ୍ଷା କରିବା ଆବଶ୍ୟକ ବୋଲି କହିଥିଲେ। ମାତ୍ର ଏହା ସତ୍ତ୍ୱେ ବିଜେପି ଏହି ସୌଜନ୍ୟତାର ଅର୍ଥ ବୁଝି ପାରିଲା ନାହିଁ।

ବରିଷ୍ଠ ରାଜନେତା ସୁରେଶ ରାଉତରାୟ ବିଜେପି ଆଇଟି ସେଲ୍‌ର ଏପରି କାର୍ଯ୍ୟକୁ କଟୁ ନିନ୍ଦା କରିଛନ୍ତି । ସେ କହିଛନ୍ତି ନବୀନ ପଟ୍ଟନାୟକ ହିମାଳୟ ସଦୃଶ। ବିଜେପି ଭୟରେ ନବୀନଙ୍କ କୁତ୍ସାରଟନା କରୁଛି। ୬ ମାସ ମଧ୍ୟରେ ବିଜେପି ସରକାର କିଛି କରିପାରି ନାହିଁ, ତେଣୁ ଭୟଭୀତ ହୋଇ ଅରୁଚିକର ଭାବରେ ନବୀନଙ୍କୁ ସମାଲୋଚନା କରୁଛନ୍ତି ବୋଲି ସୁରେଶ କହିଛନ୍ତି। ସେହିପରି ବିଜେଡି ସାଂସଦ ମାନସ ମଙ୍ଗରାଜ କଠୋର ଶବ୍ଦରେ ବିଜେପିର ଏପରି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ନବୀନଙ୍କ ପରି ଉତ୍ତୁଙ୍ଗ ରାଷ୍ଟ୍ରନାୟକଙ୍କ ପ୍ରତି ବିଜେପିର ଏପରି ନିମ୍ନରୁଚିର ସମାଲୋଚନା କେବେ ବି ରାଜ୍ୟବାସୀ ଗ୍ରହଣ କରିବେ ନାହିଁ। ଗଣତନ୍ତ୍ରରେ ସମାଲୋଚନା ଏକ ସାଧାରଣ କଥା, ମାତ୍ର ଏହା ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ସାଂସଦ ସସ୍ମିତ ପାତ୍ର ମଧ୍ୟ ଅତ୍ୟନ୍ତ କଠୋର ଭାବରେ ବିଜେପି ଆଇଟି ସେଲ୍‌ର ଏପରି କାର୍ଯ୍ୟକୁ ସମାଲୋଚନା କରି ଦଳର ଜାତୀୟ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସାଢ଼େ ଚାରିକୋଟି ଲୋକଙ୍କ ଆଦର ଜନନେତା ତଥା ମୁଖ୍ୟମନ୍ତ୍ରୀ ଭାବରେ ୨୪ ବର୍ଷ କାର୍ଯ୍ୟ କରିଥିବା ଜଣେ ଉତ୍ତୁଙ୍ଗ ଜନନାୟକଙ୍କ ପ୍ରତି ଏପରି ଅଶୋଭନୀୟ ଆଚରଣ ଗ୍ରହଣୀୟ ନୁହେଁ ବୋଲି ସସ୍ମିତ କହିଛନ୍ତି ।

ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ମଧ୍ୟ ବିଭିନ୍ନ ବର୍ଗର ଲୋକମାନେ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ନିଜ ସରକାରର ଆଳୁ ବିଫଳତାକୁ ଲୁଚାଇବା ପାଇଁ ବିଜେପି ସରକାର ନାଟକ କରୁଥିବା ଅଭିଯୋଗ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଆଳୁ କିଲୋ ୨୦/୩୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ ତାହା ୬୦/୭୦ ଟଙ୍କାରେ ପହଞ୍ଚିଛି ବୋଲି ଲୋକମାନେ ଲେଖିଛନ୍ତି। ଅନନ୍ତ ମହାନ୍ତି ନାମକ ଜଣେ ୟୁଜର ଆଳୁ ମିଶନ ସଫଳ ହେଉ କି ନ ହେଉ, ଲୋକମାନେ ୨୦ ଟଙ୍କାରେ ଆଳୁ କିଣୁଥିଲେ ଓ ଏବେ ତାହା ୬୦ରେ ପହଞ୍ଚିଲାଣି ବୋଲି ଲେଖିଛନ୍ତି।

■ ନବୀନ ନିବାସରେ ବିଜେଡି ନେତା

# ଦଳ ସହ ଯୋଡ଼ି ହୋଇ ରୁହ, ଲୋକଙ୍କ ସେବା କର



**ଭୁବନେଶ୍ୱର,୧୩।୧୨(ସମିସ):** ପୂର୍ବ ପରି ଲୋକଙ୍କ ସହ ଯୋଡ଼ି ରୁହ। ଲୋକଙ୍କ ସେବା କର। ନବୀନ ନିବାସରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ନେତାଙ୍କୁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦେଇଛନ୍ତି ଉପରୋକ୍ତ ପରାମର୍ଶ ଦେଇଛନ୍ତି। ଶାସନରେ ରହିବା କିମ୍ବା ନରହିବା ଆଦୌ ବଡ଼ କଥା ନୁହେଁ। ଜନସାଧାରଣଙ୍କ ସେବା ହିଁ ବିଜେଡିର ସବୁବେଳେ ଆଭିମୁଖ୍ୟ ରହିଆସିଛି। ତେଣୁ ଯେତେଦୂର ସମ୍ଭବ, ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ବୁଝି ତାଙ୍କ ସହ ଯୋଡ଼ି ହୋଇ ରହିବାକୁ ନବୀନ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହାସହ ତୃଣମୂଳ ସ୍ତରରେ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ବିଜେଡି ସୁପ୍ରିମୋ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ନବୀନ ନିବାସରେ ୪୦ରୁ ଊର୍ଦ୍ଧ୍ୱ ବରିଷ୍ଠ ବିଜେଡି ନେତା ନବୀନଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସଂଗଠନ ବିଶେଷକରି ସଦସ୍ୟତା ଅଭିଯାନ ସମ୍ପର୍କରେ ନବୀନ ନେତାମାନଙ୍କ ସହ ବିଶେଷ ଭାବେ ଆଲୋଚନା କରିଥିଲେ। ଆସନ୍ତା ୨୦ ତାରିଖ ଭିତରେ ନବୀନଙ୍କ

### ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

### ୨୦ ତାରିଖ ସୁଦ୍ଧା ସବିଶେଷ ରିପୋର୍ଟ ଦିଅ

ନିକଟରେ ଏନେଇ ସବିଶେଷ ରିପୋର୍ଟ ଦାଖଲ ପାଇଁ ବୈଠକରେ ସମୟସୀମା ଦିଆଯାଇଥିବା ଜଣାପଡ଼ିଛି। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଦସ୍ୟତା ଅଭିଯାନ ଟାର୍ଗେଟକୁ ବଢ଼ାଇବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଅଧିକରୁ ଅଧିକ ଲୋକଙ୍କୁ ଦଳ ସହ ଯୋଡ଼ିବା ପାଇଁ ନେତାମାନେ କାର୍ଯ୍ୟକରିବାକ ଏବଂ ତୃଣମୂଳ ସ୍ତରରେ ସୁସଂଗଠିତ ହୋଇ ଦଳ କେମିତି ଆଗକୁ ବଢିବ ତାକୁ ନେଇ ନବୀନ ଗୁରୁମନ୍ତ୍ର ଦେଇଥିବା ଜଣାପଡ଼ିଛି। ବୈଠକ ସମାପ୍ତ ପରେ ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ କହିଛନ୍ତି ଯେ ଏବେବି ନବୀନ ବାବୁଙ୍କ ସହ ଲୋକଙ୍କ ଭାବାବେଗ ଏବଂ ଭଲପାଇବା ଯୋଡ଼ି ହୋଇ ରହିଛି। ତେଣୁ ସଦସ୍ୟତା ଅଭିଯାନ ପାଇଁ ଅସୁବିଧା ହେଉନି। ଏଥର ବହୁସଂଖ୍ୟାରେ ସାଧାରଣ ଲୋକେ ଦଳ ସହ ଯୋଡ଼ି ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# କେବିସିରେ ୫୦ ଲକ୍ଷ ଜିତିଲେ ଚୌଦ୍ୱାରର ପଙ୍କଜିନୀ



**ଭୁବନେଶ୍ୱର୧୩।୧୨(ସମିସ):** ରିୟଲିଟି ଶୋ' କୌନ୍ ବନେଗା କରୋଡପତିରେ ଜଲୱା ଦେଖାଇଛନ୍ତି କଟକ ଚୌଦ୍ୱାରର ମହିଳା ବ୍ୟବସାୟୀ ପଙ୍କଜିନୀ ଦାଶ। ୫୦ ଲକ୍ଷ ଟଙ୍କା ଜିତି ସେ କେବିସିରୁ ଓହରି ଯାଇଛନ୍ତି। ୧ କୋଟି ଟଙ୍କାର ଅନ୍ତିମ ପ୍ରଶ୍ନର ଉତ୍ତର ସେ ଜାଣିଥିଲେ ସୁଦ୍ଧା କୌଣସି ରିସ୍କ ନେବାକୁ ଚାହିଁ ନଥିଲେ। ଏହି ସଫଳତା ପଛରେ ତାଙ୍କ ପରିବାର, ସ୍ୱାମୀ ଓ ପୁଅର ବଡ଼ ଭୂମିକା ରହିଥିବା ସେ କହିଛନ୍ତି।୨୪ବର୍ଷ ଧରି ସେ ଏହି ଶୋ'ରେ ଭାଗ ନେବାକୁ ପ୍ରୟାସ କରୁଥିବା ବେଳେ ଶେଷରେ ତାଙ୍କର ଇଚ୍ଛା ପୂରଣ ହୋଇଛି। ଶୋ'ର ହୋଷ୍ଟ ଅମିତାଭ ବଚନଙ୍କ ସହ ସିଧାସଳଖ କଥା ହେବାର ସୁଯୋଗ ପାଇବା ଏହି ଲୋକପ୍ରିୟ ଶୋ'ରେ ଭାଗ ନେଇ ସେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ତେବେ ପଙ୍କଜିନୀ ଜଣେ ଫାର୍ମାସିଷ୍ଟ ହୋଇଥିବା ବେଳେ ମା' ଶରାଳା ନାମକ ଏକ ମେଡ଼ିକାଲ ଷ୍ଟୋର ଚଳାଉଛନ୍ତି। ପରିବାରର ଦେଖାଶୁଣା କରିବା ସହ ସ୍ୱାମୀ, ପିଲାମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ସହ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ସେ ଲୋକପ୍ରିୟତା ହାସଲ କରିଥିବାରୁ ତାଙ୍କର କାର୍ଯ୍ୟଦକ୍ଷତାକୁ ଅମିତାଭ ବଚନ୍ ସାଧୁବାଦ ଜଣାଇଛନ୍ତି। ଏହି ଶୋ'ରେ ତାଙ୍କ ସହ ତାଙ୍କ ପୁଅ ଅର୍ଜୁନ ଉପସ୍ଥିତ ରହିଥିବା ବେଳେ ଏଥିରେ ଭାଗ ନେବାକୁ ପୁଅର ମଧ୍ୟ ବହୁ ସହଯୋଗ ରହିଥିବା ପଙ୍କଜିନୀ କହିଛନ୍ତି।

## ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ-୧୯୮୩ରେ ସଂଶୋଧନ

# ମିଳିଥିବା ଜମିକୁ ବିକିପାରିବେନି ବାସହୀନ

### ବାସହୀନଙ୍କୁ ୧୦ ଡିସିମିଲ ବଦଳରେ ସର୍ବାଧିକ ୪ ଡିସିମିଲ ଜମି ମିଳିବ

### ଜମିଜମା ଆପତ୍ତି, ପରାମର୍ଶ ଶୁଣିବା ପାଇଁ ମିଳିବ ୩୦ ଦିନର ମହଲତ

**ଭୁବନେଶ୍ୱର,୧୩।୧୨(ସମିସ):** ଏଣିକି ରାଜ୍ୟରେ ବାସହୀନଙ୍କୁ ସରକାର ଦେଉଥିବା ଜମି ବିକ୍ରି(ହସ୍ତାନ୍ତର) ହୋଇପାରିବ ନାହିଁ। କେବଳ ବଂଶାନୁକ୍ରମିକ ସୂତ୍ରରେ ଏହି ଜମିକୁ ଉପଯୋଗ କରିହେବ। ଗୁରୁବାର ରାଜସ୍ୱ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ବାସହୀନଙ୍କୁ ସର୍ବାଧିକ ୧୦ଡିସିମିଲ୍ ଜମି ଦେବାର ବ୍ୟବସ୍ଥା ଥିବାବେଳେ ଏଣିକି ସର୍ବାଧିକ ୪ ଡିସିମିଲ ଜମି ମିଳିବ। ଅପରପକ୍ଷେ ଯଦି କୌଣସି ପରିବାର ଏକାଠି ରହୁଥିବେ, ସେମାନଙ୍କର ବାସଜମିର ପରିମାଣ ୪ଡିସିମିଲରୁ କମ୍ ଥିବ ଏବଂ ତାହା ଚଳିବା ପାଇଁ ଯଥେଷ୍ଟ ହେଉ ନ ଥିବ, ତା'ହେଲେ ସମ୍ପୃକ୍ତ ପରିବାର ଅବଶିଷ୍ଟ ଜମି(ସର୍ବାଧିକ ୪ଡିସିମିଲ ପର୍ଯ୍ୟନ୍ତ) ପାଇବାକୁ ମଧ୍ୟ ଯୋଗ୍ୟ ହେବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ-୧୯୮୩ରେ ସଂଶୋଧନ କରାଯାଇଛି। ଏହି ଚିଠା ସଂଶୋଧନ ବିଜ୍ଞପ୍ତିକୁ ରାଜସ୍ୱ ବିଭାଗ ଗୁରୁବାର ଜାରି କରିଛି। ଏହାସହ ବିଭାଗ ମଧ୍ୟ ସାଧାରଣ ଲୋକଙ୍କଠୁ ଆପତ୍ତି-ପରାମର୍ଶ ଲୋଡ଼ିଛି। ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ପର୍ଯ୍ୟନ୍ତ ଆପତ୍ତି, ପରାମର୍ଶ ଦେବାକୁ କୁହାଯାଇଥିବା ବେଳେ ଏହାଉପରେ ରାଜ୍ୟ ସରକାର ବିଚାର ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ବିଭାଗର ବିଜ୍ଞପ୍ତି ଅନୁଯାରେ ଏହି ଚିଠା ସଂଶୋଧନ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ(ଦ୍ୱିତୀୟ ସଂଶୋଧନ) ନିୟମାବଳୀ-୨୦୨୪ ଭାବେ ବିବେଚନା କରାଯିବ। ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ-୧୯୮୩ର ନିୟମ-୨ର ଉପନିୟମ(୧)ରେ 'ଗୋଟିଏ ଏକରର ୨୫ଭାଗରୁ ଭାଗେ' ଜମି ଉଲ୍ଲେଖ କରାଯାଇଛି। ଅର୍ଥାତ୍ ବାସହୀନଙ୍କୁ ଏଣିକି ୪ଡିସିମିଲ ଜମି ମିଳିପାରିବ। ସେହିପରି ଉପଧାରା-୨ରେ ଥିବା ପ୍ରାବଧାନ ବଦଳରେ ବାସହୀନ ବ୍ୟକ୍ତିଙ୍କୁ ଦିଆଯାଉଥିବା ଜମିକୁ ହସ୍ତାନ୍ତର ଯୋଗ୍ୟ(ଖର୍ଦ୍ଦି-ବିକ୍ରି ହୋଇପାରିବ ନାହିଁ) ନୁହେଁ ଓ କେବଳ ଉତ୍ତରାଧିକାରୀ ସୂତ୍ରରେ ଉପଯୋଗ କରିହେବ ବୋଲି ଚିଠା ସଂଶୋଧନରେ ବ୍ୟବସ୍ଥା ହୋଇଛି। ବାସହୀନଙ୍କୁ ସର୍ବାଧିକ ୧୦ ଡିସିମିଲ ପର୍ଯ୍ୟନ୍ତ ଜମି ବଦଳରେ ଏକ ଏକରର ୨୫ଭାଗରୁ ଭାଗେ ଜମି ଦିଆଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

## ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲା

# ସିବିଆଇ ସ୍କାନରରେ ଆଇଏଏସ୍ ବିଷ୍ଣୁ ସେଠୀ

**ଭୁବନେଶ୍ୱର,୧୩।୧୨(ସମିସ):** ୧୦ ଲକ୍ଷ ଲାଞ୍ଚ ଟଙ୍କା ଜବତ ମାମଲା ଆଜି ନେଇଛି ନୂଆ ମୋଡ଼। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ତଥା ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଡ୍ରାଇଭରମାନଙ୍କ ତାଲିକା ମାଗିଛି ସିବିଆଇ। ଶ୍ରୀ ସେଠୀ ଯେଉଁସବୁ ବିଭାଗ ଦାୟିତ୍ୱରେ ରହିଛନ୍ତି ଓ ସେ ବ୍ୟବହାର କରୁଥିବା ଗାଡ଼ିଗୁଡ଼ିକରେ ଯେଉଁମାନେ ଡ୍ରାଇଭର ଅଛନ୍ତି; ସେମାନଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର ଦେବା ଲାଗି ସିବିଆଇ ଚିଠି ଲେଖିଛି। ଏ ସଂକ୍ରାନ୍ତରେ ସିବିଆଇ ଡ଼ିଏସ୍‌ପି ଅଜିତ୍ କୁମାର ପାଣ୍ଡେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ପ୍ରମୁଖ ସଚିବ ଶ୍ରୀ ସେଠୀଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ସଚିନ ନାମକ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପଦାକୁ ଆସିଛି ।କେଉଁ ପରିସ୍ଥିତିରେ ଏହି ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଡ୍ରାଇଭର ଏହି ଘଟଣାରେ ସମ୍ପୃକ୍ତ ହେଲେ ଓ ଆଉ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାକୁ ନେଇ ପାୱାର କରିଡ଼ରରେ ହଲଚଲ ସୃଷ୍ଟି ହୋଇଛି ।ଏକ ହୋଟେଲ ସମ୍ମୁଖରେ ସନ୍ଦିଗ୍ଧ ଭାବରେ ଦାମୀ ଗାଡ଼ିରୁ ସୁନାଗହଣା ଓ ନଗଦ ୧୦ ଲକ୍ଷ ଟଙ୍କା ଜବତ ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଥିବାରେ ପର୍ଯ୍ୟାୟକ୍ରମେ ଏହି ଘଟଣା ଭିନ୍ନ ମୋଡ଼ ନେଇଛି। ଘଟଣାରେ ଗିରଫ ହୋଇଥିବା ଏମ୍/ଏସ୍ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍‌ର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, ଦୁଇ ବିଲ୍ଡର ସନ୍ତୋଷ କୁମାର ମହାରଣା ଓ ଦେବଦତ୍ତ ମହାପାତ୍ରଙ୍କ ଅଡୁଆ ଆହୁରି ବଢ଼ିଛି। ସିବିଆଇ ଅଭିଯୁକ୍ତଙ୍କୁ ୧୦ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲେ ହେଁ ଅଦାଲତ ସେମାନଙ୍କୁ ୫ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ନେଇ ପୁଣି ଥରେ ପଚରାଉଚରା କରାଯାଉଛି।


### ଶ୍ରୀ ସେଠୀଙ୍କ ଡ୍ରାଇଭରଙ୍କ ତାଲିକା ମାଗିଲା ସିବିଆଇ

# ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଭୁବନେଶ୍ୱର, ୧୩।୧୨(ସମିସ):** ଓଡ଼ିଶାରୁ ଏକମାତ୍ର ରାଜ୍ୟସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପନିର୍ବାଚନ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ସୁଜିତ ନାମାଙ୍କନ ଦାଖଲ କରିଥିବାରୁ ତାଙ୍କୁ ନିର୍ବାଚିତ ଘୋଷଣା କରାଯାଇଛି। ରିଟର୍ଣ୍ଣିଂ ଅଫିସର ଅବନୀକାନ୍ତ ପଟ୍ଟନାୟକ ସୁଜିତ କୁମାରଙ୍କୁ ବିଜୟ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସଂସଦରେ କଳାହାଣ୍ଡି ତଥା ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପସ୍ଥାପନା କରିବେ ବୋଲି ସୁଜିତ ନିଜ ପ୍ରତିକ୍ରିୟାରେ କହିଛନ୍ତି।



ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେ ବିଜେପିରୁ ଗତ ୯ ତାରିଖରେ ନାମାଙ୍କନ ଦାଖଲ କରିଥିଲେ। ରାଜ୍ୟସଭା ସଦସ୍ୟ ଭାବେ ତାଙ୍କର କାର୍ଯ୍ୟକାଳ ଏପ୍ରିଲ ୨୦୨୬ ଯାଏଁ ରହିଛି।



## ବିଭିନ୍ନ ସ୍ଥାନରେ ମାଣବସା ପୂଜା

ବଇଣ୍ଡା, ୧୩।୧୨(ସମିସ): କିଶୋରନଗର ବ୍ଲକ ବଇଣ୍ଡା, ଠେଲକନାଳି, କିଶୋରନଗର ଅଞ୍ଚଳରେ ଗୁରୁବାର ମାଣବସା ଗୁରୁବାର ପୂଜା ପାଳିତ ହୋଇଛି। ନିକଟସ୍ଥ ନାଳରୁ କଳସରେ ପାଣି ଆଣିବା ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ପୂଜକ ପ୍ରକାଶ ମିଶ୍ର ଯଥାରୀତି ପୂଜାର୍ଚ୍ଚନା କରିଥିଲେ। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠୁଥିଲା। ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପ ନିକଟରେ ଜମା ହୋଇ ପୂଜାର୍ଚ୍ଚନା କରିଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ କମିଟି ସୁଶାନ୍ତ ଦ୍ୱାରୀ, ବିକାଶ କୁମାର ସାହୁ, ଦିଲୀପ କୁମାର ଶଙ୍ଖାରି, କାଳିଆ ସାହୁ, ଶିବାନନ୍ଦ ଶଙ୍ଖାରି, ଅନନ୍ତ ଦ୍ୱାରି ପ୍ରମୁଖ ସହଯୋଗ କରିଥିଲେ।

## ମେଡିକାଲ ଆକାଉଣ୍ଟସ ମ୍ୟାନେଜରଙ୍କ ବିୟୋଗ

ଅନୁଗୋଳ, ୧୩।୧୨(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆକାଉଣ୍ଟସ ମ୍ୟାନେଜର ସପନ କୁମାର ପାତ୍ରଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। କିଛିଦିନ ଧରି ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ପାତ୍ରଙ୍କ ଘର ବାଲେଶ୍ୱର ଜିଲ୍ଲାରେ। ସେ ଜଣେ ଦକ୍ଷ ଏବଂ ନିଷ୍ଠାପର କର୍ମଚାରୀ ଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ କର୍ମଚାରୀ ମହଲରେ ଶୋକ ପ୍ରକାଶ ପାଇଛି।

## କିଶୋରନଗରରେ ମହାଲକ୍ଷ୍ମୀ ପୂଜା

କିଶୋରନଗର, ୧୩।୧୨(ସମିସ): କିଶୋରନଗର କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ପ୍ରତି ବର୍ଷପରି ଚଳିତ ବର୍ଷ ମାର୍ଗଶିର ଶେଷ ଗୁରୁବାର ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ବୁଧବାର ଅପରାହ୍ନରେ ବ୍ଲକ ପଛ ପାଖ ନଈରୁ କଳସରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗୁରୁବାର ପୁରୋହିତ ରବିନାରାୟଣ ଶତପଥୀ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ସେହିପରି ବଙ୍କାପଳସା ଗ୍ରାମରେ ମାଣବସା ଗୁରୁବାର ପୂଜା ଅନୁଷ୍ଠିତ ହୋଇଛି।

## ପ୍ଲେ ସ୍କୁଲର ଖେଳକୁଦ ପ୍ରତିଯୋଗିତା



ତାଳଚେରସଦର, ୧୩।୧୨(ସମିସ): ତାଳଚେର ଟାଉନ ନୂଆବଜାରସ୍ଥିତ ଜଗନ୍ନାଥ ପ୍ଲେ ସ୍କୁଲ ୧୭ତମ ଦୁଇଦିନିଆ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ମୁଖ୍ୟ ପରିଚାଳକ ଆନନ୍ଦ ଚନ୍ଦ୍ର ଦାସ ଏହି କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମତି ଦାସ, ଶ୍ୱାତୀସ୍ମିତା ମହାରଣା, ନୟନା ସାହୁ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ଦୌଡ଼, ବଲ୍ ଥ୍ରୋ, ମ୍ୟୁଜିକାଲ ଚେୟାର, ମାଇଣ୍ଡ ଗେମ୍ ଆଦି ପ୍ରତିଯୋଗିତା କରାଯାଇଥିଲା।

## ମା' କଳାପାଟଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ

ଜଗନ୍ନାଥପୁର, ୧୩।୧୨(ସମିସ): ଅନୁଗୋଳ ଜିଲ୍ଲା ପୁରୁଣାକୋଟ ପଞ୍ଚାୟତରେ ପୁରୁଣାକୋଟ ଓ ଗୋପାଳପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗ୍ରାମର ଇଷ୍ଟଦେବୀ ମା' କଳାପାଟଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହା ଚାରିଦିନ ଚାଲିବ। ୧୧ ତାରିଖ ଅଙ୍କୁରାରୋପଣ, ୧୨ ତାରିଖ କଳସଯାତ୍ରା, ୧୩ ତାରିଖ ଗୀତାଯଜ୍ଞ ଅନୁଷ୍ଠିତ ହୋଇଛି। ୧୪ ତାରିଖ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ବହୁ ସଂଖ୍ୟାରେ ଭକ୍ତ ଏଥିରେ ଯୋଗଦେବାକୁ କମିଟି ତରଫରୁ ନିବେଦନ କରାଯାଉଛି।

## ପ୍ରଧାନଶିକ୍ଷକଙ୍କ ପ୍ରଗତି ସମ୍ପର୍କିତ ତାଲିମ



କିଶୋରନଗର, ୧୩।୧୨(ସମିସ): କିଶୋରନଗର ବ୍ଲକ ଓଷ୍ଟାପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକଙ୍କ ପ୍ରଗତି ସମ୍ପର୍କିତ ୩ଦିନିଆ ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଛି। ଏଥିରେ ସାଧନକର୍ମୀ ତଥା ସହକାରୀ ଶିକ୍ଷକ ଶରତ ସେଠୀ, ପ୍ରତାପକୁମାର ପ୍ରଧାନ, ସିଆରସିସି ରଞ୍ଜନ ବିଶ୍ୱାଳ, ବଭ୍ରୁବାହାନ ପ୍ରଧାନ ଯୋଗଦେଇ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦ ଜଣ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀଙ୍କୁ ପ୍ରଗତି ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରମଣି ରଞ୍ଜନ ସାହୁ ଯୋଗଦେଇଥିଲେ।

### ସାରେଗାମା ଦ୍ୱାରା କିଶୋର କୁମାର ନାଇଟ୍

# ସଙ୍ଗୀତର ତାଳେ ତାଳେ ନାଚିଲେ ଦର୍ଶକ

ଅନୁଗୋଳ, ୧୩।୧୨(ସମିସ)

ନାଲକୋ ନାଗରର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ 'ସାରେଗାମା' ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣ 'କିଶୋର କୁମାର ନାଇଟ' ସଙ୍ଗୀତ କାର୍ଯ୍ୟକ୍ରମ ଆର୍ଯ୍ୟଭଟ୍ଟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲକୋ ଫାଇନାନ୍ସ ବିଭାଗ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଯୋଶୀ ଯୋଗଦେଇ ସଙ୍ଗୀତ ଜଗତକୁ କିମ୍ବଦନ୍ତୀ ଗାୟକ କିଶୋର କୁମାରଙ୍କ ଉତ୍ସର୍ଗୀକୃତ ଜୀବନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ନାଲକୋ ଏସ ଆଣ୍ଡ ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନୋରେଲା ସୁବ୍ରମନ୍ୟମ ଓ ଜିଏମ ସିପିପି ଅମରେନ୍ଦ୍ର ମିଶ୍ର, ଜିଏମ ପ୍ରମୋଥ ମହାପାତ୍ର, ଜିଏମ ସଚ୍ଚିଦାନନ୍ଦ ଜେନା, ଜିଏମ ସକିଲୁର ରହେମାନ, ଜିଏମ ପ୍ରଶାନ୍ତ ତ୍ରିପାଠୀ, ଜିଏମ ଶୁଭେନ୍ଦୁ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ଉପସଭାପତି କିଶୋର କୁମାର ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ। ସଭାପତି ଅମରେନ୍ଦ୍ର ମିଶ୍ର ନୂତନ ମୁଖ୍ୟ ଉପଦେଷ୍ଟା ଭାବେ ଜିଏମ ଶୁଭେନ୍ଦୁ କୁମାର ନାୟକଙ୍କ ନାମ ଘୋଷଣା କରିଥିଲେ। ଯୁଗ୍ମ ସମ୍ପାଦକ ଅବିନାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ସଦସ୍ୟ କଳାକାର ଦ୍ୱାରା ଅନେକ ନାଟକ, ସଙ୍ଗୀତ ପରିବେଷଣ କରି ସ୍ଥାନୀୟ ଅଞ୍ଚଳ ତଥା ରାଜ୍ୟ ବାହାରୁ ମଧ୍ୟ ପ୍ରଶଂସା ସାଉଁଟିଛନ୍ତି। ଏହି ଅବସରରେ ପରିବେଷିତ କଣ୍ଠଶିଳୀ କିଶୋର କୁମାରଙ୍କ ସ୍ମରଣୀୟ ସଙ୍ଗୀତକୁ ଦର୍ଶକ ଭରପୂର ଉପଭୋଗ କରିଥିଲେ। କିଶୋରଙ୍କ ସଙ୍ଗୀତର ଧୁନ୍‌ରେ ଦର୍ଶକ ନାଚିଉଠିଥିଲେ। ଅନୁଷ୍ଠାନର କଳାକାର ତପନ କୁମାର ମିଶ୍ର, ସୁନନ୍ଦା ସେନ, ଅତିଥି କଳାକାର ରଞ୍ଜନ ସ୍ୱାଇଁ, ଅବିନାଶ ପ୍ରଧାନ, ପ୍ରମୋଦ ପାଣିଗ୍ରାହୀ, ପ୍ରୀତିପଦ୍ମା ସାହୁ, ସୋମେଶ ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଭିଡିଓରେ ଚଳଚ୍ଚିତ୍ର ପ୍ରଦର୍ଶନ ଓ କଳାକାରଙ୍କ ସଙ୍ଗୀତ ପରିବେଷଣ ସାଙ୍ଗକୁ କାହାଣୀ, ଚରିତ୍ରର ବଳିଷ୍ଠ ଉପସ୍ଥାପନା ଦର୍ଶକଙ୍କୁ ବିମୋହିତ କରିଥିଲା।





# ଜାତୀୟ ରାଜପଥରୁ ଧୂଳି ଉଠାଣ, ପାଣି ସିଞ୍ଚନ ପ୍ରହସନ



ତାଳଚେରସଦର, ୧୩।୧୨(ସମିସ): ତାଳଚେର ଦେଇ ଯାଇଥିବା ଜାତୀୟ ରାଜପଥରୁ ମେସିନ୍ ସାହାଯ୍ୟରେ ଧୂଳି ଉଠାଇବା ଏବଂ ରାସ୍ତାରେ ପାଣି ସିଞ୍ଚନ କରିବା ଏବେ ପ୍ରହସନରେ ପରିଣତ ହୋଇଛି। ରାଜପଥର ବାଙ୍କଧରାଠାରୁ ଚାଇଁପାଳ ପର୍ଯ୍ୟନ୍ତ ଦୈନନ୍ଦିନ ହଜାର ହଜାର କୋଇଲା ଟ୍ରକ୍ ଯାତାୟାତ କରୁଥିବାରୁ ପ୍ରବଳ ଧୂଳି ଓ କୋଇଲାଗୁଣ୍ଡ ଉଡ଼ି ରାସ୍ତାଘାଟ ପରିପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଳି ଯୋଗୁଁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାଜପଥର ଉଭୟ ପାର୍ଶ୍ୱରେ ବହୁ ଗ୍ରାମ ରହିଥିବାବେଳେ ସ୍କୁଲ, କଲେଜ ଏବଂ ବିଭିନ୍ନ ଅଫିସ୍ ମଧ୍ୟ ରହିଛି। ଦୈନନ୍ଦିନ ପିଲାମାନେ ସ୍କୁଲ ଓ କଲେଜକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ତାଳଚେର ସହରକୁ ଗ୍ରାମବାସୀ କାର୍ଯ୍ୟ ପାଇଁ ଆସି ଧୂଳି ଯୋଗୁଁ ଅତିଷ୍ଠ ହୋଇପଡୁଛନ୍ତି। ଏଥିପାଇଁ କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକ ସର୍ବାଧିକ ୨୦ କିଲୋମିଟର ପ୍ରତିଘଣ୍ଟା ବେଗରେ ଯାତାୟାତ କରାଗଲେ ପରିବେଶ ପ୍ରଦୂଷଣ ଓ ରାସ୍ତାରେ ଧୂଳି ପଡ଼ିବା କମିଯିବ। ଟେଣ୍ଡର ପାଇଥିବା ଠିକାଦାର ବର୍ତ୍ତମାନ ଏହି ରାସ୍ତାରେ ଝାଡୁ କରିବା ପାଇଁ ମାତ୍ର ୫ଜଣଙ୍କୁ ନିୟୋଜିତ କରିଛନ୍ତି ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ।

ବାଙ୍କାଧରା ବାଇପାସ୍ ଛକ ରାସ୍ତା ଏବେ ଭୟଙ୍କର ଧୂଳିଧୂଆଁରେ ଆଚ୍ଛାଦିତ ରହୁଥିବା ବେଳେ ଏମସିଏଲ ତରଫରୁ ଏହି ସଫେଇ କାର୍ଯ୍ୟ କରାଯାଉଛି। ତେବେ ଏହା ମଧ୍ୟ ଧର୍ମକୁ ଆଖିଠାର ସଦୃଶ ହୋଇଛି। ତେଣୁ ପ୍ରଶାସନ ନିୟମିତ ଏହାର ତଦାରଖ କରି ରାସ୍ତାର ଉଭୟ ପାର୍ଶ୍ୱ ସଫାକରିବା ସହ ପାଣି ସିଞ୍ଚନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

### ■ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ପାଲଲହଡ଼ା ଗସ୍ତ

# ୧୪ ଅସହାୟ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବ

ପାଲଲହଡ଼ା, ୧୩।୧୨(ସମିସ): ପାଲଲହଡ଼ା ବ୍ଲକ ସଇଡ଼ା ପଞ୍ଚାୟତ କନ୍ତଲା ଗ୍ରାମର ୧୪ ମହ୍ଲାର ପରିବାର ଅସହାୟ ଅବସ୍ଥାରେ ଜୀବନ କାଟୁଥିବା ଅଭିଯୋଗ ପାଇ ରାଜ୍ୟ ଖାଦ୍ୟ ଆୟୋଗର ଏକ ଟିମ ସେହି ଅଞ୍ଚଳ ଗସ୍ତ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉକ୍ତ ୧୪ ପରିବାର ସଦସ୍ୟଙ୍କୁ ଭେଟି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଦୀର୍ଘଦିନରୁ ଏହି ୧୪ ପରିବାର କଚ୍ଚା ଘରେ ରହି ଆସୁଥିଲେ। ହେଲେ ଚାଳ ଛପର ଘର ଭାଙ୍ଗିଯିବାରୁ କିଛିଦିନ ହେବ ସେମାନେ ଗାଁରେ ଥିବା କେନ୍ଦୁପତ୍ର ଗୋଦାମ ବାରଣ୍ଡାରେ ପଡ଼ି ରହିଛନ୍ତି। ପୂର୍ବରୁ ସେମାନେ ଜଙ୍ଗଲ ମଧ୍ୟରେ ଘର କରି ରହୁଥିଲେ। ତେବେ ଆଜିଯାଏଁ ସେମାନେ କୌଣସି ସରକାରୀ ସହାୟତା ପାଉ ନ ଥିବା ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏହି ଖବର ପାଇ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ଅବନୀକାନ୍ତ ସାହୁ ଏବଂ ଆୟୋଗ ସଦସ୍ୟ ଦୟାନିଧି ଦାସ କନ୍ତଲା ଗାଁ ଗସ୍ତରେ ଯାଇ ଏହି ୧୪ ମହ୍ଲାର ପରିବାରକୁ ଭେଟିଥିଲେ। ସେମାନଙ୍କୁ ତୁରନ୍ତ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆୟୋଗର ଉକ୍ତ ଟିମ୍ ସଇଡ଼ା ପଞ୍ଚାୟତର ବିଭିନ୍ନ ଗାଁ ଗସ୍ତରେ ଯାଇ ଗ୍ରାମବାସୀଙ୍କ ସହ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କ ଏହି ଗସ୍ତ ବେଳେ ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ଏସ୍‌ସିଏସଓ ହେମାକାନ୍ତ ବେହେରା, ଯୋଗାଣ ଅଧିକାରିଣୀ ସୁପ୍ରଭା ବେହେରାଙ୍କ ସମେତ ଆଇସିଡିଏସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ସ୍କୁଲ ନିକଟରେ ମଦ ଦୋକାନକୁ ବିରୋଧ

ତାଳଚେରସଦର, ୧୩।୧୨(ସମିସ): ତାଳଚେର ଆନନ୍ଦ ବଜାର ସନ୍ତପଡ଼ା ବିବେକାନନ୍ଦ ବିଦ୍ୟାମନ୍ଦିର ନିକଟରେ ମଦ ଦୋକାନକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ କହିବା ଅନୁଯାୟୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍କୁଲ ନିକଟରୁ ମାତ୍ର ୭୦ମିଟର ଦୂରରେ ଏହି ବିଦେଶୀ ମଦ ଦୋକାନ ଥିବାରୁ ମଦ୍ୟପଙ୍କ ଉତ୍ପାତରେ ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଏପରି କି ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଅଭିଯୋଗ ହୋଇଥିଲେ ମଧ୍ୟ ସେଠାରୁ ମଦ ଦୋକାନ ସ୍ଥାନାନ୍ତର କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ଏହି ମଦ ଦୋକାନ ସ୍ଥାନନ୍ତର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ପରାବିଲ ଗ୍ରାମବାସୀଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବି

### ■ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ପାଲଲହଡ଼ା ବିଧାୟକ



କଣିହାଁ, ୧୩।୧୨(ସମିସ): କଣିହାଁ ବ୍ଲକ ପରାବିଲ ଗ୍ରାମବାସୀଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ନିମନ୍ତେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଗୁରୁବାର ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭୁବନେଶ୍ୱରରେ ଭେଟି ଲିଖିତ ଅନୁରୋଧ କରିଛନ୍ତି। ପରାବିଲ ଗ୍ରାମର ବହୁ ପରିବାର ଗ୍ରାମର ଯେଉଁ ସ୍ଥାନରେ ଘରଦ୍ୱାର କରି ୬୦ ବର୍ଷ ହେବ ରହି ଆସୁଛନ୍ତି, ସେ ସ୍ଥାନର ପଟ୍ଟା ଅଦ୍ୟାବଧି ମିଳିନାହିଁ। ଫଳରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୧୯୬୦ରେ ସମାକୋଇ ନଦୀ ବନ୍ୟା ସମୟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନିର୍ଦ୍ଦେଶରେ ଲୋକମାନେ ଗ୍ରାମର ଉଚ୍ଚ ସ୍ଥାନରେ ଆସି ବସବାସ କରିଆସୁଛନ୍ତି। ତେବେ ବାରମ୍ବାର ଦାବି ଗୁହାରି ସତ୍ତ୍ୱେ ସେମାନଙ୍କୁ ପଟ୍ଟା ମିଳି ନ ଥିବା ବେଳେ ପାଲଲହଡ଼ା ବିଧାୟକ ମହାନ୍ତି ଲୋକଙ୍କ ଦାବି ନେଇ ରାଜସ୍ୱ ମନ୍ତ୍ରୀଙ୍କୁ ସାକ୍ଷାତ କରି ପଟ୍ଟା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ବଇଣ୍ଡା, ୧୩।୧୨(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆବାହନୀ ଖୁଣ୍ଟିଆ, ଆକାଶ ପ୍ରଧାନ, ଶୁଭମ ସାହୁ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଭାରତୀୟ ଭାଷା ଉତ୍ସବରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏମାନଙ୍କୁ ପୁରସ୍କୃତ କରିଥିଲେ। ଶୁକ୍ରବାର ବିଦ୍ୟାଳୟ ପରିସରରେ ଏମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଠମଲ୍ଲିକ ଏବିଇଓ କୈବଲ୍ୟ କଅଁର ଯୋଗଦେଇ ଏହି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସଫଳତା ଯୋଗୁଁ ଏହି ବିଦ୍ୟାଳୟ ଜିଲ୍ଲା ସ୍ତରର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଦେହୁରୀ, ଶିକ୍ଷକ ଚିଦାନନ୍ଦ ଦେହୁରୀ, ଅନିଲ ମେହେର, ରଶ୍ମିତା ପ୍ରଧାନ, ବିନତି ମାଝୀ, ଲୋପାମୁଦ୍ରା କଅଁର ଯୋଗଦେଇଥିଲେ।

### ■ ରେଙ୍ଗାଳି ଓ ସମଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ନେବାକୁ ଦାବି

# ବିଧାନସଭାରେ ପାଲଲହଡ଼ା ବିଧାୟକଙ୍କ ପ୍ରସ୍ତାବ

କଣିହାଁ, ୧୩।୧୨(ସମିସ): ପାଲଲହଡ଼ା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ରେଙ୍ଗାଳି ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଳସମ୍ପଦ ବିଭାଗରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ସ୍ଥାନାନ୍ତର କରିବାକୁ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ବିଧାନସଭାରେ ପ୍ରସ୍ତାବ ଉଠାଇଛନ୍ତି। ଗତ ୧୦ ତାରିଖରେ ଏହି ପ୍ରସଙ୍ଗରେ ବିଧାୟକ ମହାନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଏକ ପ୍ରସ୍ତାବପତ୍ର ପଦାନ କରିଛନ୍ତି। ରେଙ୍ଗାଳି ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳ ସହ ସ୍ଥାନୀୟ ୧୫ ପଞ୍ଚାୟତର ଜନସାଧାରଣଙ୍କ ସମେତ ସୀମାବର୍ତ୍ତୀ ଦେବଗଡ଼ ଜିଲ୍ଲାର ୩ ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ସେହିପରି ସମଲ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରୁଗ୍ଣ ଅବସ୍ଥାରେ ପଡ଼ିରହିଛି। ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଳସମ୍ପଦ ବିଭାଗରୁ ନେଇ ସ୍ୱାସ୍ଥ୍ୟ ବିଭାଗରେ ସାମିଲ କରିବା ପାଇଁ ବିଧାୟକ ମହାନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପ୍ରସ୍ତାବପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି।

### ■ ନକଲି ବିଇଡି ପ୍ରମାଣପତ୍ର ଦେଇ ଚାକିରି

# ୭ ଶିକ୍ଷକଙ୍କ ବିରୋଧରେ ଏତଲା

ଅନୁଗୋଳ, ୧୩।୧୨(ସମିସ): ନକଲି ବିଇଡି ପ୍ରମାଣପତ୍ର ଦେଇ ଚାକିରି କରିବା ଅଭିଯୋଗରେ ୭ ଶିକ୍ଷକଙ୍କ ବିରୋଧରେ ଏତଲା ଦେଇଛି ଶିକ୍ଷା ବିଭାଗ। ସେମାନେ ହେଲେ ବଡ଼ହୁଲା ସ୍ୱପ୍ନେଶ୍ୱରଜିଉ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଛେଣ୍ଡିପଦା ବ୍ଲକ ବାଲିପଟାର ସଞ୍ଜୟ ବେହେରା, ବଡ଼ଗୁଣ୍ଡୁରି ଡାକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୋଶଳାର ରୀନା ସାହୁ, କର୍ଣ୍ଣପୁର କନକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଜରପଡ଼ା ଥାନା କୁଶକିଳାର କାଠିଆ ସାହୁ, ବେଣାଗାଡ଼ିଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଛେଣ୍ଡିପଦା ଥାନା ସନ୍ତରାବନ୍ଧର ଧ୍ରୁବଚରଣ ସାହୁ, କୁଶକିଳା ନବଜ୍ୟୋତି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବାଲିପଟାର ପଦ୍ମଲୋଚନ ଖିଲାର, ବଳରାମପ୍ରସାଦ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତରାବନ୍ଧର ସଞ୍ଜିତା ପ୍ରଧାନ ଓ କୁଶକିଳା ନବଜ୍ୟୋତି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୁଶକିଳାର ଅରୁନ୍ଧତୀ ବିଶ୍ୱାଳ। ଏ ନେଇ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଶିକ୍ଷକମାନେ ଗ୍ରାଣ୍ଟ ଇନ୍ ଏଡ୍ ହାତେଇବା ପାଇଁ ଏପରି ନକଲି ପ୍ରମାଣପତ୍ର ଦେଇଥିବା ଜଣାପଡ଼ିଛି। ଏମାନେ ସମସ୍ତେ ଗ୍ରାଣ୍ଟ-ଇନ୍-ଏଡ ପାଇଥିବା ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ଦେଇଥିବା ବିଇଡି ପ୍ରମାଣପତ୍ର ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ ଓ ଗୌହାଟୀ ବିଶ୍ୱବିଦ୍ୟାଳୟରୁ ଆଣିଥିବା ଦର୍ଶାଇଥିଲେ। ହେଲେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ କରିବା ପରେ ଏହା ନକଲି ବୋଲି ଜଣାପଡ଼ିଛି। ଏ ନେ ଅନୁଗୋଳ ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲା। ପରେ ଅନୁଗୋଳ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଏହି ଶିକ୍ଷକମାନଙ୍କ ବିରୋଧରେ ଅନୁଗୋଳ ଥାନାରେ ଏତଲା ଦେଇଛନ୍ତି।

# ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ

ଅନୁଗୋଳ, ୧୩।୧୨(ସମିସ)




ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅନ୍ତର୍ଭୁକ୍ତ ଏମଏସଏମଇ, କଟକ ଓ ଏମସିଏଲ ଆନୁକୂଲ୍ୟରେ ତାଳଚେର ଜଗନ୍ନାଥ ଏରିଆଠାରେ ଦୁଇଦିନିଆ ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମସିଏଲ ଜଗନ୍ନାଥ ଏରିଆ ମହାପ୍ରବନ୍ଧକ ଏକେ ଧଳ ଯୋଗଦେଇ କହିଲେ, ପବ୍ଲିକ ସେକ୍ଟର ୟୁନିଟଗୁଡ଼ିକ ସରକାରଙ୍କ ନିର୍ଦ୍ଧାରିତ ନିୟମ ଅନୁସାରେ ସ୍ଥାନୀୟ ଏମଏସଏମଇ ଅନୁବନ୍ଧିତ ଉଦ୍ୟୋଗମାନଙ୍କଠାରୁ କ୍ରୟ ବିକ୍ରୟ କରିବା ଦରକାର। ଏମଏସଏମଇ ଅନ୍ତର୍ଭୁକ୍ତ ଉଦ୍ୟୋଗୀମାନଙ୍କୁ ୨୫ ପ୍ରତିଶତ ରିଆତି ଥିବା ବେଳେ ମହିଳା ଉଦ୍ୟୋଗୀଙ୍କୁ ୩ ପ୍ରତିଶତ ଏବଂ ଏସସି-ଏସଟି ଉଦ୍ୟୋଗୀଙ୍କୁ ୪ ପ୍ରତିଶତ ସ୍ୱତନ୍ତ୍ର ରିଆତି ସୁବିଧା ରହିଛି ଯାହାଦ୍ୱାରା ସେମାନଙ୍କ ଉତ୍ପାଦନ ଓ କ୍ରୟରେ ବିକାଶ ହେବା ସହ ଦେଶର ବିକାଶ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏଥିରେ ଏମଏସଏମଇ ଡିଏଫଓ କଟକର ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟ ପିକେ ଗୁପ୍ତା ଯୋଗଦେଇ କାର୍ଯ୍ୟକ୍ରମ ଉପରେ ସବିଶେଷ ତଥ୍ୟ ଉପସ୍ଥାନ କରିବା ସହ ଏହା ମୁଖ୍ୟତଃ ମହିଳା ଏବଂ ଏସସି-ଏସଟି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବ ବୋଲି କହିଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ର ଜିଏମ ଶିବାଶିଷ କାନୁନଗୋ ଜିଲ୍ଲାରେ ଶିଳ୍ପୋଦ୍ୟୋଗୀମାନଙ୍କୁ ଏହା ପ୍ରେରଣା ଯୋଗାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏନଏସଆଇସି ଭୁବନେଶ୍ୱରର ଭାରପ୍ରାପ୍ତ ଅଧିକାରୀ ଡି. ଚକ୍ରବର୍ତ୍ତୀ, ଆଇଓସିଏଲ ଜିଏମ ରାହୁଲ ଚଟାର୍ଜୀ, ଏମସିଏଲ ଇଆଣ୍ଡଏମ ଜିଏମ ଏସକେ ସିହ୍ନା, ବଳଭଦ୍ର ଏରିଆ ଜିଏମ୍ ଜିତେନ୍ଦ୍ର ତିୱାରୀ, ସୁଭଦ୍ରା ଏରିଆ ଜିଏମ କୃପାଶଙ୍କର ସିଂ, କଣିହାଁ ଏରିଆ ଜିଏମ ନରେଶ ରାଣା ସିଂ, ଭରତପୁର ଜିଏମ ଦିବ୍ୟଜୀବନ ସି, ହିଙ୍ଗୁଳା ଏରିଆ ଜିଏମ ବି ମେହମୁଦ ମିୟା, ସିଡବ୍ଲ୍ୟୁଏସ ଜିଏମ ନିର୍ମାଲ୍ୟ ପାଲ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଏମଏସଏମଇ କଟକ ସହକାରୀ ନିର୍ଦ୍ଦେଶକ ଏସଏନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଟେକ୍ନିକାଲ ସେସନରେ ଆଇଓସିଏଲ, ଆରଏସପି, ନାଲକୋ, ଏମସିଏଲ, ହାଲ୍, ପାୱାର ଗ୍ରୀଡ୍, ଏନଟିପିସି, ରେଲୱେ ପ୍ରଭୃତି ପିଏସୟୁ ୟୁନିଟର ଉଚ୍ଚ ପଦାଧିକାରୀମାନେ ପାୱାରପଏଣ୍ଟ ମାଧ୍ୟମରେ ଏମଏସଏମଇ ଉଦ୍ୟୋଗୀଙ୍କଠାରୁ ଆବଶ୍ୟକ କ୍ରୟ ଓ ସୁବିଧା ପ୍ରଦାନ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଜନେସ ଟୁ ବିଜନେସ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ଓ ପରାମର୍ଶ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଉଦ୍ୟୋଗୀ ଓ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ୨୨ ଷ୍ଟଲରେ ସ୍ଥାନୀୟ ଏମଏସଏମଇ ଉଦ୍ୟୋଗୀମାନେ ନିଜ ଉତ୍ପାଦ ପ୍ରଦର୍ଶନ କରିଥିଲେ। ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାଗୁଡ଼ିକରୁ ଶହେରୁ ଊର୍ଦ୍ଧ୍ୱ ଏମଏସଏମଇ ଉଦ୍ୟୋଗୀ ସାମିଲ ହୋଇଥିଲେ।

# ହବାଳିଖିଟି କଟେଜ୍‌ରେ ମାଡ଼ ହେଉଛି ଜୁଆର

■ ଭୁଶୁଡ଼ି ପଡ଼ିବ ଡଲଫିନ୍ ହାଉସ୍ !
■ ଇକୋ ରିଟ୍ରିଟ୍‌ର ଅସଲ ସତ



ରାଜନଗର, ୧୩।୧୨(ସମିସ): ଭିତରକନିକା ଜାତୀୟ ଉଦ୍ୟାନର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ହବାଲିଖିଟି। କୋଳାହଳଠାରୁ ସମ୍ପୂର୍ଣ୍ଣ ଦୂରରେ ଥିବା ନିର୍ଜନ ବେଳାଭୂମିରେ ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପର୍ଯ୍ୟଟକମାନେଏଠାରେ ରହିବାକୁ ପସନ୍ଦ କରିଥାନ୍ତି। ଏଠାରେ ସଂଖ୍ୟାଧିକ ଡଲଫିନଙ୍କ ସହିତ ନୀଳଗଂଗ ଏଣ୍ଡୁଅ, ଝିଙ୍କ, ଅଜଗର ଓ ଅହିରାଜଙ୍କୁ ଦେଖିବାକୁ ମିଳେ। ହବାଲିଖିଟିରେ ପର୍ଯ୍ୟଟକଙ୍କ ରହିବା ପାଇଁ ୪ଟି କଟେଜ ଡଲଫିନ୍ ହାଉସ ସହିତ ୫ଟି ଟେଣ୍ଟ ହାଉସ ରହିଛି। ବାତ୍ୟା ଦାନା ହବାଲିଖିଟିରେ ସ୍ଥଳଭାଗ ଛୁଇଁଥିଲା। ଏହିଠାରେ ବାତ୍ୟା ଦାନା ସ୍ଥଳ ଭାଗ ଛୁଇଁବା ଯୋଗୁଁ ସମୁଦ୍ର ଅଧିକ ଉଗ୍ର ହୋଇ ସ୍ଥଳଭାଗକୁ ମାଡି ଆସିଥିଲା। ଜଙ୍ଗଲ ମଧ୍ୟକୁ ପ୍ରାୟ ୧୦୦ ଫୁଟ ସମୁଦ୍ର ପଶି ଆସିଥିବା ବେଳେ ସମୁଦ୍ର କୂଳରୁ ୨୫ ଫୁଟ ଦୂରରେ ଥିବା ଡଲଫିନ ହାଉସ୍ ଓ କଟେଜ ଉପରେ ଅଧିକ ମାଡ଼ ନେଇଥିଲା। କଟେଜ ଓ ଟେଣ୍ଟ ହାଉସ ତଳୁ ବାଲି ଧୋଇନେବା ସହିତ ପାଇଲିଂ କ୍ୟାପ୍ ତଳୁ ପ୍ରାୟ ୧୫ ଫୁଟର ବାଲି ଧୋଇ ନେଇଛି। ବାତ୍ୟା ପରେ ଏହି ପର୍ଯ୍ୟଟନସ୍ଥଳୀକୁ ସଜାଡାଯିବା ସହ ନଭେମ୍ବର ୧୫ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ପର୍ଯ୍ୟଟକଙ୍କୁ ବିପଦପୂର୍ଣ୍ଣ ଭାବେ କଟେଜ ଓ ଟେଣ୍ଟ ହାଉସରେ ରଖାଯାଉଛି। ଆଜି ଆମେ ସ୍ଥିତି ପରଖିବା ପାଇଁ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ପର୍ଯ୍ୟଟକମାନଙ୍କୁ କିପରି ବିପଦ ମୁହଁକୁ ବନବିଭାଗ ଠେଲି ଦେଇଛି, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ପାଇଲୁ। ବଂଗୋପସାଗରର ଜୁଆର ଏହି ଡଲଫିନ୍ ହାଉସ ତଳେ ଓ ଚତୁଃପାଶ୍ୱର୍ରେ ମାଡ଼ ହେଉଛି। ଜୁଆର ଏତେ ଯୋରରେ ମାଡ ହେଉଛି ଯେ, ସେ ସ୍ଥାନକୁ ଯିବା ମଧ୍ୟ ସମ୍ଭବ ନୁହେଁ। ଡଲଫିନ୍ ହାଉସ କଟେଜ ଗୁଡିକ ଭୂମି ଠାରୁ ପ୍ରାୟ ୧୫ଫୁଟ୍ ଉଚ୍ଚତାରେ ରହିଛି। ସମୁଦ୍ର ବାଲିଧୋଇ ନେଇ ଯାଇଥିବାରୁ ଏହି ସ୍ଥିତି ସୃଷ୍ଟି ହୋଇଛି। ଅର୍ଥାତ୍ ଏହି କଟେଜକୁ ଚଢିବାକୁ ଥିବା ପାହାଚ ୧୫ ଫୁଟ ଉଚ୍ଚତାରେ ରହିଛି। ଯଦିବା କୌଣସି ପର୍ଯ୍ୟଟକ ଏହି କଟେଜରେ ରୁହନ୍ତି, ସେମାନେ ସମୁଦ୍ର ଜୁଆର ସମୟରେ ବାହାରକୁ ବାହାରି ପାରିବେ ନାହିଁ। କେବଳ ସେତିକି ନୁହେଁ, ସମୁଦ୍ର ଜୁଆର ଯେଉଁ ଗର୍ଜନ କରି ଏହି କଟେଜରେ ମାଡ ନେଉଛି, ଜୁଆର ପାଣି କଟେଜ ଭିତରକୁ ପଶୁଛି। ଏହାବାଦେ ପାଇଲିଂ ପିଲାର ଗୁଡିକରୁ କଂକ୍ରିଟ ଖଣ୍ଡ ସମୁଦ୍ର ଜୁଆର ମାଡ଼ରେ ଖସି ଯାଇଥିବା ବେଳେ କେତେକ ପିଲାରରେ କେବଳ ରଡ଼ ହିଁ ରହିଛି। ଅର୍ଥାତ୍ ଯଦି ଉଚ୍ଚ ଜୁଆର ମାଡ଼ ହୁଏ କୌଣସି ମୁହୂର୍ତ୍ତରେ ମଧ ଡଲଫିନ ହାଉସ ଭୁଷୁଡି ପଡିବାର ସମ୍ଭାବନା ଥିବା ଗ୍ରାଉଣ୍ଡ ଜିରୋରୁ ଆମେ ଦେଖିବାକୁ ପାଇଥିଲୁ। ପର୍ଯ୍ୟଟଜନସ୍ଥଳୀରେ ଥିବା କଟେଜରେ ରହିବା କୌଣସି ପରିସ୍ଥିତିରେ ସମ୍ଭବ ନଥିବା ବେଳେ ନଭେମ୍ବର ୧୬ ତାରିଖ ଠାରୁ ହବାଳିଖିଟି ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। କେବଳ ଖୋଲାଯାଇନି, ଚଳିତମାସ ୩୧ ତାରିଖ ଯାଏଁ ପ୍ରାୟ ସବୁ ରୁମ ବୁକିଂ ରହିଛି। ଇକୋ ଟୁର ଓଡିଶା ଡଟ କମ୍‌ରେ ଏହି ରୁମ ଗୁଡିକ ବୁକିଂ କରାଯାଇଛି। ଏବେ ଏହି କଟେଜ ଗୁଡିକ ଆଉ ବୁକିଂ ନିଆଯାଉନି। କିନ୍ତୁ ଚଳିତମାସ ୩୧ ତାରିଖ ଯାଏଁ ପର୍ଯ୍ୟଟକମାନେ ଯେଉଁ ବୁକିଂ ନେଇଛନ୍ତି, ସେମାନେ ସେଠାରେ ସୁରକ୍ଷିତ ଭାବେ ରହିପାରିବେ ତ? ଏପରି ବିପଦପୂର୍ଣ୍ଣ କଟେଜରେ ପର୍ଯ୍ୟଟକମାନେ କିପରି ରହିବେ, ଯଦି କୌଣସି ଭଲମନ୍ଦ ହୁଏ ତା ପାଇଁ କିଏ ଦାୟୀ ରହିବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ହବାଳିଖଟି ପର୍ଯ୍ୟଟନସ୍ଥଳୀରେ ଥିବା କଟେଜ ଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ତାକୁ ସଜଡା ନଯାଇ ତରବରିଆ ଭାବେ କାହିଁକି ପର୍ଯ୍ୟଟକଙ୍କ ପାଇଁ ଖୋଲି ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ଛତା ସେକ୍ସନ ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି

## ଜଙ୍ଗଲ ଭିତରେ ଲୁଚିଲାଣି ବିଦ୍ୟୁତ୍ ତାର



ପଞ୍ଚୁପାଣ୍ଡବ,୧୩।୧୨(ସମିସ):ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳ ସାହି ଗ୍ରାମରେ ଥିବା ରାସ୍ତା କଡ଼ରେ ଯାଇଥିବା ବିଦ୍ୟୁତ୍ ତାର ଜଙ୍ଗଲରେ ଲୁଚିଯିବା ଦେଖିବାକୁ ମିଳୁଛି। ଛତା ସେକ୍ସନ ଅଧୀନରେ ଥିବା ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ବିଦ୍ୟୁତ୍ ତାର ବିଭିନ୍ନ ଗଛଲତାରେରେ ଲୁଚି ଯାଇଛି। ବେଳେ ବେଳେ ସବୁ ତାର ମିଶିଯାଇ ତାରରୁ ନିଆଁ ବାହାରୁ ଥିବା ଦେଖିବାକୁ ମିଳୁଛି। ରାସ୍ତାରେ ଯିବା ଆସିବା କରୁଥିବା ପଥଚାରୀମାନେ ନିଆଁ ବାହାରୁ ଥିବା ଦେଖି ଆତଙ୍କିତ ହୋଇ ପଡୁଥିବା ଗ୍ରାମର ସମାଜସେବୀ ଅଭୟ ସିଂ ଅଭିଯୋଗ କରିଛନ୍ତି। କେତେବେଳେ ବାଟରେ ଯାଉଥିବା ଗୋରୁ ଗାଈ ଏବଂ ଲୋକ ମାନଙ୍କ ମଧରେ କରେଣ୍ଟ ଲାଗିଯାଇ ପାରେ।

ଏ ବିଷୟରେ ବିଦ୍ୟୁତ୍ ବିଭାଗର ଅଧିକାରୀ ମାନଙ୍କୁ ଜଣାଇଥିଲେ ସୁଦ୍ଧା କେହି ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କହିଛନ୍ତି। ଏହାର ତଦନ୍ତ କରାଯାଇ ବିଦ୍ୟୁତ୍ ତାରକୁ ଅଲଗା ଖୁଣ୍ଟରେ ଲଗାଇବା ସହ ତାରରେ ଲାଗିଥିବା ଜଙ୍ଗଲକୁ ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପାଇପ୍ ବିଛାଇବା ପାଇଁ କଂକ୍ରିଟ୍ ରାସ୍ତା ତାଡ଼ି ନଷ୍ଟ

ରାଜକନିକା,୧୩।୧୨ (ସମିସ): ନାଁ କୁ ଚାଲିଛି ପାନୀୟଜଳ ଯୋଗାଣ ପ୍ରକଳ୍ପ। ପାଣିର ଦେଖା ଦର୍ଶନ ନାହିଁ। ହେଲେ ଠିକାଦାର ମନମାନୀ କରି ବର୍ଷ ବର୍ଷ ଧରି କେବେ ମୋଟା ପାଇପ ତ କେବେ ଡେଲିଭେରୀ ପାଇପ ସ୍ଥାପନ ନାଁରେ ପଞ୍ଚାୟତ କଂକ୍ରିଟ୍ ରାସ୍ତା, ଆରଡ଼ି ରାସ୍ତା ସହ ଆର୍‌ଆଣ୍ଡ ବି ରାସ୍ତାକୁ ତାଡି କାମ କରୁଛି। ମେଗା ପାନୀୟ ଜଳ ପ୍ରକଳ୍ପ ନାଁରେ ସାରା ରାଜକନିକାର ସମସ୍ତ ପଞ୍ଚାୟତକୁ ପିଇବା ପାଣି ଦେବା ପାଇଁ ଦିନ ଗଡି ବର୍ଷ ବର୍ଷ ବିତି ଥିବା ବେଳେ ରାସ୍ତାକୁ ବ୍ରେକର ମେସିନରେ ତାଡି ନଷ୍ଟ କରିବା ସାର ହେଉଛି। ପ୍ରତିବର୍ଷ ଏହି ସବୁ ଗ୍ରାମ୍ୟ ରାସ୍ତା ପାଇଁ ଅନୁଦାନ ଆସି ନୂଆ କିମ୍ବା ପୁରୁଣା ରାସ୍ତାର ମରାମତି କରାଯିବା ବେଳେ ପାଇପ ବିଛା ନାଁରେ ରାସ୍ତାକୁ ତାଡିବା ଘଟଣା ଦେଖି ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହେଉଛି। ଏବେ ତ୍ରୈଲୋକ୍ୟପୁର ପଞ୍ଚାୟତର ବିଭିନ୍ନ ଗାଁ ରେ ଏହି କଂକ୍ରିଟ ରାସ୍ତା ତାଡ଼ି ପାଇପ୍ ବିଛା କାମ ପରେ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

## ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ଗୀତା ଜୟନ୍ତୀ

ରାଜନଗର, ୧୩।୧୨(ସମିସ): ରାଜନଗର ବ୍ଲକ କରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶୀଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ପବିତ୍ର ଗୀତାଜୟନ୍ତୀ ଅବସରରେ ଗୀତାଜ୍ଞାନ ଯଜ୍ଞ ଓ ପାରାୟଣ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଗୋପିନାଥ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାଧାପକ ରାଜକିଶୋର ପାଣି ବେଦମନ୍ତ୍ର ପାଠ କରିଥିଲେ। ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଅକ୍ଷୟ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠ, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ, ଲକ୍ଷ୍ମୀ ନାରାୟଣ ସଂସ୍କୃତ ବିଦ୍ୟାଳୟ ଓ ସତ୍ୟ ଶିବ ସୁନ୍ଦର ସଂସ୍କୃତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଶ୍ରୀମଦ୍ ଭାଗବତ ଗୀତାର ପ୍ରଥମରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ପାରାୟଣ କରିଥିଲେ। ପଣ୍ଡିତ ରତ୍ନାକର ଦାଶ, ପଣ୍ଡିତ ଶରତ ଚନ୍ଦ୍ର ରାଉତ, ପଣ୍ଡିତ ନାରାୟଣ ପ୍ରଧାନ, ପଣ୍ଡିତ ବରଦାକାନ୍ତ ଜେନା, ପଣ୍ଡିତ ବଳରାମ ବାଗ, ଶିକ୍ଷକ ଘନଶ୍ୟାମ ପରିଡା, ନଳିନୀକାନ୍ତ କର, ଅନିରୁଦ୍ଧ ପ୍ରଧାନ, ପ୍ରାଧାପକ ପ୍ରଦୀପ କୁମାର ପାଲ, ବିଶ୍ୱମ୍ଭର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପାରାୟଣ କରିବା ସହ ଗୀତାଜ୍ଞାନ ଯଜ୍ଞ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱନାଥ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକମାନେ ଅଂଶଗ୍ରହଣ କରିଥିଲେ।

## ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳିତ


କେନ୍ଦ୍ରାପଡ଼ା,୧୩।୧୨(ସମିସ): ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାରୋ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳନ କରାଯାଇଛି। କଳାମାଟିଆ ଗ୍ରାମ ରାଧାକୃଷ୍ଣ ମନ୍ଦିର ଓ ହନୁମାନ ମନ୍ଦିର ପ୍ରାଙ୍ଗଣରେଆଶାକର୍ମୀ ସଂଯୁକ୍ତା ପ୍ରଧାନ ଗ୍ରାମବାସୀଙ୍କୁ ଏକଜୁଟ କରାଇଥିଲେ। ୱାର୍ଡମେମ୍ବର ପ୍ରଫୁଲ୍ଲ କୁମାର ରାଉତ, ଅଙ୍ଗନବାଡି କର୍ମୀ କମଳା ସାମଲ, ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ସଦସ୍ୟା ସାମିଲ ହୋଇଥିଲେ। ସିଏଚ୍‌ଓ ଉପସ୍ଥିତ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ଓ ଅର୍ଥ ବାଧା ଉପୁଜୁଥିବା ନେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସରକାର ମାଗଣାରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ ବୋଲି ଆଲୋଚନା ମାଧ୍ୟମରେ ଗ୍ରାମବାସୀ ଅବଗତ ହୋଇଥିଲେ। ସ୍ୱାସ୍ଥ୍ୟ ଦାୟିତ୍ୱ ସରକାରଙ୍କର ଶୀର୍ଷକ ଆଲୋଚନାକୁ ଗ୍ରାମବାସୀଙ୍କ ସହାୟତାରେ ସିଏଚ୍‌ଓ ସଫଳ କରାଇଥିଲେ। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସ୍ୱାସ୍ଥ୍ୟସେବାକୁ ଆପଣେଇବାକୁ ସିଏଚ୍‌ଓ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ସିଏଚ୍‌ଓ କୃଷ୍ଣାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପ୍ରାଣାଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୧୩।୧୨(ସମିସ):ପଟ୍ଟାମୁଣ୍ଡାଇ ବ୍ଲକ୍ ଚନ୍ଦନନଗର ପଞ୍ଚାୟତ ଦଳବାଡ଼ ଗ୍ରାମର ସମାଜସେବୀ ପଟ୍ଟାମୁଣ୍ଡାଇ ବ୍ଲକ୍ ଲୋହିଆ ବିଚାର ମଞ୍ଚ ସମ୍ପାଦକ ଈଶ୍ୱର ମଲ୍ଲିକଙ୍କ ପତ୍ନୀ ଘୁଙ୍ଗୁରୀ ମଲିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଧ୍ରୁବ-ଅନ୍ନପୂର୍ଣ୍ଣା ସେବା ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଚନ୍ଦନନଗର ସମିତି ସଭ୍ୟ ମାନସ ମଲିକ, ଜିଲ୍ଲା ବିଜେଡି ଦଳିତ ସେଲ୍ ସଭାପତି ଦଶରଥ ମଲ୍ଲିକ, ଜିଲ୍ଲା ଦଳିତ ସେଲ୍ ମହିଳା ସଭାନେତ୍ରୀ ପ୍ରମିଳା ସେଠୀ, ପଟ୍ଟାମୁଣ୍ଡାଇ ବ୍ଲକ୍ ସଭାପତି କଳ୍ପତରୁ ମଲିକ, ସମ୍ପାଦକ ଉତ୍ତମ ମଲିକ, ଉପସଭାପତି ଚୈତନ୍ୟ ମଲିକ, ବାବାଜୀ ମଲିକ, ସମାଜସେବୀ ସୁବାସ ମଲିକ, ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ କଣ୍ଠଶିଳ୍ପୀ ରମେଶ ସ୍ୱାଇଁ, କଳାକାର ଅମରେନ୍ଦ୍ର ସ୍ୱାଇଁ, କଣ୍ଠଶିଳ୍ପୀ ଗଣେଶ ମଲିକଙ୍କ ସମେତ ବହୁ ସମାଜସେବୀ, କଳାକାର ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁଶୀଲ ମଲିକ, ଗୁଣନିଧି ମଲିକ, ଅଲେଖ ମଲିକ, ଗଣେଶ ମଲିକ ଓ ଭୀମସେନ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜମିବାଡ଼ି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ପ୍ରସଙ୍ଗ

## ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ



ରାଜକନିକା,୧୩।୧୨(ସମିସ): ଜମି ଭାଗ ଦାବି କରି ଗତକାଲି ସକାଳେ କଣ୍ଡିଆ ଫାଣ୍ଡି ଅନ୍ତର୍ଗତ ନମତରା ଗାଁର ବାବୁରାମ ଜେନା ପରିବାରର ୩ ଜଣଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ଗିରଫ ହୋଇଛି। ସୂଚନା ମୁତାବକ ଗତକାଲି ଅଭିଯୁକ୍ତ ବାବୁରାମ ନିଜ ଭାଇ ଭାଗ ଦାବି କରି ତଥା ପୂର୍ବ ରାଗ ପାଇଁ ନିଜ ପରିବାରର ସାନଭାଇ ବାଙ୍କବିହାରୀ,ଭାଇ ବୋହୂ ମାନସୀ ଆଉ ପୁତୁରା ବୋହୂ ପ୍ରଭାତୀଙ୍କ ଉପରେ ଧାରୁଆ ଭୁଜାଲି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ତିନିଜଣ ଯାକ ଗୁରୁତର ଆହତ ହୋଇ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରବର୍ତ୍ତୀ ସମୟରେ କଟକକୁ ସ୍ଥାନାନ୍ତର ହୋଇଥିଲେ। ତେବେ ବାଙ୍କବିହାରୀଙ୍କ ବେକ ,ଗାଲ ଆଉ ମୁହଁରେ ଗଭୀର କ୍ଷତ ହୋଇଥିବା ଯୋଗୁ ସେ ଆଇସିୟୁରେ ଏବେ ବି ମରଣ ସହ ସଂଗ୍ରାମ କରୁଛନ୍ତି। ବେକର ତିନୋଟି ଶିର କଟି ଯାଇ ଥିବାରୁ ତାଙ୍କର ଅସ୍ତ୍ରୋପଚାର କରାଯାଇ ପଚାଶରୁ ଅଧିକ ସିଲାଇ ପଡିଛି। ଅନ୍ୟ ଦୁଇଜଣଙ୍କ ଅବସ୍ଥା ସ୍ଥିର ରହିଛି। ଗତକାଲି ସକାଳେ ଏଭଳି କାଣ୍ଡ ଘଟାଇ ଅଭିଯୁକ୍ତ ଖସି ଯିବାକୁ ବସିଥିବା ବେଳେ କଣ୍ଡିଆ ଫାଣ୍ଡି ଅଧିକାରୀ ଦେବାଶିଷ ପଣ୍ଡା ଖବର ପାଇ କଣ୍ଡିଆରୁ ଭିଡି ଆଣିଥିଲା। ଏହି ଘଟଣାରେ ତଦନ୍ତ କରାଯାଇ ଆଜି ଅପରାହ୍ନରେ ଅଭିଯୁକ୍ତ ବାବୁରାମକୁ ଜେଲ ହାଜତକୁ ପଠାଇ ଦିଆ ଯାଇଛି।

## ଅଗ୍ନିବିପନ୍ନଙ୍କୁ ସହାୟତା

ଡେରାବିଶ,୧୩।୧୨(ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡ଼ସାରଦେଇପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାର ସର୍ବସ୍ୱ ହରାଇଥିଲେ। ଖବର ପାଇ ବିପନ୍ନଙ୍କ ନିକଟରେ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ପ୍ରତିଷ୍ଠାତ ବିଶିଷ୍ଟ ସମାଜସେବୀ ପ୍ରାଧାପକ ଅଜୟ କୁମାର ରାଉତ ପହଞ୍ଚି ଶାନ୍ତ୍ୱନା ଦେବା ସହ କମ୍ବଳ, ବସ୍ତ୍ର, ପାଲ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଉକ୍ତ ପରିବାରର ପିଲାଙ୍କ ପାଠ୍ୟ ଉପକରଣ ପୋଡ଼ିଯାଇଥିବା ଅବଗତ ହୋଇ ଶ୍ରୀ ରାଉତ ତୁରନ୍ତ ସେମାନଙ୍କୁ ସମସ୍ତ ପାଠ୍ୟ ଉପକରଣ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ

## ଦୁଇ ଗାଁର ୪ ସ୍ଥାନରୁ ଚୋରି





ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ରାଜକନିକା,୧୩।୧୨(ସମିସ): ଦୀର୍ଘ ୬ ମାସ ଧରି ରାଜକନିକା ଥାନା ଅଞ୍ଚଳରେ ଚୋରି ଲୁଟ ତରାଜ ବଢିଚାଲିଛି। ଚୋରମାନେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଏଭଳି ସିରିଜ୍ ଚୋରି କରି ଚାଲିଛନ୍ତି। ପୁଲିସ ଚୋରଙ୍କ ଟେର ପାଉ ନାହିଁ। ଗତ ଗୁରୁବାର ବିଳମ୍ବିତ ରାତିରେ ଭାରିଗଦା ପଞ୍ଚାୟତର ଦଶଭାଗାରିଆ ଗାଁର ଶିବ ମନ୍ଦିରର ଗ୍ରିଲ ଭାଙ୍ଗି ହୁଣ୍ଡୀକୁ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍ ସହ ସିସି ଟିଭିର ହାର୍ଡ ଡିକ୍ସ ନେଇ ଯାଇଥିଲେ। ସେହି ଗାଁର ପ୍ରତାପ ବେହେରାଙ୍କ ଘରୁ ଚୋରି, ଦାମୋଦର ମହଲାଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଗାଁରେ ଗତ ନଭେମ୍ବର ୧୪ ତାରିଖରେ ଗାଁ ସ୍କୁଲରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଚୋରର ଟେର ପାଇଲା ନାହିଁ। ଏହି ପଞ୍ଚାୟତର ମଙ୍ଗଳପୁର ଗାଁର ହନୁମାନ ମନ୍ଦିରରୁ ଗେଟ୍ ଭାଙ୍ଗି ଦାନ ବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ପକ୍ଷରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ଆଣି ତଦନ୍ତ କରାଯାଉଛି। ରାଜକନିକା ଅଞ୍ଚଳରେ ଦିନକୁ ଦିନ ଚୋରି ସହ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିବାରୁ ଏସ୍‌ପି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ କାଡା କେନାଲରେ ଆସୁନି ପାଣି

## ଚାଷୀଙ୍କ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଧମକ



ପଞ୍ଚୁପାଣ୍ଡବ,୧୩।୧୨(ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁ ଗ୍ରାମଦେବତୀଙ୍କ ପ୍ରାଙ୍ଗଣରେ ଚାଷୀ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଭିମନ୍ୟୁ ରାଉତଙ୍କ ଅଧ୍ୟକ୍ଷତାରେ କେନାଲରେ ପାଣି ନ ଆସିବା ଏବଂ କାଡ଼ା କେନାଲ ଗୁଡ଼ିକର ସମସ୍ୟାକୁ ନେଇ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୧୯୯୯ ମସିହା ମହାବାତ୍ୟା ପରଠାରୁ ୧୧ ନମ୍ବର କେନାଲ ଶାଖାରେ ଆଦୌ ପାଣି ଆସୁ ନଥିବା ବେଳେ ପଟ୍ଟାମୁଣ୍ଡାଇ ୮ ନମ୍ବର( କ) କେନାଲରେ ଯାଇଥିବା କାଡା କେନାଲ ଗୁଡ଼ିକର ସତ୍ତା ହରାଇ ବସିଲାଣି। ଫଳରେ ଚାଷୀମାନେ ଚାଷ ପାଇଁ ହଇରାଣ ହେଉଥିବା ବେଳେ ଚାଷୀ ଖଜଣା ଓ ଜଳକର ଦେଇ ଚାଲୁଥିବା ଅଭିଯୋଗ କରିଛନ୍ତି। ଏ ବାବଦରେ ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଚରଣ ମିଶ୍ର କହିଛନ୍ତି, ସମସ୍ତ ଅଧିକାରୀଙ୍କୁ ଚାଷୀଙ୍କ ସମସ୍ୟା ପୂରଣ କରିବା ପାଇଁ ଆଲୋଚନା କରାଯିବ। ଏହା ବାବଦରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଜଳସେଚନ ବିଭାଗ ଅଧିକାରୀ ମାନେ ସମସ୍ୟାର ସମାଧାନ ନକଲେ ଏକ ମାସ ପରେ ମିଳିତ ଚାଷୀ ଶ୍ରମିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ମିଶ୍ର କହିଛନ୍ତି। ଏହି ବୈଠକରେ ବିଭିନ୍ନ ମେମ୍ବର ମାନଙ୍କୁ ବିଭିନ୍ନ ପଦବୀରେ ଅବସ୍ଥାପିତ କରାଯାଇଥିଲା। ବୈଠକରେ ରଞ୍ଜନ ପ୍ରଧାନ, ସେକ୍ ଗୁଲମନବି, ରମେଶ ବେହେରା, ଖଗେଶ୍ୱର ଦାସ, ଚୈତନ୍ୟ ସେଠୀ, ଭରତ ସିଂ, ମଦନ ମହାନ୍ତି, ଅନନ୍ତ ଭୂୟାଁ, କୃଷ୍ଣଚନ୍ଦ୍ର ଦାସ, ସୁରେଶ ବେହେରା, ପୂର୍ଣ୍ଣଚନ୍ଦ୍ର ରଣା, ସେକ ମନୁରୁଦ୍ଦିନ ଓ ସୁନୀତା ବେହେରା ଉପସ୍ଥିତ ଥିଲେ। କମଳ ମହାନ୍ତି କର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଗୌତମ ବେହେରା ଅତିଥି ପରିଚୟ ଓ ଅକ୍ଷୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ମୃତିଚାରଣ ସଭା



ରାଜନଗର, ୧୩।୧୨(ସମିସ): ରାଜନଗର ବ୍ଲକ୍ କୁରୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ନାଥପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅଲେଖ ଚନ୍ଦ୍ର ସାମନ୍ତରାୟଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବିଜୟ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ କୃପାସିନ୍ଧୁ ସାମଲ, କ୍ଷୀରୋଦ ମଲିକ, ଦାଶରଥି ଲେଙ୍କା, ନୃସିଂହ ଚରଣ ଜେନା, ପ୍ରଫୁଲ୍ଲ ଜେନା, ଦୁର୍ଯ୍ୟୋଧନ ସାହୁ, ପ୍ରଫୁଲ୍ଲ ରାଉତ, ଅର୍ଜୁନ ସାମଲ, ରତ୍ନାକର ଦାସ, ସୋମନାଥ ଦାସ, ଦୁର୍ଯ୍ୟୋଧନ ଦାସ, ଘନଶ୍ୟାମ ବଳ, ଅକ୍ଷୟ ମିଶ୍ର, ରତ୍ନାକର ସ୍ୱାଇଁ, ରତ୍ନାକର ପାଣି, ଦିବାକର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ।


# ବାତ୍ୟା ପାଲକୁ ବିକି ଖାଇଗଲେ !

ଘର ଭାଙ୍ଗିଥିବା ଲୋକଙ୍କୁ ମିଳୁନି ପଲିଥିନ୍
ବଦଳୁନି ସରକାରୀ ବାବୁଙ୍କ ପ୍ରକୃତି

ମହୁ,୧୩।୧୨(ସମିସ): ବାତ୍ୟା ଦାନା ପ୍ରଭାବରେ ଶହ ଶହ ଲୋକଙ୍କ ଗୃହ ଭାଙ୍ଗିଲା। ଏପର୍ଯ୍ୟନ୍ତ ଅନ୍ୟ ସାହାଯ୍ୟ ମିଳିବା ତ ଦୂରର କଥା, ଉଡ଼ି ଯାଇଥିବା ଚାଳ ପାଇଁ ପାଲ ଖଣ୍ଡେ ବି ମିଳିପାରିଲା ନାହିଁ। ବାତ୍ୟା ଦାନାକୁ ପରିଚାଳନାରେ ଓଡ଼ିଶାର ନୂଆ ବିଜେପି ସରକାର ସଫଳ ହୋଇଥିବା କହି ନିଜର ଡିଣ୍ଡିମ ପିଟୁଥିବା ବେଳେ ଏବେ ବି ଲୋକେ ନିରାଶ୍ରୟ। ଆଳି ତହସିଲ ଅନ୍ତର୍ଗତ ମହୁ ଗ୍ରାମ ପଞ୍ଚାୟତରେ ପ୍ରାୟ ଶତାଧିକ ପରିବାର ଗୃହଶୂନ୍ୟ ହୋଇ ରହିଛନ୍ତି। ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ସରକାରଙ୍କ ପଲିଥିନ 'ପାଲ' ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚି ନାହିଁ। ଦୁଇ ମହଲା କୋଠା ଘରଥିବା ଅଯୋଗ୍ୟ ଲୋକଙ୍କୁ ମିଳିଛି ପାଲ। କିନ୍ତୁ ଅସଲ କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚି ନାହିଁ। ଯେଉଁମାନଙ୍କର ଚାଳ ଛପର ଘର ସେମାନଙ୍କୁ ପ୍ରଥମେ ପଲିଥିନ ପାଲ ଦିଆଯିବା କଥା। କିନ୍ତୁ ତାହା ସମ୍ପୂର୍ଣ୍ଣ ଓଲଟା ହୋଇଛି ମହୁ ଗ୍ରାମପଞ୍ଚାୟତରେ। ଆଜି ଏ ନେଇ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ ଏଠାରେ କିଛି ରାଜନୈତିକ ଦଳର ଲୋକେ ନିଜର ପତିଆରା ଜାହିର କରି ହାତେଇଛନ୍ତି ସରକାରଙ୍କ ପଲଥିନ ପାଲ। ଅପରପକ୍ଷେ ପାଲ ଗୁଡ଼ିକୁ ତତ୍କାଳୀନ ରାଜସ୍ୱ ନିରୀକ୍ଷକ କରୁଣାକର ମଲ୍ଲିକ ବିକ୍ରି କରି ନିଜର ପକେଟ୍ ଗରମ କରିଥିବା ଅଭିଯୋଗ ହୋଇଛି। ପାଲ ପାଇଁ ଲୋକେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ମଧ ତାଙ୍କର ଦର୍ଶନ ମିଳି ନଥିଲା। ବାତ୍ୟା ଦାନାର ମୁକାବିଲା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଦାୟିତ୍ୱରେ ଥିଲେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ଯଦି ଖୋଦ୍ ଉପ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ବେଳେ କେଳେଙ୍କାରୀ ହୋଇପାରୁଛି, ତେବେ ପ୍ରଶ୍ନ କାହାକୁ କରାଯିବ ବୋଲି ଲୋକେ ମତ ଦେଉଛନ୍ତି। ଏନେଇ ମହୁ ଗ୍ରାମ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ ଦେଇଛନ୍ତି। ଜିଲ୍ଲାପାଳଙ୍କ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର।

■ ଆନ୍ତଃ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସୁପର ଲିଗ୍ ମ୍ୟାଚରେ ନେତାଜୀ ୟୁଥ୍ କ୍ଲବ୍ ବିଜୟୀ




କେନ୍ଦ୍ରାପଡ଼ା,୧୩।୧୨(ସମିସ): କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ତରଫରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଓସିଏ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ମ୍ୟାଚ୍‌ରେ ନେତାଜୀ ୟୁଥ କ୍ଲବ ଓ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନେତାଜୀ ୟୁଥ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୩୨.୩ ଓଭରେ ୧୭୮ରନ କରି ଅଲଆଉଟ ହୋଇଥିଲା। ସେହିପରି ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ୨୪.୧ ଓଭରେ ୧୧୧ରନ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚରେ ନେତାଜୀ ୟୁଥ କ୍ଲବ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବକୁ ୬୭ରନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ନେତାଜୀ ୟୁଥ କ୍ଲବର ଇସାନ କିରନ ପାତ୍ର ୬ଟି ବାଉଣ୍ଡରି ଓ ଗୋଟିଏ ଛକାମାରି ୬୨ବଲରେ ୫୧ରନ କରି ମ୍ୟାନ ଅଫ ମ୍ୟାଚ ହୋଇଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ଚିରଞ୍ଜିବି ବଳ ଓ ଏସକେ ମିନାଜୁଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

ସକାଳ THE SAKALA
www.sakalaepaper.com



# ଏମିତି ଚାଲିଛି 'ଲୋକଙ୍କ ସରକାର'

## ୭ ଦିନରେ ପ୍ରସ୍ତୁତ ହୋଇଗଲା ବିଧାୟକଙ୍କ ଦରମା ଭତ୍ତା ବୃଦ୍ଧି ବିଲ୍

## ୬ ମାସ ପରେ ବି ବରିଷ୍ଠ ନାଗରିକଙ୍କୁ ମିଳିଲାନି ବର୍ଦ୍ଧିତ ଭତ୍ତା ରାଶି

ଭୁବନେଶ୍ୱର,୧୩ା୧୨(ସମିସ): ବିଜେପି ସରକାର ଗଢ଼ିଲେ ସବୁ ବରିଷ୍ଠ ନାଗରିକଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ମିଳିବ। ଅଶୀତିପର ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ହେବ। ନିର୍ବାଚନ ପୂର୍ବରୁ ବିଜେପି ଏପରି ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟବାସୀ ବିଜେପିକୁ ଶାସନ କ୍ଷମତା ଦେଲେ। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟର ୫୭ ଲକ୍ଷ ହିତାଧିକାରୀଙ୍କ ଭତ୍ତା ବଢ଼ାଇବା ଘୋଷଣାକୁ ଭୁଲିଗଲେ ବିଜେପି ସରକାର। ଯେଉଁ ସାଢ଼େ ୩ ଲକ୍ଷ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକ ଓ ୮୦% ଅକ୍ଷମଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବାକୁ ବଜେଟରେ ଆର୍ଥିକ ବ୍ୟବସ୍ଥା କଲେ, ସେମାନଙ୍କୁ ବି ଆଜିଯାଏ ବର୍ଦ୍ଧିତ ଭତ୍ତା ମିଳିପାରିଲା ନାହିଁ। ମାତ୍ର ବିଧାନସଭାରେ ବିଧାୟକମାନେ ସେମାନଙ୍କ ଦରମା ଓ ଭତ୍ତା ବଢ଼ାଇବାକୁ ପ୍ରସ୍ତାବ ଦେବାର ୭ ଦିନ ମଧ୍ୟରେ ସରକାର ଏ ସଂକ୍ରାନ୍ତରେ ବିଲ୍ ପ୍ରସ୍ତୁତ କରିଦେଇଛନ୍ତି।

ଗତ ୩ ତାରିଖରେ ଗୃହରେ ଶାସକ-ବିରୋଧୀ ସମବେତ ସ୍ୱରରେ ନିଜର ଦରମା ଏବଂ ପୂର୍ବ ବିଧାୟକଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ଦାବି କଲେ। ଏହି ଦାବିର କେଇ ଘଣ୍ଟା ମଧ୍ୟରେ ସେହିଦିନ ରାତିରେ ରାଜ୍ୟ ସରକାର ବରିଷ୍ଠ ବିଜେପି ବିଧାୟକ ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ଏକ ୮ ଜଣିଆ କମିଟି ମଧ୍ୟ ଗଠନ କଲେ। କୌତୂହଳର ବିଷୟ ହେଉଛି କମିଟି ଗଠନ ହେବାର ୭ ଦିନ ମଧ୍ୟରେ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧି ସଂକ୍ରାନ୍ତ ବିଲ୍ ପ୍ରସ୍ତୁତ ହୋଇଯାଇଛି। ଏ ସଂକ୍ରାନ୍ତରେ ମୋଟ ୪ଟି ବିଲ୍ ପ୍ରସ୍ତୁତ ହୋଇଥିବା ବେଳେ ଏସବୁ ମୁଦ୍ରଣ(ପ୍ରିଣ୍ଟ) କରିବା ପାଇଁ ବିଧାନସଭା ସଚିବଙ୍କୁ ଆଇନ ବିଭାଗ ୧୦ ତାରିଖରେ ଚିଠି ଲେଖିଛି। ଏହା ସହିତ ପ୍ରତି ବିଲ୍‌ର ୨୦ଟି କପି ଆଇନ ବିଭାଗ ଏବଂ ୩୦ଟି କପି ସଂସଦୀୟ ବ୍ୟାପାର ବିଭାଗକୁ ପ୍ରଦାନ କରିବାକୁ ଆଇନବିଭାଗର ସ୍ୱତନ୍ତ୍ର ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି। ମାତ୍ର ୭ ଦିନ ମଧ୍ୟରେ ଦରମା, ଭତ୍ତା ବୃଦ୍ଧି ନେଇ ରାଜ୍ୟ ସରକାରଙ୍କ ଏ ପ୍ରକାରର ତତ୍ପରତାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ନୂଆ କମିଟି କେବେ, କିପରି ଭାବରେ ଏବଂ କେଉଁ ଆଧାରରେ ବିଧାୟକ/ପୂର୍ବ ବିଧାୟକଙ୍କ ଦରମା ତଥା ପେନ୍‌ସନ୍ ନିରୂପଣ କଲା ତାହାକୁ ନେଇ ଏବେ ସାଧାରଣରେ ଆଲୋଚନା ଜୋର୍ ଧରିଛି।

ରାଜ୍ୟ ଆଇନ ବିଭାଗର ସ୍ୱତନ୍ତ୍ର ସଚିବ ଭଗବାନ ପ୍ରସାଦ ସାହୁ ଗତ ୧୦ତାରିଖରେ ବିଧାନସଭା ସଚିବଙ୍କୁ ଚିଠି ଲେଖି ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ ଓ ବିଧାୟକଙ୍କ ଦରମା-ଭତ୍ତା ଓ ପେନସନ୍ ବୃଦ୍ଧି ସଂକ୍ରାନ୍ତ ୪ଟି ବିଲ୍ ପ୍ରିଣ୍ଟ କରିବାକୁ କହିଛନ୍ତି। ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ଦରମା ଓ ଭତ୍ତା(ସଂଶୋଧିତ) ବିଲ୍-୨୦୨୪, ଓଡ଼ିଶା ବିଧାନସଭା ଉପବାଚସ୍ପତିଙ୍କ ଦରମା ଓ ଭତ୍ତା(ସଂଶୋଧିତ) ବିଲ-୨୦୨୪, ଓଡ଼ିଶା ମନ୍ତ୍ରୀଙ୍କ ଦରମା ଓ ଭତ୍ତା(ସଂଶୋଧିତ) ବିଲ୍-୨୦୨୪ ଏବଂ ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା ଓ ପେନସନ(ସଂଶୋଧିତ) ବିଲ-୨୦୨୪କୁ ମୁଦ୍ରଣ(ପ୍ରିଣ୍ଟ) କରିବା ପାଇଁ ଶ୍ରୀ ସାହୁ ବିଧାନସଭା ସଚିବଙ୍କୁ ଚିଠି ଲେଖିଛନ୍ତି।

ବିଧାୟକଙ୍କ ଦରମା ଓ ଭତ୍ତା, ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି ପାଇଁ ରାଜ୍ୟ ସରକାର ଯେପରି ତତ୍ପରତା ପ୍ରଦର୍ଶନ କରିଛନ୍ତି; ସେତିକି ତତ୍ପରତା ପ୍ରଦର୍ଶନ କରିଥିଲେ ରାଜ୍ୟର ଲକ୍ଷଲକ୍ଷ ବୁଢ଼ାବୁଢ଼ୀ, ବିଧବା, ଭିନ୍ନକ୍ଷମ କେବେଠାରୁ ବର୍ଦ୍ଧିତ ଭତ୍ତା ପାଇ ସାରିଥା'ନ୍ତେ। ମାତ୍ର ଗରିବ ଲୋକମାନଙ୍କ ପାଇଁ ଆଭିମୁଖ୍ୟ ଓ ନିଜ ସୁଖସୁବିଧା ପାଇଁ ତତ୍ପରତାକୁ ନେଇ ସାଧାରଣରେ ସରକାର କଟୁ ସମାଲୋଚନାର ଶିକାର ହୋଇଛନ୍ତି।

## ୩୭୬ଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୨(ସମିସ): ସ୍ୱାସ୍ଥ୍ୟ ବିଭାଗର ୮୫ ଜଣ ହୋମିଓପାଥିକ ଚିକିତ୍ସକ, ୨୩୯ ଜଣ ରେଡିଓଗ୍ରାଫରଙ୍କ ସହ ଉଚ୍ଚ ଶିକ୍ଷା ବିଭାଗର ୫୨ ଜଣ ଅଧ୍ୟାପକଙ୍କ ସମେତ ମୋଟ୍ ୩୭୬ ଜଣଙ୍କୁ ଶୁକ୍ରବାର ନିଯୁକ୍ତିପତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲୋକସେବା ଭବନରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ବୃତ୍ତିଗତ ଦକ୍ଷତା ବଢ଼ାଇବା ସହ ସେବା ମନୋବୃତ୍ତି ନେଇ କାମ କରିବାକୁ ସେ ନବ ନିଯୁକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଚାକିରିକୁ ଅର୍ଥ ଉପାର୍ଜନ ସର୍ବସ୍ୱ ନଭାବି କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବା ଓ ଦୁର୍ନୀତିକୁ ପ୍ରଶୟ ନଦେବାକୁ କହିଛନ୍ତି। ଆଗାମୀ ପାଞ୍ଚବର୍ଷରେ ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବ। ରାଜ୍ୟରେ ଖାଲି ଥିବା ପଦ ପୂରଣ କରାଯିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥି ଚିକିତ୍ସକ ଓ ରେଡିଓଗ୍ରାଫର ନିଯୁକ୍ତି ପରେ ଡାକ୍ତରଖାନାରେ 'ଫାର୍ମାସୀ ଅଫିସର' ନିଯୁକ୍ତ କରାଯିବ। ଏହା ସହିତ ଜାତୀୟ ଆୟୁଷ ମିଶନରେ ରାଜ୍ୟରେ ୪୨୨ଟି ହୋମିଓପାଥି ଓ ଆୟୁର୍ବେଦିକ୍ ଡାକ୍ତରଖାନର 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଭାବରେ ଉନ୍ନତିକରଣ କରାଯାଇଛି। ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ଆଉ ତିନୋଟି ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଉଥିବା ସେ କହିଛନ୍ତି। ଅଧ୍ୟାପକଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଦକ୍ଷ ଓ ଦାୟିତ୍ୱବାନ୍ ଛାତ୍ରଛାତ୍ରୀ ଗଢ଼ି ପାରିଲେ



ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ପୂରଣ ହୋଇପାରିବ। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା କହିଥିବାବେଳେ ଉନ୍ନୟନ କମିଶନର ଅନୁ ଗର୍ଗ କମ୍ଫର୍ଟ ଜୋନ୍‌ରୁ ବାହାରି ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ମହିଳାମାନଙ୍କୁ ଆହ୍ୱାନ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ସ୍ୱାଗତ ଭାଷଣ ଦେଇଥିବାବେଳେ ନବ ନିଯୁକ୍ତ ଅଧ୍ୟାପିକା ଶୁଭଲକ୍ଷ୍ମୀ ସ୍ୱାଇଁ, ଡାକ୍ତର କଲ୍ୟାଣୀ ମଞ୍ଜରୀ ନାୟକ ଓ ରେଡିଓଗ୍ରାଫର ସ୍ୱତନ୍ତ୍ର ପଟ୍ଟନାୟକ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

## ବିଧବାଙ୍କୁ ଗଣଦୁଷ୍କର୍ମ ଘଟଣାରେ ୪ ଗିରଫ

ଦେବଗଡ଼, ୧୩ା୧୨(ସମିସ): ଦେବଗଡ଼ ଥାନା ଅଞ୍ଚଳରେ ଜଣେ ବିଧବା ମହିଳାଙ୍କୁ ଜଙ୍ଗଲରେ ଗଣଦୁଷ୍କର୍ମ କରାଯିବା ଘଟଣାରେ ଆଦର୍ଶ ଥାନା ପୁଲିସ୍ ଆଜି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଗଜୁରୀବଣି ଗ୍ରାମର ଦୀପକ କିଣ୍ଡୋ (୨୮), ବିନୋଦ କିଣ୍ଡୋ (୩୦), ଆଶିଷ ଖେସ (୨୪) ଓ କଳାମାଟି ଗ୍ରାମର ଫ୍ରାନ୍‌ସିସ୍ ଟପୋ (୨୮)। ପୁଲିସ୍ ଆଜି ସମସ୍ତଙ୍କୁ କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଗତ ସୋମବାର ଦିନ ସ୍ଥାନୀୟ ବଜାରରୁ ଜଣେ ବିଧବା ମହିଳା ଫେରୁଥିବା ବେଳେ ଦୀପକ ତାଙ୍କୁ ବାଇକ୍‌ରେ ଲିଫ୍ଟ ଦେବା ଆଳରେ ଅଶ୍ଳୀଳ ଆଚରଣ କରିଥିଲା। ମହିଳାଜଣଙ୍କ ଏହାର ପ୍ରତିବାଦ କରିବା ସହ ଗାଡ଼ିରୁ ଓହ୍ଲାଇ ଚାଲିଚାଲି ଯାଇଥିଲେ। କିଛି ବାଟ ପରେ ଏକ ନିର୍ଜନ ସ୍ଥାନରେ ଦୀପକ ଓ ସେଠାରେ ଆଗରୁ ଲୁଚି ରହିଥିବା ତା'ର ୩ ସହଯୋଗୀ ମହିଳାଙ୍କୁ ପାଖ ଜଙ୍ଗଲକୁ ଟେକି ନେଇ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ପୀଡ଼ିତା ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ।

## ମହାକବି ଭାରତୀଙ୍କ ପୁସ୍ତକ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ





ଭୁବନେଶ୍ୱର,୧୩ା୧୨(ସମିସ): ତାମିଲ ମହାକବି ସୁବ୍ରମଣ୍ୟମ୍ ଭାରତୀଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ଲିଖିତ ଶେଷ ୫ଖଣ୍ଡ ପୁସ୍ତକକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକାର୍ପଣ କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପିତ ହୋଇଥିବା ଏହି ପୁସ୍ତକଗୁଡ଼ିକ ତାଙ୍କର ଶ୍ରେଷ୍ଠ କୃତି କାଲା ଭରିସାୟିଲ୍ ଭାରତୀ ପାଦାଇପୁଗଲ୍ ନାମକ ପୁସ୍ତକର ଅଂଶବିଶେଷ। ଶିନି ବିଶ୍ୱନାଥନ୍‌ଙ୍କ ଦ୍ୱାରା ସଂକଳିତ ଓ ସମ୍ପାଦିତ ଏହି ପୁସ୍ତକରେ ୨୩ଟି ଭାଗ ରହିଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ସହାୟତାରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀର ସଚିବ ଡଃ କେ ଶ୍ରୀନିବାସ ରାଓ ପୁସ୍ତକର ବିଭିନ୍ନ ଖଣ୍ଡଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଲ୍ ମୁରୁଗାନ୍, ସଂସ୍କୃତି ମନ୍ତ୍ରଣାଳୟର ସଚିବ ଆରୁନିଶ୍ ଚାୱଲା ଓ ପୁସ୍ତକର ସଂକଳକ ତଥା ସମ୍ପାଦକ ଶିନି ବିଶ୍ୱନାଥନ୍ ଉପସ୍ଥିତ ଥିଲେ। ଏହି ଅବସରରେ ପୁସ୍ତକର ପ୍ରକାଶକ ଶ୍ରୀ ବିଶ୍ୱନାଥନଙ୍କ ଷାଠିଏ ବର୍ଷର କଠିନ ପରିଶ୍ରମକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ତାଙ୍କର କାର୍ଯ୍ୟ ସାହିତ୍ୟ ଜଗତରେ ଏକ ମାଇଲଖୁଣ୍ଟ ଭାବରେ ଉଭା ହେବ ବୋଲି କହିଥିଲେ।

## କାମାକ୍ଷାନଗରରେ ଦେଶରେ ପ୍ରଥମ ସିନ୍ଥେଟିକ୍ ରାସ୍ତା

କାମାକ୍ଷାନଗର, ୧୩।୧୨(ସମିସ): କାମାକ୍ଷାନଗରରେ ନିର୍ମାଣ ହେଉଛି ଦେଶର ପ୍ରଥମ ସିନ୍ଥେଟିକ୍ ରାସ୍ତା। ପ୍ରଥମ କରି ସିନ୍ଥେଟିକ୍ ଉପରେ ପିଚୁ ପକାଇ ନିର୍ମାଣ ହେଉଛି ରାସ୍ତା। ପୂର୍ବ ନବୀନ ସରକାର ସମୟରେ ଏହି ଜର୍ମାନ ଟେକ୍ନୋଲୋଜି ରାସ୍ତା ପାଇଁ

**ଜର୍ମାନ ଟେକ୍ନୋଲୋଜିରେ ନିର୍ମାଣ ହେଉଛି**



ହୋଇଥିଲା ଭିତ୍ତିପ୍ରସ୍ତର ସ୍ଥାପନ। ପୂର୍ବତନ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଦ୍ୱାରା ୨୦୨୪ ଫେବୃଆରୀ ୨୫ରେ ଏହି ନୂତନ ଟେକ୍ନୋଲୋଜି ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। କାମାକ୍ଷାନଗର ସହରର ବିଦ୍ୟୁତ୍ କାର୍ଯ୍ୟାଳୟ ଛକରୁ ଗୁଣ୍ଡିଚାନାଳୀ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ୭୦୦ ମିଟର ଲମ୍ବ ଏହି ରାସ୍ତ କାମ ଏବେ ଆରମ୍ଭ ହୋଇଛି। ରାସ୍ତାରେ ପ୍ରଥମେ ସିନ୍ଥେଟିକ ବିଛାଯାଇ ତା' ଉପରେ ପିଚୁ ପକାଯିବ। ଫଳରେ ରାସ୍ତାର ସ୍ଥାୟିତ୍ୱ ବୃଦ୍ଧି ପାଇବା ସହ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ହୋଇପାରିବ। ସିଗ୍ନାଏନେଟେକ୍ କନଷ୍ଟ୍ରକ୍ସନ୍ କମ୍ପାନୀ ରାସ୍ତା ନିର୍ମାଣ ଦାୟିତ୍ୱ ନେଇଛି। ରାସ୍ତାର ସ୍ଥାୟିତ୍ୱ ଓ ଗୁଣବତ୍ତା ନିଶ୍ଚୟ ଉଚ୍ଚ ମାନର ହେବ ବୋଲି ଆଶା ରଖିଛନ୍ତି ଢେଙ୍କାନାଳ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ଓ କନଷ୍ଟ୍ରକ୍ସନ କମ୍ପାନୀର ଇଞ୍ଜିନିୟର ଉମାଶଙ୍କର ପଟ୍ଟନାୟକ। କାମାକ୍ଷାନଗର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠୀ, ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲ୍ଲିକ ପ୍ରମୁଖ ଶୁକ୍ରବାର ନିର୍ମାଣସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଛନ୍ତି।

## ୨ ମହିଳାଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦେଲେ

କଣ୍ଟାବାଞ୍ଜି, ୧୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କୁକୁଡ଼ାହାଡ଼ ଗାଁ ନିକଟ ଦେଇ ଯାଇଥିବା ରେଳଧାରଣା କଡ଼ରୁ ଆଜି ସକାଳୁ ୨ଅଜଣା ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଜବତ ହୋଇଛି। ଜଣଙ୍କର ବୟସ ୪୦ରୁ ୪୫ ବର୍ଷ ଓ ଅନ୍ୟଜଣଙ୍କୁ ପାଖାପାଖି ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ କଣ୍ଟାବାଞ୍ଜି ଜିଆର୍‌ପି ଓ ଟାଉନ୍ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମହିଳାଦ୍ୱୟଙ୍କୁ ଅନ୍ୟତ୍ର ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ରେଳଧାରଣା କଡ଼ରେ ଫିଙ୍ଗି ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଅପଚେଷ୍ଟା କରିଥିବା ସନ୍ଦେହ କରାଯାଉଛି। ଗୋଟିଏ ଶବ ଧାରଣା ଭିତରେ ପଡ଼ିଥିବା ବେଳେ ଅନ୍ୟଟି ସେଠାରୁ ପ୍ରାୟ ୫୦୦ ମିଟର ଦୂରରେ ପଡ଼ିଥିବାରୁ ଏ ପ୍ରକାରର ସନ୍ଦେହ ଅଧିକ ଘନୀଭୂତ ହେଉଛି।

କଣ୍ଟାବାଞ୍ଜି ଜିଆର୍‌ପି ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ଶବଦ୍ୱୟକୁ ପୁଲିସ୍ ଟିଟିଲାଗଡ଼ ଡାକ୍ତରଖାନାରେ ରଖାଇଛି। ପୁଲିସ୍ ସେମାନଙ୍କ ପରିଚୟ ଖୋଜିବା ଆରମ୍ଭ କରିଛି। ସେମାନେ କିଏ ଓ କେଉଁ ପରିସ୍ଥିତିରେ ଏଠାକୁ ଆସିଥିଲେ; ଏନେଇ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି।

## ଅଙ୍ଗନଦୀ ବ୍ରିଜ୍‌ରେ ଦୁର୍ଘଟଣା: ୨ ମୃତ

ଲୋଇସିଂହା, ୧୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ସଲେଭଟାଠାରେ ଏକ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟଙ୍କ ନାଁ ଜଣାପଡ଼ି ନଥିବା ବେଳେ ସେମାନଙ୍କ ଘର ସୋନପୁର ଜିଲ୍ଲାରେ ବୋଲି କୁହାଯାଉଛି। ସୂଚନାନୁସାରେ, ଗୁରୁବାର ରାତିରେ ଦୁଇଜଣଯାକ ଏକ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ବେଳେ ସଲେଭଟା ଦେଇ ଯାଇଥିବା ଅଙ୍ଗ ନଦୀ ବ୍ରିଜ୍ କାନ୍ଥରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଉଭୟଙ୍କ ମୃତଦେହ ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ରଖାଯାଇଛି। ପୁଲିସ୍ ସେମାନଙ୍କ ପରିଚୟ ଖୋଜିବାକୁ ଚେଷ୍ଟା ଚଳାଇଥିବା ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ସୂଚନା ଦେଇଛନ୍ତି।

## ସାର ବୋଝେଇ ଟ୍ରକ୍‌ରେ ନିଆଁ

କୋକସରା, ୧୩।୧୨(ସମିସ): କଳାହାଣ୍ଡି ଜିଲ୍ଲା, କୋକସରା ବ୍ଲକ୍ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ନିକଟରେ ଆଜି (ଶୁକ୍ରବାର) ଏକ ଚଳନ୍ତା ଏକ ସାର ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଯାଇଛି। ତେବେ ଠିକ୍ ସମୟରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡ଼ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇଛି।

ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାରୁ ସାର ବୋଝେଇ କରି ଟ୍ରକ୍‌ଟି ଜୁନାଗଡ଼ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ନିକଟରେ ଟ୍ରକ୍‌ରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଏହା ଜାଣିପାରି ଚାଳକ ଗାଡ଼ିକୁ ରାସ୍ତାରେ ଠିଆ କରି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ଆଗ୍ନିକ ସୁନୀଲ ରଞ୍ଜନ ବରାଳ, ମନୋଜ ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନ, ଲଳିତ ପୁଟେଲ, ଶ୍ୟାମଲାଲ ଗଣ୍ଡ ପ୍ରମୁଖ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

■ ଝାରସୁଗୁଡ଼ା ପୌର ପରିଷଦରେ ମଶାତେଲ କିଣା ଦୁର୍ନୀତି

## ୪ଜଣଙ୍କୁ ବାନ୍ଧିଲା ଭିଜିଲାନ୍ସ









ଝାରସୁଗୁଡ଼ା, ୧୩ା୧୨ (ସମିସ): ଝାରସୁଗୁଡ଼ା ପୌର ପରିଷଦରେ ମଶାତେଲ କିଣା ଦୁର୍ନୀତି ଘଟଣାରେ ଭିଜିଲାନ୍ସ ଆଜି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ତତ୍କାଳୀନ ପୌର ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ଆକାଉଣ୍ଟାଣ୍ଟ ଅଚ୍ୟୁତାନନ୍ଦ ସ୍ୱାଇଁ, ସାନିଟେସନ ଏକ୍ସପର୍ଟ ବିଶ୍ୱରଞ୍ଜନ ସାହୁ ଓ ମଶାତେଲ ଯୋଗାଇଥିବା ଫ୍ୟୁଜନ୍ ଗ୍ରୁପ୍ ମାଲିକ ଆଶୁତୋଷ ଅଗ୍ରୱାଲ। ଗିରଫ ଅଭିଯୁକ୍ତମାନଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।

ଗତକାଲି ଝାରସୁଗୁଡ଼ା ପୌର ପରିଷଦର ଦୁଇ ଅଧିକାରୀଙ୍କ ସହ ସପ୍ଲାୟରଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ ଅଫିସ୍‌ରେ ଜେରା କରାଯିବା ପରେ ଆଜି ଝାରସୁଗୁଡ଼ା ଅଣାଯାଇଥିଲା।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ପୌର ପରିଷଦରେ ଗତ ୨୦୧୯ ଜୁନ୍‌ରୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ମଶାତେଲ ଲିଟର ପିଛା ୭୭ ଟଙ୍କା ହିସାବରେ ଯୋଗାଣ କରାଯାଇଥିଲା। ଓଡ଼ିଶା ରବର ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଦୁଇ ହଜାର ଲିଟର ମଶା ତେଲକୁ ଲିଟର ପିଛା ୭୭ଟଙ୍କା ହିସାବରେ ୧ ଲକ୍ଷ ୫୪ ହଜାର ଟଙ୍କା ଦିଆଯାଇଥିଲା। ହେଲେ ଏହି ଟେଣ୍ଡର୍ ଅବଧି ଶେଷ ହେବା ପରେ ଗତ ମାର୍ଚ୍ଚ-୨୦୨୩ରୁ ନଭେମ୍ବର-୨୦୨୩ ପର୍ଯ୍ୟନ୍ତ ମଶାତେଲ ଲିଟର ପିଛା ୭୪୦ ଟଙ୍କା ହିସାବରେ ଫ୍ୟୁଜନ୍ ଗ୍ରୁପ୍ ଝାରସୁଗୁଡ଼ା ଯୋଗାଇଥିଲା। ପୌରପରିଷଦ ୫୫ ଲକ୍ଷ ୫୦ ହଜାର ଟଙ୍କାରେ ମୋଟ ୭ହଜାର ୫ଶହ ଲିଟର ମଶାତେଲ କିଣିଥିଲା। ଏଥିରୁ ଦୁର୍ନୀତିର ଗନ୍ଧ ଆସିବାରୁ ସ୍ଥାନୀୟ କିଛି ଲୋକେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

ଗତ ୩ତାରିଖରେ ଭିଜିଲାନ୍ସର ଏକ ଟିମ୍ ଝାରସୁଗୁଡ଼ା ପୌର ପରିଷଦରେ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲା। ପରେ ଗତ ମଙ୍ଗଳବାର ମଶାତେଲ କିଣାଯାଇଥିବା ହୋଲସେଲରଙ୍କ ଗୋଦାମରେ ଚଢ଼ଉ କରି ବିଭିନ୍ନ କାଗଜ ପତ୍ର ଜବତ କରିଥିଲା। ଜବତ କାଗଜପତ୍ର ଅନୁଧ୍ୟାନରୁ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହେବା ପରେ ଭିଜିଲାନ୍ସ ଆଜି ୪ଜଣଙ୍କୁ ଗିରଫ କରିଛି। ଏହାସହ ଏହି ଦୁର୍ନୀତି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଭିଜିଲାନ୍ସ ତଦନ୍ତ ଜାରି ରଖିଛି।

## ଭୋଟର ପରିଚୟପତ୍ର ଓ ଆଧାର କାର୍ଡ ଜାଲିଆତି କରି ଭତ୍ତା ଟଙ୍କା ହଡ଼ପ

### ୬୫ ଜଣଙ୍କ ନାଁରେ ଏତଲା ଦେଲେ ବିଡିଓ

କେନ୍ଦ୍ରାପଡ଼ା, ୧୩ା୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅର୍ଗଳ ପଞ୍ଚାୟତରେ ୨୦୦ରୁ ଅଧିକ ଅଯୋଗ୍ୟ ବ୍ୟକ୍ତି ଭୋଟର ଆଇଡି ଓ ଆଧାର କାର୍ଡ ଜାଲିଆତି କରି ଭତ୍ତା ହାତେଇଥିବା ଜଣାପଡ଼ିଛି। ଦୀର୍ଘ ୩ ମାସର ତଦନ୍ତ ପରେ ୬୫ଜଣ ଅଯୋଗ୍ୟ ହିତାଧିକାରୀଙ୍କ ନାଁରେ ଥାନାରେ ଏତଲା ଦେଲେ ଆଳି ବିଡିଓ। ଅଯୋଗ୍ୟମାନେ ନେଇଥିବା ୭ମାସର ଭତ୍ତା ଟଙ୍କା ଫେରାଇବା ସହ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ଆଳି ବିଡିଓ ମିନତୀ ଜଗଦେବ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଗତ ୯ ତାରିଖ ଦିନ ଅର୍ଗଳ ପଞ୍ଚାୟତରେ ୩୦୩ ଭତ୍ତା ହିତାଧିକାରୀଙ୍କୁ ଡକାଯାଇ ଏକ ମେଡ଼ିକାଲ ଟିମ୍ ସହାୟତାରେ ଫିଜିକାଲ୍ ଭେରିଫିକେସନ୍ କରାଯାଇଥିଲା। ୩୦୩ ଭତ୍ତା ହିତାଧିକାରୀଙ୍କ ମଧ୍ୟରୁ ୨୪୦ଜଣ ଫିଜିକାଲ୍ ଭେରିଫିକେସନ ପାଇଁ ଆସିଥିଲେ। ଅନ୍ୟ ହିତାଧିକାରୀ ଅନୁପସ୍ଥିତ ଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭତ୍ତା ମଞ୍ଜୁର ପୂର୍ବରୁ ଭୋଟର ଆଇଡି କିମ୍ବା ଆଧାର କାର୍ଡ ଯାଞ୍ଚ ହୋଇନଥିଲା।

## ପୁଲିସ୍ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି, ୧୩ା୧୨ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ସୁରକ୍ଷା ବାହିନୀଙ୍କ ଗୁଳିରେ ୨ ମାଓବାଦୀ ନିହତ ହୋଇଛନ୍ତି। ବାସାଗୁଡ଼ା ଥାନା ଅନ୍ତର୍ଗତ ନେନ୍ଦ୍ରା ଅଞ୍ଚଳରେ ପୁଲିସ୍, ଏସ୍‌ଟିଏଫ୍ ଓ ଡିଆରଜିର ଯବାନମାନେ ମିଳିତ ଭାବେ କମ୍ବିଂ ଅପରେସନ୍ କରୁଥିବା ବେଳେ ମାଓବାଦୀ ପ୍ରଥମେ ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିବାରୁ ସାମ୍ନା କରିନପାରି ସେମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ବେଳେ ଦୁଇ ନକ୍ସଲଙ୍କ ମୃତଦେହ ଉଦ୍ଧାର ହୋଇଛି।

■ ୬୯ତମ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ

## ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ଆଣିବାକୁ ଡିଜିପିଙ୍କ ଆହ୍ୱାନ

କଟକ, ୧୩।୧୨(ସମିସ): ପୁଲିସ୍‌ର ତଦନ୍ତ ଠିକ୍ ନହେଲେ ଦୋଷୀଟିଏ ଖସିଯିବାର ସମ୍ଭାବନା ଅଧିକ। ତେଣୁ ପୁଲିସ୍‌କୁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ପଡ଼ିବ। ଏଥିପାଇଁ ପୁଲିସ୍‌କୁ ନିଜ ଦକ୍ଷତା ଆହୁରି ଅଧିକ ବଢ଼ାଇବାକୁ ପଡ଼ିବ। ଏହାଦ୍ୱାରା ଦୋଷୀ ସାବ୍ୟସ୍ତ ହାରରେ ମଧ୍ୟ ବୃଦ୍ଧି ଘଟିବ। କଟକସ୍ଥିତ ରିଜର୍ଭ ପୁଲିସ୍ ପଡ଼ିଆ ପରିସରରେ ୬୯ତମ ବୃତ୍ତିଗତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ଅବସରର ପୁଲିସ୍ ଡିଜି ଯୋଗେଶ ବାହାଦୂର ଖୁରାନିଆ ଏପରି ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଅତ୍ୟାଧୁନିକ ଟେକ୍ନୋଲୋଜି ସହାୟତାରେ ଓଡ଼ିଶାରେ ପୁଲିସ୍ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି।



ଏହି ପ୍ରତିଯୋଗିତାରେ ରାଜ୍ୟର ୩୪ଟି ପୁଲିସ୍ ଜିଲ୍ଲାରୁ ୩୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରେ ୪୧ ଇନ୍ସପେକ୍ଟର୍, ୪୪ ଏସ୍‌ଆଇ, ୬୩ ଏଏସ୍‌ଆଇ, ୧୪୨ କନଷ୍ଟେବଲ ଏବଂ ୨୩ଟି ପୁଲିସ୍ ଶ୍ୱାନ ଅଛନ୍ତି। ୩ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଆଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ନିରୀକ୍ଷଣ ପରୀକ୍ଷା, ସାଇବର ଅପରାଧ ଓ ସଂନିରୀକ୍ଷଣ, ପୁଲିସ ଆଇନ କାନୁନ, ପୁଲିସ ରୂପଚିତ୍ର, ମେଡିକୋ-ଲିଗାଲ, ପୁଲିସ୍ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ ଅପରାଧ ଅନୁସନ୍ଧାନ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି ସଫିନ୍ ଅହମ୍ମଦ କେ. ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ଜନମତ ଓ ଜନନୀତି ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି !
-ନୋମ ଚମସ୍କି

୪ର୍ଥ ସୁନକ୍ଷତ୍ର
ସକାଳ
THE SAKALA

## ବିଳାସରୁ ବିନାଶ

ପାନିପରିବା, ପାନଦୋକାନ, ରାସ୍ତାକଡ଼ ଖାଇବା ଦୋକାନରୁ ଆରମ୍ଭ କରି ଏବଂ ବଡ଼ ବଡ଼ ମଲ୍ ପର୍ଯ୍ୟନ୍ତ ଏବେ ୟୁପିଆଇ(ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ)ର ଆଧିପତ୍ୟ ଦେଖିବାକୁ ମିଳୁଛି। ବିଶେଷକରି ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍‌ର ବ୍ୟବହାର ବଢ଼ିବା ସହିତ ୟୁପିଆଇର କାରବାର ମଧ୍ୟ ବୃଦ୍ଧି ପାଇଛି। ଖାଉଟି ଆଉ ଏବେ ନଗଦ ଧରି ବଜାରକୁ ଯିବାର କିମ୍ବା ଖୁଚୁରା ପାଇଁ ଦୋକାନୀ ସହିତ କଥା କଟାକଟି ହେବାର ସମସ୍ୟା ନାହିଁ। ଦୋକାନୀ ବା କ୍ୟାସ୍ କାଉଣ୍ଟର ପାଖରେ ରଖାଯାଇଥିବା କ୍ୟୁଆର କୋଡ୍‌କୁ ନିଜ ସ୍ମାର୍ଟ ମୋବାଇଲ୍ ଫୋନ୍ ମାଧ୍ୟମରେ ସ୍କାନ କରି ଆବଶ୍ୟକ ନିର୍ଦ୍ଦେଶ ଦେଲେ ଟଙ୍କା ଆପେ ଆପେ ବିକ୍ରେତାର ଆକାଉଣ୍ଟରେ ଜମା ହୋଇଯାଉଛି।

ଅପରପକ୍ଷରେ ମଣିଷ ଯେତେ ସୁଖସୁବିଧା ଖୋଜୁଛି ଚତୁର ଠକମାନେ ସେତିକି ଠକାମୀର ନୂଆ ନୂଆ କୌଶଳ ପାଇଯାଉଛନ୍ତି। ଇଣ୍ଟରନେଟ୍‌ର ବହୁଳ ପ୍ରଚଳନ ସହିତ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଯେତିକି ଠକେଇ ବା ସାଇବର କ୍ରାଇମ୍ ହେଉଥିଲା ୟୁପିଆଇ ଠକେଇ ତା'କୁ ବଳି ଯାଇଛି। ୟୁପିଆଇ ଠକେଇର ଆଧାର ହୋଇଛି କ୍ୟୁଆର କୋଡ୍। ସରକାରୀ ତଥ୍ୟାନୁଯାୟୀ, ଗତ ଅଢ଼େଇ ବର୍ଷ ମଧ୍ୟରେ ୟୁପିଆଇ ମାଧ୍ୟମରେ ୨୭ ଲକ୍ଷ ଠକେଇ ମାମଲା ରୁଜୁ ହୋଇଛି। ଏହାବାଦ୍ ମଧ୍ୟ ଅନେକ ଠକେଇ ଘଟଣା ପଞ୍ଜୀକୃତ ହୋଇ ନଥିବା ସ୍ୱାଭାବିକ। କେବଳ ପଞ୍ଜୀକୃତ ମାମଲାରେ ଲୋକମାନେ ୨, ୧୪୫ କୋଟି ଟଙ୍କା ହରାଇଛନ୍ତି, ଯେଉଁମାନଙ୍କ



ମଧ୍ୟରେ ମାମୁଲି ଶାଗ ବିକାଳିଠାରୁ ଆରମ୍ଭ କରି ବୃହତ୍ ବ୍ୟବସାୟୀମାନେ ମଧ୍ୟ ଅଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅମାସରେ ୟୁପିଆଇ ଠକେଇ ମାମଲାରେ ଲୋକମାନେ ୪୮୫ କୋଟି ଟଙ୍କା ହରାଇସାରିଛନ୍ତି।

ଉଦ୍‌ବେଗଜନକ ହେଉଛି ଏଭଳି ସାଇବର ଠକେଇକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମେତ ପୁଲିସ ପ୍ରଶାସନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ନିରନ୍ତର ପଦକ୍ଷେପ ନେଉଛନ୍ତି। କିନ୍ତୁ ସାଇବର ସୁରକ୍ଷା ତୁଳନାରେ ସାଇବର ଅପରାଧ ବିସ୍ତାରର ଗତି ଦ୍ରୁତ ହେଉଥିବାରୁ ସରକାରୀ ପଦକ୍ଷେପ ଓ ଯୋଜନା ପ୍ରଭାବଶାଳୀ ହୋଇପାରୁନାହିଁ। ସାଇବର ଅପରାଧ ନିରାକରଣ ଦିଗରେ ସମର୍ପିତ ପୁଲିସ୍ ଓ ଗୁଇନ୍ଦା ବାହିନୀ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ୟୁପିଆଇ ଠକମାନଙ୍କୁ ସହଜରେ ଓ ଶୀଘ୍ର ଚିହ୍ନଟ କରାଯାଇପାରୁନାହିଁ। ଏହାଛଡ଼ା ଠକେଇର ପରିସର ବିସ୍ତାରିତ ହୋଇଥିଲେ ସୁଦ୍ଧା ଏହାର ପରିମାଣ ଛୋଟଛୋଟ ହେଉଥିବାରୁ ଅନୁସନ୍ଧାନରେ ନିରୁତ୍ସାହ ପରିଲକ୍ଷିତ ହେଉଛି। ଏହାର ସୁଯୋଗ ନେଇ ଅପରାଧ ସଂଖ୍ୟା ସହିତ ଠକେଇ ରାଶି ବଢ଼ିବାରେ ଲାଗିଛି।

ଡିଜିଟାଲ ଗିରଫ ମାଧ୍ୟମରେ ଜାଲିଆତି ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସାଇବର ଶାଖା କାମ୍ବୋଡିଆ, ମ୍ୟାଁମାର, ଭିଏତନାମ ଓ ଥାଇଲ୍ୟାଣ୍ଡ ଭଳି ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକୁ ଏହି ଠକେଇର ପେଣ୍ଠ ବୋଲି ଚିହ୍ନଟ କରିଛି। ସେହିସବୁ ଦେଶର ୧୭ ହଜାର ହ୍ୱାଟ୍‌ସଆପ୍ ଆକାଉଣ୍ଟକୁ ରଦ୍ଦ କରିବା ପାଇଁ ମଧ୍ୟ ଭାରତ ଏକ ବଡ଼ ପଦକ୍ଷେପ ନେଇଛି। କିନ୍ତୁ ପୁଲିସ୍ ଓ ସାଇବର ବିଶେଷଜ୍ଞମାନଙ୍କଠାରୁ ଠକମାନେ ଦୁଇ ପାଦ ଆଗରେ ରହୁଛନ୍ତି। ସାଇବର ଅପରାଧୀ ବା ଠକମାନେ ଏବେ ଯେଉଁ ନୂଆ କୌଶଳ ଆପଣେଇଛନ୍ତି ସେଥିରେ ମୁଖ୍ୟତଃ କ୍ୟୁଆର କୋଡ୍‌କୁ ଅସ୍ତ୍ର କରାଯାଇଛି। ୟୁପିଆଇ ଆପ୍‌ରୁ କ୍ୟୁଆର କୋଡ୍ ସ୍କାନ୍ କରି ଦେୟର ନକଲି ସ୍କ୍ରିନସଟ୍ ମଧ୍ୟ ବିକ୍ରେତାକୁ ଦେଖାଯାଉଛି। ପେଠ ସମୟରେ ପ୍ରାପ୍ତିସ୍ୱୀକାରର ଯେଉଁ ଉଚ୍ଚଭାଷ ଆସୁଛି ସେଥିରେ ମଧ୍ୟ ଠକେଇ ହେଉଛି। ଦୋକାନୀ ବା ବିକ୍ରେତା ପ୍ରାପ୍ତି ସ୍ୱୀକାରର ସେହି ଶବ୍ଦକୁ ଶୁଣୁଛି, କିନ୍ତୁ ତାହା ଯେ ଅନ୍ୟ ଆକାଉଣ୍ଟଧାରୀ ପାଖକୁ ଚାଲିଯାଇଛି ତାହା ଜାଣିବା ବେଳକୁ ବିଳମ୍ବ ହୋଇଯାଉଛି। ଏ ସମ୍ପର୍କରେ ଅଭିଯୋଗ ହେଲେ ମଧ୍ୟ ପ୍ରମାଣ ଯୋଗାଡ଼ କରିବା ଦୁରୁହ ବ୍ୟାପାର।

ଏଭଳି ପରିସ୍ଥିତିରେ ସୂଚନା ପ୍ରଯୁକ୍ତି ବିଦ୍ୟା ଯୁଗକୁ ଅଗ୍ନି ସହିତ ତୁଳନା କରାଯାଇପାରେ। ସତର୍କତା ଓ ଯତ୍ନର ସହିତ ବ୍ୟବହାର କଲେ ଅଗ୍ନି ମଣିଷର ହିତାକାଂକ୍ଷୀ ଓ ଦୈନନ୍ଦିନ ଜୀବନର ବନ୍ଧୁ। ଅଗ୍ନି ବିନା ଏବେ ମଣିଷ ଦିନେ ମଧ୍ୟ ତିଷ୍ଠି ପାରିବ ନାହିଁ। କିନ୍ତୁ ଅଗ୍ନି ପ୍ରତି ଅସାବଧାନତା କିମ୍ବା ଦୁରୁପଯୋଗ ମାନବ ସଭ୍ୟତାକୁ ନିମିଷକେ ଧ୍ୱଂସ କରିଦେଇପାରେ। ସେହିଭଳି ଡିଜିଟାଲ୍ ଯୁଗ ମଣିଷ ପାଇଁ ଅନେକ ସୁବିଧା ଆଣିଛି। ଜୀବନକୁ ସହଜ ଓ ସତ୍ୱର କରିଛି। କିନ୍ତୁ ସାବଧାନତା ଓ ସଚେତନତା ଅଭାବରୁ ଠକରେ ପଡ଼ି ବ୍ୟବହାରକାରୀ ସର୍ବସ୍ୱାନ୍ତ ହେଉଛି। ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ ହେଉ କି ୟୁପିଆଇ ପେମେଣ୍ଟ ନିରନ୍ତର ସଜାଗ ରହିବାକୁ ପଡ଼ିବ। କାରଣ ଜୀବନକୁ ସରସ ସୁନ୍ଦର କରୁଥିବା ଏହି ବିଦ୍ୟାର ପ୍ରତି ପାଦେ ପାଦେ ବିପଦ ରହିଛି। ବ୍ୟବହାର କରିବା ପୂର୍ବରୁ ଏକଥାକୁ ହେଜିଲେ ନିଜେ ସୁରକ୍ଷିତ ରହିବା ସହିତ ସାଇବର ଅପରାଧ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ।

## ଗାନ୍ଧୀ ଦର୍ଶନରେ ସିଦ୍ଧୁ ବିବାଦର ସମାଧାନ

**ଡକ୍ଟର ଅବଶ ପରିଡ଼ା**

ପୂର୍ବତନ କ୍ରିକେଟର ନବଜୋତ ସିଂହ ସିଦ୍ଧୁଙ୍କର କ୍ୟାନ୍ସର ଚିକିତ୍ସା ପରାମର୍ଶ କଥା ଏବେ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିବାଦ ମଧ୍ୟ ସୃଷ୍ଟି କରିଛି। କଠୋର ଖାଦ୍ୟ ଅଭ୍ୟାସ ଏବଂ ଅସ୍ଥାୟୀ ଉପବାସ ଯୋଗୁଁ ଚତୁର୍ଥ ପର୍ଯ୍ୟାୟ ସ୍ତନକର୍କଟ ରୋଗରେ ଆକ୍ରାନ୍ତ ଥିବା ତାଙ୍କ ପତ୍ନୀ ସୁସ୍ଥ ହୋଇପାରିଛନ୍ତି ବୋଲି ସିଦ୍ଧୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ପରେ କେତେକ ସଂଗଠନ ଓ ଡାକ୍ତର ମହଲରୁ ଆପତ୍ତି ଉଠିଥିଲା। ଏହାପରେ ସିଦ୍ଧୁ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ପତ୍ନୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଖାଦ୍ୟାଭ୍ୟାସ ଗ୍ରହଣ କରିଥିଲେ। ସିଦ୍ଧୁ ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଦୁଇପୃଷ୍ଠାର ଏକ ଖାଦ୍ୟ ତାଲିକା ଜନହିତରେ ଜାରି କରିଛନ୍ତି, ଯାହା ତିନୋଟି ଉତ୍ସରୁ ପ୍ରେରିତ। ତାହା ହେଲା ଭାରତୀୟ ପ୍ରାଚୀନ ଆୟୁର୍ବେଦ, ବିଶ୍ୱର ଅନେକ ପ୍ରତିଷ୍ଠିତ ଡାକ୍ତରଙ୍କ ପର୍ଯ୍ୟବେକ୍ଷଣ ଓ ନୋବେଲ ପୁରସ୍କାର ପ୍ରାପ୍ତ ୟୋସ୍ନୋରି ଓହସୁମିରଙ୍କ ଗବେଷଣା 'ଅଟୋଫଜି'(ଉପବାସ ରହିବାର ଦୀର୍ଘ ପ୍ରକ୍ରିୟା, ଯେଉଁଠି ଶରୀର ଅନେକ କୋଷକୁ ଭାଙ୍ଗିବା ସହ ପୁରୁଣା ରୋଗାକ୍ରାନ୍ତ ଓ କ୍ଷତିଗ୍ରସ୍ତ କୋଷକୁ ମଧ୍ୟ ନଷ୍ଟ କରିଦିଏ)।

ନିକଟରେ ସିଦ୍ଧୁ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ତାଙ୍କ ଡାକ୍ତର ପତ୍ନୀ ବହୁଳ ପରିମାଣରେ ପ୍ୟାକେଟ୍ ଖାଦ୍ୟ, ଜଙ୍କ୍ ଫୁଡ୍, ଆଇସକ୍ରିମ ଓ ଚିନି ଯୁକ୍ତ ଖାଦ୍ୟ ଖାଉଥିଲେ। ସିଦ୍ଧୁଙ୍କ ପତ୍ନୀଙ୍କ ଭଳି ଅନେକ ଭାରତୀୟ ନିଜ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଯୋଗୁଁ ବେମାର ହେଉଛନ୍ତି। ଚଳିତ ବର୍ଷ ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ଏକ ରିପୋର୍ଟ ଅନୁଯାୟୀ ଭାରତରେ ସମୁଦାୟ ରୋଗର ୫୬.୪ ପ୍ରତିଶତ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ହୋଇଛି। ଏହାବ୍ୟତୀତ ଏଭଳି ଖାଦ୍ୟ ଯୋଗୁଁ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବ, ମୋଟାପଣ, ଉଚ୍ଚ ରକ୍ତଚାପ, ଉଚ୍ଚ ଚର୍ବି ଓ ମଧୁମେହ ଭଳି ଅଣସଂକ୍ରାମକ ରୋଗ(ଏନସିଡି) ମଧ୍ୟ ବ୍ୟାପୁଛି। ଏହି ସମସ୍ତ ରୋଗର ପ୍ରତିଷେଧକ ହେଉଛି ସଚେତନତା, ଜୀବନଶୈଳୀରେ ପରିବର୍ତ୍ତନ, ସୁସ୍ଥ ଖାଦ୍ୟ ଓ ନିୟମିତ ବ୍ୟାୟାମ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

୧୯୦୪ ମସିହାରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ଅଲ୍‌ସର ଯୋଗୁଁ କସ୍ତୁରବା ଅନେକ ଦିନ ଧରି ପେଟରେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ। ଚିକିତ୍ସା ପଦ୍ଧତିରେ ଔଷଧ ସହିତ ପାଶ୍ଚାତ୍ୟ ଖାଦ୍ୟ ପ୍ରଣାଳୀ(ବିଫ୍ ସୁପ) ଅନ୍ତର୍ଭୁକ୍ତ ଥିଲା। ଦିନେ ସନ୍ଧ୍ୟାରେ କସ୍ତୁରବାଙ୍କ ଶଯ୍ୟା ନିକଟକୁ ଆସି ଗାନ୍ଧିଜୀ କହିଲେ - 'କସ୍ତୁରବା! ମୁଁ ପ୍ରାକୃତିକ ଚିକିତ୍ସା ବିଷୟରେ ପଢୁଛି। ଭାବୁଛି ତୁମ ଉପରେ ପ୍ରୟୋଗ କରିବି। ମୋ ଉପରେ ବିଶ୍ୱାସ କରିବ କି?' କସ୍ତୁରବାଙ୍କ ସମ୍ମତି ପରେ ଚିକିତ୍ସା ଆରମ୍ଭ କଲେ ମୋହନଦାସ ଗାନ୍ଧୀ। ସେଥିରେ ଥିଲା ପଙ୍କ ଲେପ ଓ ଓଦା କପଡ଼ା ଚିକିତ୍ସା। ଖାଦ୍ୟ ଥିଲା ସକାଳୁ ନିମ୍ବପତ୍ର ପାଣି ଓ ଟମାଟୋ ରସ। ଦିନରେ ସିଝା ପରିବା ଓ ଡାଲି ପାଣି। ସୂର୍ଯ୍ୟାସ୍ତ ପରେ ଖାଦ୍ୟ ବନ୍ଦ। ଏହି ଖାଦ୍ୟାଭ୍ୟାସରେ କସ୍ତୁରବା କିଛିଦିନ ପରେ ସୁସ୍ଥ ହୋଇଗଲେ।

ସୁଷମ ଖାଦ୍ୟ, ଶାକାହାରୀ ଭୋଜନ, ଉତ୍ତମ ଜୀବନଶୈଳୀ ଓ ପ୍ରାକୃତିକ ଉପଶମକୁ ଆଧାର କରି ଗାନ୍ଧୀଙ୍କ ଅନେକ ଆଲେଖ୍ୟ ଅଛି। ସେଥିମଧ୍ୟରୁ ୧୯୦୬ ମସିହାରେ ରଚିତ 'ଏ ଗାଇଡ୍ ଟୁ ହେଲଥ' ପୁସ୍ତକ ଓ ୧୯୪୪ ମସିହାରେ ରଚିତ 'ଏ କି ଟୁ ହେଲଥ' ଗାନ୍ଧିଜୀଙ୍କ ଅନନ୍ୟ କୃତି। ଉଭୟ ପୁସ୍ତକରେ ଶାରୀରିକ ଓ ଆଧ୍ୟାତ୍ମିକ ଭାବରେ ସୁସ୍ଥ ହେବାର ରହସ୍ୟର ଅବତାରଣା କରାଯାଇଛି। ୨୦ ବର୍ଷର ଖାଦ୍ୟାଭ୍ୟାସ ଉପରେ ଗାନ୍ଧିଜୀ କରିଥିବା ପରୀକ୍ଷଣ, ପ୍ରୟୋଗ, ଅଭିଜ୍ଞତା ଓ ଗବେଷଣା ହେଉଛି ଏହି 'ଗାନ୍ଧୀ ସ୍ୱାସ୍ଥ୍ୟ ସାହିତ୍ୟ'ର ପୃଷ୍ଠଭୂମି। ଗାନ୍ଧୀ ସେଥିରେ ଉଲ୍ଲେଖ କରିଛନ୍ତି, 'ଆମେ ସବୁ ଅନ୍ଧବିଶ୍ୱାସରେ ଅଛୁ ଯେ ଔଷଧ ନ ଖାଇଲେ ରୋଗ ଭଲ ହେବନି। ସେଇଥିପାଇଁ ରୋଗ ହେବା ମାତ୍ରେ ଆମେ ଡାକ୍ତର କିମ୍ବା ବୈଦ୍ୟ ପାଖକୁ ଯାଉଛୁ। ଏପରିକି ଆମେ ପଡ଼ୋଶୀଙ୍କଠାରୁ ମଧ୍ୟ ଔଷଧ ମାଗି ଖାଇଦେଉ। ଆମେ ଭୁଲି ଯାଉଛୁ ଯେ ଆୟୁର୍ବେଦ ହେଉଛି ପ୍ରାଚୀନ ଭାରତୀୟଙ୍କ ଚିକିତ୍ସାର ପ୍ରାଣକେନ୍ଦ୍ର ଏବଂ ଚିକିତ୍ସା ଅପେକ୍ଷା ପ୍ରତିଷେଧକ ହେଉଛି ଏହାର ମନ୍ତ୍ର।'

ରୋଗରୁ ଦୂରେଇ ରହିବା ପାଇଁ ଗାନ୍ଧିଜୀଙ୍କ ପ୍ରଥମ ଗୁରୁତ୍ୱ ଥିଲା, ମସଲା ଓ ତୈଳଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବା। ୧୯୧୩ ମସିହା ମାର୍ଚ୍ଚ ୨୯ ତାରିଖରେ ଗାନ୍ଧୀ 'ଇଣ୍ଡିଆନ ଓପିନିୟନ' ପତ୍ରିକାରେ ଭାରତୀୟଙ୍କ ମସଲାଯୁକ୍ତ ଖାଦ୍ୟାଭ୍ୟାସ ଉପରେ ଏକ ସ୍ତମ୍ଭ ଲେଖିଥିଲେ। ସେଥିରେ ଉଲ୍ଲେଖ ଥିଲା ଯେ ମସଲା ଉପରେ ଭାରତୀୟମାନଙ୍କର ବହୁତ ନିର୍ଭରତା ରହିଛି। କିନ୍ତୁ ଏହା ସତ୍ୟ ଯେ ମସଲା ଆମ ପେଟକୁ ସମସ୍ୟା ଦେଇଥାଏ ଏବଂ ସ୍ୱାଦ ପାଇଁ ନୁହେଁ, ବରଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆମେ ଖାଦ୍ୟ ଖାଇବା ଉଚିତ। ଗାନ୍ଧିଜୀଙ୍କ ଦ୍ୱିତୀୟ ଉପଦେଶ ଥିଲା ଯେ ଯଥାସମ୍ଭବ ଲୁଣ ଓ ଚିନି ସେବନ ବନ୍ଦ କରିବା। ଲଣ୍ଡନର 'ସଲ୍ଟଲେସ ଡାୟଟ' ସଂଗଠନର ଅଭିମୁଖ୍ୟକୁ ପ୍ରଶଂସା କରି ଗାନ୍ଧିଜୀ କୁହନ୍ତି 'ମୁଁ ଓ କସ୍ତୁରବା ଅନେକ ବର୍ଷ ହେଲାଣି ଅଲଣା ଖାଦ୍ୟ ଖାଉଛୁ। ଏଭଳି ଖାଦ୍ୟର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ। ଆମେ କମ୍ ଦୁର୍ବଳ ଅନୁଭବ କରୁଛୁ। ଆମକୁ କମ୍ ଶୋଷ ଲାଗୁଛି। ପାଇଲସ୍ ଓ ଆଜମାରୁ ଆରୋଗ୍ୟ ମିଳିଛି। କିନ୍ତୁ ମନେ ରଖିବାକୁ ହେବ ଯେ ଲୁଣ ନଥିବା ଖାଦ୍ୟ ଔଷଧ ନୁହେଁ, ବରଂ ରୋଗର ପ୍ରତିକାର ସହିତ ଲୁଣଶୂନ୍ୟ ଖାଦ୍ୟ ଖାଇବାକୁ ହୁଏ।' ଗାନ୍ଧୀଙ୍କ ମତରେ ଚିନି ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଏକ ଅଦରକାରୀ ପଦାର୍ଥ। ଅବଶ୍ୟ ଆରମ୍ଭରୁ ଶରୀର ଟିକେ ଦୁର୍ବଳ ଲାଗିବ, ଯେମିତି ନିଶା ପ୍ରତ୍ୟାହାର ସମୟରେ ଶରୀର ପ୍ରତିକ୍ରିୟା ଦିଏ। ଏଠି ଜାଣି ରଖିବାକୁ ହେବ ଯେ ବିନା ଔଷଧରେ ଗାନ୍ଧିଜୀଙ୍କ ଉଚ୍ଚ ରକ୍ତଚାପ ସମସ୍ୟା ଲୁଣଶୂନ୍ୟ ଖାଦ୍ୟ ଦ୍ୱାରା ନିୟନ୍ତ୍ରଣରେ ଥିଲା।

ଗାନ୍ଧିଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ସମସ୍ତ ଆଶ୍ରମରେ ପ୍ରସ୍ତୁତ ଖାଦ୍ୟ ସର୍ବଦା ଅଲଣା ହେଉଥିଲା। ଆଶ୍ରମ ପାଇଁ ସ୍ୱାଦହୀନ ଖାଦ୍ୟ ଏକ ବ୍ରତ ଥିଲା। କିନ୍ତୁ ଗାନ୍ଧିଜୀ କହିଥିଲେ 'ଯିଏ ଚାହିଁବ ସେ ଖାଦ୍ୟ ଖାଇବା ସମୟରେ ଲୁଣ ଖାଇପାରିବ। ଖାଦ୍ୟ ଶରୀର ପାଇଁ ଦରକାର, ଜିହ୍ୱାର ଆନନ୍ଦ କିମ୍ବା ଲାଳସା ପାଇଁ ନୁହେଁ।' ୧୯୪୨ ମସିହା ମେ' ମାସରେ ଗାନ୍ଧିଜୀଙ୍କ ସେବାଗ୍ରାମରେ ଆମେରିକୀୟ ସାମ୍ବାଦିକ ଲୁଇ ଫିସର ଖାଇବା ସମୟରେ ଗାନ୍ଧୀଙ୍କୁ ପଚାରିଲେ 'ଆପଣ ଅହିଂସାର ପୂଜାରୀ। ମାରିବା ଓ ଦମନ କରିବା କଥା କେବେ କହନ୍ତି ନାହିଁ କି କରନ୍ତି ନାହିଁ। କିନ୍ତୁ ଆପଣ ଆଶ୍ରମରେ ଲୋକଙ୍କ ଖାଇବା ରୁଚିକୁ ମାରିଦେଉଛନ୍ତି। ଆପଣଙ୍କ ଲୋକଙ୍କ ପ୍ରତି ଥିବା ଅସ୍ୱାଦ ବ୍ରତ କ'ଣ ଏକ ହିଂସା ନୁହେଁ?' ଏହାର ଉତ୍ତରରେ ଗାନ୍ଧିଜୀ କହିଥିଲେ, 'ଅନିୟନ୍ତ୍ରିତ ଜିହ୍ୱା ଲାଳସା ହିଁ ଆମ ଶରୀରର ଶତ୍ରୁ। ମଣିଷର ପାକସ୍ଥଳୀ ଡଷ୍ଟବିନ୍ ନୁହେଁ। ଯେକୌଣସି ଖାଦ୍ୟ ଯେକୌଣସି ସମୟରେ ଏଥିରେ ଫିଙ୍ଗି ହେବ ନାହିଁ।' ଗାନ୍ଧିଜୀଙ୍କ ଏହି ଖାଦ୍ୟାଭ୍ୟାସ ଦର୍ଶନ ଏବେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଉଦାହରଣ ସ୍ୱରୂପ ଚଳିତ ବର୍ଷ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିସନ୍' ଭାରତୀୟମାନଙ୍କ ପାଇଁ ବ୍ୟାପକ ଖାଦ୍ୟ ମାର୍ଗଦର୍ଶିକା ଜାରି କରିଛି। ଏଥିରେ ଚିନି ଓ ଲୁଣ ସେବନ ପାଇଁ ନୂତନ ସୀମା ନିର୍ଦ୍ଧାରଣ କରାଯାଇଛି। ପ୍ରକ୍ରିୟାକୃତ ଖାଦ୍ୟ ଓ ଚିନିଯୁକ୍ତ ପାନୀୟକୁ ଦୃଢ଼ ଭାବରେ ନିରୁତ୍ସାହିତ କରାଯାଇଛି।

ପରିଶେଷରେ ସୁସ୍ଥ ଜୀବନ ପାଇଁ ଗାନ୍ଧିଜୀଙ୍କ ସବୁଠାରୁ ବଳିଷ୍ଠ ପରାମର୍ଶ ଥିଲା 'ଶାକାହାରୀ ଭୋଜନ'। ଏହାକୁ ନେଇ ଗାନ୍ଧୀଙ୍କ ତତ୍ତ୍ୱ ହେଉଛି 'ଭେଜିଟେରିଆନିଜିମ୍।' ଗାନ୍ଧିଜୀଙ୍କ ମତରେ ଶାକାହାରୀ ଭୋଜନ କେବଳ ଧର୍ମ, ପରମ୍ପରା, ପ୍ରଥା ଓ ରୀତିନୀତିର ଉପାଦାନ ନ ହୋଇ ନୈତିକତା, ସ୍ୱାସ୍ଥ୍ୟ, କଲ୍ୟାଣ ଓ ଅର୍ଥନୀତିର ଏକ ମାର୍ଗ ହେବା ଉଚିତ। ହେନେରି ସଲ୍ଟଙ୍କ ରଚିତ 'ଏ ପ୍ଲି ଫର ଭେଜିଟେରିଆନଜିମ୍' ଦ୍ୱାରା ଗଭୀର ଭାବେ ପ୍ରଭାବିତ ଗାନ୍ଧିଜୀ ଖାଦ୍ୟ ପାଇଁ ପଶୁହତ୍ୟାର ବିରୋଧୀ ଥିଲେ। ମଣିଷ ମାଂସାଶୀ ହୋଇ ଜନ୍ମ ହୋଇନାହିଁ ଏବଂ ଶାକାହାରୀ ହେବାକୁ ହେଲେ ମାନସିକ ଦୃଢ଼ତା ଦରକାର ବୋଲି ଗାନ୍ଧିଜୀ ପରାମର୍ଶ ଦେଉଥିଲେ। ସିଝା ପରିବା ଓ ନିମ୍ବ ଚଟଣି ଗାନ୍ଧୀଙ୍କ ନିତିଦିନିଆ ଖାଦ୍ୟ ଥିଲା। ଆମେରିକାନ ଲେଖକ ଓ ପର୍ଯ୍ୟବେକ୍ଷକ ଡାନ ବ୍ୟୁଟନରଙ୍କ ଲିଖିତ ପୁସ୍ତକ 'ଦ ବ୍ଲୁ ଜୋନସ୍'ରେ ଉଲ୍ଲେଖ ଅଛି ଯେ ସାରା ବିଶ୍ୱରେ ପାଞ୍ଚଟି ବ୍ଲୁ ଜୋନସ୍ ଅଛି, ଯେଉଁଠି ପ୍ରାୟ ସମସ୍ତ ବ୍ୟକ୍ତି ସୁସ୍ଥତା ସହିତ ଶହେବର୍ଷରୁ ଅଧିକ ବଞ୍ଚନ୍ତି। ସେମାନେ ୯ଟି ନିୟମକୁ ଅନୁସରଣ କରନ୍ତି। ସେଥିମଧ୍ୟରେ ଶାକାହାରୀ ଭୋଜନ ମହତ୍ତ୍ୱପୂର୍ଣ୍ଣ। ସୁତରାଂ ଭାରତ ସରକାର ସୁସ୍ଥ ଖାଦ୍ୟକୁ ପ୍ରୋତ୍ସାହନ ଦେଇ ଜଙ୍କ ଫୁଡ, ତେଲଛଣା, ପ୍ୟାକେଟ ଖାଦ୍ୟ ଉପରେ ଅଧିକ ଟିକସ ବସାଇ ଏହି ଖାଦ୍ୟଭ୍ୟାସକୁ ନିରୁତ୍ସାହିତ କରିବା ଉଚିତ। ସିଙ୍ଗାପୁର ସରକାର ଏହାକୁ ଏବେ ଆପଣେଇଛନ୍ତି। ରାଜସ୍ୱ ଅପେକ୍ଷା ନାଗରିକ ଓ ସେମାନଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ପ୍ରଦୂଷଣ ଆକ୍ରାନ୍ତ ପବିତ୍ର ଗଙ୍ଗା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଦେଶବିଦେଶରେ ରହୁଥିବା ଅଧିକାଂଶ ଲୋକ ଜୀବନରେ ଥରେ ଗଙ୍ଗୋତ୍ରୀଙ୍କୁ ଦର୍ଶନ କରିବା ଏବଂ ଗଙ୍ଗାର ପବିତ୍ର ଜଳରେ ସ୍ନାନ କରି ପୁଣ୍ୟ ଅର୍ଜନ କରିବା ଇଚ୍ଛା ରଖିଥା'ନ୍ତି। ତେଣୁ ଗଙ୍ଗା କୋଟିକୋଟି ଲୋକଙ୍କର ଆସ୍ଥା ଓ ବିଶ୍ୱାସର ପ୍ରତୀକ। କିନ୍ତୁ ପରିବେଶ ପରିବର୍ତ୍ତନ କାରଣରୁ ଭାଗୀରଥି ରୂପରେ ଗଙ୍ଗୋତ୍ରୀରୁ ଆସୁଥିବା ଗଙ୍ଗା ଉତ୍ପତ୍ତି ସ୍ଥଳରୁ ହିଁ ପ୍ରଦୂଷିତ ହେଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ 'ଗଙ୍ଗା ଆକ୍ସନ ପ୍ଲାନ' ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ନମାମି ଗଙ୍ଗେ' ପ୍ରକଳ୍ପରେ ଗଙ୍ଗାର ସ୍ୱଚ୍ଛତା ପାଇଁ ପର୍ଯ୍ୟାପ୍ତ ବଜେଟ୍, ପ୍ରଯୁକ୍ତିବିଦ୍ୟା, ମାନବ ସମ୍ବଳ ଇତ୍ୟାଦି ବ୍ୟବହାର ସତ୍ତ୍ୱେ ପ୍ରଦୂଷଣରୁ ଗଙ୍ଗାକୁ ସୁରକ୍ଷା ଦିଆଯାଇପାରି ନାହିଁ।

ଗଙ୍ଗୋତ୍ରୀରେ ଦୈନିକ ଏକ ନିୟୁତ ଲିଟର କ୍ଷମତା ବିଶିଷ୍ଟ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ସଂଗ୍ରହ କରାଯାଇଥିବା ନମୁନା ଆଧାରରେ ୧୦୦ ମିଲିଲିଟର ପାଣିରେ ଫିକାଲ୍ କୋଲିଫର୍ମର ସ୍ତର ୫୪୦ ଥିବା ଜଣାପଡ଼ିଛି। ଫିକାଲ୍ କୋଲିଫର୍ମର ଏହି ସ୍ତର ମଣିଷ ଓ ଜୀବଜନ୍ତୁଙ୍କ ମଳ ଓ ପରିସ୍ରାରୁ ନିର୍ଗତ ଅଣୁଜୀବଙ୍କ ଦ୍ୱାରା ହେଉଥିବା ପ୍ରଦୂଷଣକୁ ବୁଝାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ ଗାଧୋଇବା ଓ ପିଇବା ପାଣିର ଗୁଣାତ୍ମକ ମାନଦଣ୍ଡ ଅନୁଯାୟୀ ୧୦୦ ମିଲିଲିଟର ପାଣିରେ ଫିକାଲ୍ କୋଲିଫର୍ମର ସ୍ତର ୫୦୦ରୁ କମ୍ ହେବା ଉଚିତ। ତେଣୁ ଗଙ୍ଗା ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ନଭେମ୍ବର ୫, ୨୦୨୪ରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉତ୍ତରାଖଣ୍ଡର ମୁଖ୍ୟ ଶାସନ ସଚିବଙ୍କୁ ଏହାର ତଦାରଖ କରି ୨୦୨୫ ଫେବ୍ରୁଆରି ୧୩ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଉତ୍ତରାଖଣ୍ଡର ଡେରାଡୁନ୍, ଉତ୍ତରକାଶୀ, ପୌରୀ, ଚମୋଲି, ହରିଦ୍ୱାର, ତେହେରୀରେ ଲାଗିଥିବା ପ୍ରାୟ ୫୩ଟି ନର୍ଦ୍ଦମା ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) କ୍ଷମତା ଏତେ କମ୍ ଯେ ସେମାନେ ଗଙ୍ଗାରେ ପଡ଼ିଥିବା ନର୍ଦ୍ଦମା ସଫା କରିବାରେ ଅସମର୍ଥ। ଉତ୍ତରପ୍ରଦେଶର ଗଙ୍ଗା ଅଧିକ ପ୍ରଦୂଷିତ। ଅକ୍ଟୋବର ୨୨, ୨୦୨୪ର ରିପୋର୍ଟ ଅନୁଯାୟୀ ଉତ୍ତରପ୍ରଦେଶର ୩୨୬ଟି ଡ୍ରେନ୍ ମଧ୍ୟରୁ ୨୪୭ଟି ଡ୍ରେନ୍ ଅପରିଷ୍କାର। ସେଥିରୁ ୩୫୧୩.୧୬ ଏମ୍‌ଏଲ୍‌ଡି ନର୍ଦ୍ଦମା ଗଙ୍ଗା ଓ ଏହାର ଶାଖା ନଦୀରେ ପଡୁଛି। ନଭେମ୍ବର ୬, ୨୦୨୪ରେ ଏନଜିଟି ଅଧ୍ୟକ୍ଷ ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରୟାଗରାଜ ଜିଲ୍ଲାରେ ନର୍ଦ୍ଦମା ବିଶୋଧନରେ ୧୨୮ ଏମଏଲଡିର ବ୍ୟବଧାନ ରହିଛି। ୨୫ଟି ଡ୍ରେନ୍‌ରୁ ଅବିଶୋଧିତ ନର୍ଦ୍ଦମା ଜଳ ଗଙ୍ଗାକୁ ପ୍ରବାହିତ ହେଉଥିବା ବେଳେ ୧୫ଟି ଡ୍ରେନ୍‌ରୁ ନର୍ଦ୍ଦମା ଯମୁନାରେ ପ୍ରବାହିତ ହେଉଛି। ସମତଳ ଅଞ୍ଚଳରେ କୌଣସି ସ୍ଥାନରେ ଗଙ୍ଗା ଜଳର ଗୁଣବତ୍ତା ନାହିଁ। ଗୋମତୀ ନଦୀରେ ମଧ୍ୟ ପ୍ରଦୂଷଣ ଜମା ହୋଇଛି। ନାଳର ରୂପ ନେଇଥିବା ଗଙ୍ଗାନଦୀ କାଲୋ, ହିଣ୍ଡୋନ, ରାମଗଙ୍ଗା, ତମସା, ବେତୱା, ବରୁଣା ସମେତ ଦେଢ଼ଡଜନ ନଦୀର ଅବସ୍ଥା ସମାନ। ଗଙ୍ଗାକୂଳରେ ଅବସ୍ଥିତ ଉତ୍ତରପ୍ରଦେଶର ୨୩ଟି ଜିଲ୍ଲା ମଧ୍ୟରୁ ୧୨ଟି ଜିଲ୍ଲାରେ ବିଶୁଦ୍ଧ ଜଳର ସୁବିଧା ନଥିବା ବେଳେ ବାରାଣସୀ, ଫାରୁଖାବାଦ, କାନପୁର, ଉନ୍ନାଓ ଓ ମିର୍ଜାପୁର ଜିଲ୍ଲାରୁ ଗଙ୍ଗାକୁ ପ୍ରବାହିତ ହେଉଥିବା ନର୍ଦ୍ଦମାର ସ୍ଥିତି ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ସେହିପରି ପାଟନାରେ ୫୦୭ଟି ଡ୍ରେନ୍ ଚିହ୍ନଟ କରାଯାଇଛି, ଯାହା ବିନା ଟ୍ରିଟମେଣ୍ଟରେ ଗଙ୍ଗାରେ ପଡୁଛି। ଦୀଘା କେନାଲର ବିଷାକ୍ତ ରାସାୟନିକ ଭର୍ତ୍ତି କଳା ପାଣି ସିଧାସଳଖ ଗଙ୍ଗାରେ ପହଞ୍ଚୁଛି। ନିକଟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ୪-୫ ଲକ୍ଷ ଲୋକ ଏହି ପାଣିରେ ସ୍ନାନ କରିଥିଲେ।

ଗବେଷଣା ଅନୁଯାୟୀ, ଗଙ୍ଗା ଜଳରେ ବାକ୍ଟ୍ରିଓଫୋସ୍ ନାମକ ବ୍ୟାକ୍ଟେରିଆ ରହିଥାଏ, ଯାହା ଜଳରେ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଉତ୍ପନ୍ନ ହେଉଥିବା ଅବାଞ୍ଛିତ ପଦାର୍ଥ ଖାଇଥାଏ ଏବଂ ଗଙ୍ଗା ଜଳର ଶୁଦ୍ଧତାକୁ ବଜାୟ ରଖିଥାଏ। କିନ୍ତୁ ଅହେତୁକ ପ୍ରଦୂଷଣ ଯୋଗୁଁ ଏଭଳି ଲାଭଦାୟକ ବ୍ୟାକ୍ଟେରିଆ ଉତ୍ପତ୍ତି ଲୋପ ପାଇବାରେ ଲାଗିଛି। ଗଙ୍ଗାର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଗଙ୍ଗାର ସ୍ୱଚ୍ଛତା ୨୦୧୪ରେ ୨୦, ୦୦୦ କୋଟି ଟଙ୍କାର ବ୍ୟୟବରାଦରେ ସୀମିତ ରହିଛି। ସରକାର ଓ ସମାଜ ମିଳିତ ଭାବରେ ବିଭିନ୍ନ ନିୟମ ଆଧାରରେ ସମ୍ପୂର୍ଣ୍ଣ ମାନବ ନିର୍ମିତ ପ୍ରଦୂଷଣକାରୀ ଉତ୍ସକୁ ବନ୍ଦ କରିବା ଆବଶ୍ୟକ। ଏଥିଲାଗି ଗାଁର ଜଳ ଓ ପରିମଳ ସମିତି ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ଏକାଠି ହେବା ଉଚିତ୍ ଥିଲା। ଗଙ୍ଗା ସଫା କରିବା ନାଁରେ ଦୁଇଟି ପ୍ରୟାସ ସାମ୍ନାକୁ ଆସିଛି। ପ୍ରଥମଟି ହେଉଛି ସ୍ନାନ ଘାଟକୁ ସଫା କରିବା, ଯେଉଁଠାରେ ରଙ୍ଗୀନ ଟାଇଲ ଲଗାଯାଇଥାଏ। ଦ୍ୱିତୀୟତଃ, ଏସ୍‌ଟିପି ସହାୟତାରେ ଗଙ୍ଗା ଜଳକୁ ସଫା କରିବା। ତେବେ ବର୍ଷା ଦିନେ ଏସ୍‌ଟିପି ଭୁଶୁଡ଼ି ପଡ଼ିଥାଏ। ଅର୍ଥାତ୍ ପର୍ଯ୍ୟଟକ, ଶିଳ୍ପ, ପ୍ଲାଷ୍ଟିକ ସଂସ୍କୃତି ଜଳ ବିଶୋଧନ ପ୍ରକ୍ରିୟା ଦ୍ୱାରା ଉତ୍ପନ୍ନ ହେଉଥିବା ମଇଳା ଓ ମନୁଷ୍ୟ ମଳ ଗଙ୍ଗାକୁ ନଷ୍ଟ କରୁଛି। ଯାହାର ଫଳାଫଳ ସମସ୍ତଙ୍କ ଆସ୍ଥାର ପ୍ରତୀକ ଗଙ୍ଗା ବହନ କରୁଛି।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆ-କା-ମା-ବୈ: ଆମେରିକାରୁ ବୋର୍ଣ୍ଣିଓ

**ସତ୍ୟଜ୍ୟୋତି**

**ସାତଦରିଆପାରେ**

କଳିଙ୍ଗର ନୌବାଣିଜ୍ୟ କେବଳ ଏକ ପରମ୍ପରାର ପ୍ରଶସ୍ତି କିମ୍ବା ବୃତ୍ତି ଓ ପ୍ରବୃତ୍ତିର ଦସ୍ତାବିଜ ନୁହେଁ। ଏଥିରେ ରହିଛି ଓଡ଼ିଆତ୍ୱର ଅସ୍ମିତା, ଆମ ଅତୀତର ଗୌରବାବହ କୀର୍ତ୍ତିରାଜି ଓ ଏକ ମହାନ ଜାତିର ନିରବ ଇତିହାସ। ନିରବ କହିବାର ଅର୍ଥ ହେଉଛି ଏ ଯାଏଁ କଳିଙ୍ଗ ନୌବାଣିଜ୍ୟର ପରିବ୍ୟାପ୍ତି ବା ପରିସୀମା ବିଷୟରେ ଯଥୋଚିତ ଆଲୋଚନା କିମ୍ବା ଆବିଷ୍କାର ହୋଇନାହିଁ। ବିଶ୍ୱରେ ଏପରି କୌଣସି ଦେଶର ସମୃଦ୍ଧ ପରମ୍ପରା ନାହିଁ, ଯାହା କଳିଙ୍ଗର ସଂସ୍କୃତି, ସଭ୍ୟତା ଓ ଚିନ୍ତାଚେତନାରେ ପ୍ରଭାବିତ ହୋଇନାହିଁ। ପାଞ୍ଚହଜାର ବର୍ଷ ପୂର୍ବରୁ ନୌବାଣିଜ୍ୟରେ ଓଡ଼ିଆ ସାଧବ ପୁଅ କେବଳ ବିଶ୍ୱର କୋଣ ଅନୁକୋଣରେ ବାଣିଜ୍ୟିକ ଭିତ୍ତିଭୂମି, ବସତି ପ୍ରତିଷ୍ଠା କରି ନଥିଲା, ବରଂ ସେଠାରେ ଉତ୍କଳୀୟ ଧର୍ମ, ସଂସ୍କୃତି, ପରମ୍ପରା ସ୍ଥାପନା କରିଥିଲା। ବିଡ଼ମ୍ବନା ଏହା ଯେ ଆମେ ଆମ ନୌବାଣିଜ୍ୟର ପରିସୀମାକୁ କେବଳ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଆଦି ବଙ୍ଗୋପସାଗରର ପରିସୀମା ଭିତରେ ସୀମାବଦ୍ଧ କରି ରଖିଦେଇଛୁ। କଳିଙ୍ଗର ସାଧବ ଯେ ସୁଦୂର ଆମେରିକା ପର୍ଯ୍ୟନ୍ତ ପହଞ୍ଚି ସାରିଥିଲା ଏବଂ କଲମ୍ବସ୍ ଆମେରିକାର ଜଳପଥ ଆବିଷ୍କାର କରିବାର ବହୁ ପୂର୍ବରୁ କଳିଙ୍ଗମାନେ ତାହା କରିସାରିଥିଲେ ସେ ବିଷୟରେ ଆମେ ଅଜ୍ଞ। ଉତ୍ତରପିଢ଼ିର ଅନୁସନ୍ଧିତ୍ସାର ଅଭାବ ଓ ଜିଜ୍ଞାସାର ଅନାଗ୍ରହ ଯୋଗୁଁ କଳିଙ୍ଗର ସାଧବ ଭଳି ଏକ ବୀର ଓ ସାହସୀ ଜାତି ଇତିହାସର ଷଡ଼ଯନ୍ତ୍ର ଭିତରେ ହଜିଯାଇଛି। ଆମ ଗୌରବାବହ ଅସ୍ମିତାକୁ ପୁନରୁଦ୍ଧାର କରି ବିଶ୍ୱ ସମ୍ମୁଖରେ ପୁନଃଉପସ୍ଥାପନ କରିବା ବଦଳରେ ପ୍ରମାଣ ମାଗିବାର ହୀନମନ୍ୟତାକୁ ଆବୋରି ନେଉଛୁ। ଏହି ମାନସିକତା ଯୋଗୁଁ ହିଁ ସାହସୀ କଳିଙ୍ଗର ଉତ୍ତରପିଢ଼ି ଆଜି ସମୁଦ୍ରର ଗର୍ଜନକୁ ଶୁଣି ଓ ତାହାର ଲହଡ଼ିକୁ ଦେଖି ଭୟ କରୁଛି। ଆଜି ଆମ ପାଇଁ ସମୁଦ୍ର କେବଳ କଳ୍ପନାବିଳାସର ଦୃଷ୍ଟିଭଙ୍ଗୀରେ ବର୍ଣ୍ଣନା, ସର୍ଜନା ଓ ଉପସ୍ଥାପନ କରିବାରେ ପ୍ରକୃତିର ଏକ ଉପାଦନରେ ସୀମିତ ରହିଯାଇଛି ଏବଂ ସେଥିରେ ଆମେ ସୁଖୀ ଓ ଆନନ୍ଦ ଅନୁଭବ କରୁଛୁ।

ଯେତେବେଳେ କବି କବିତାଟିଏ କିମ୍ବା ଔପନ୍ୟାସିକ ଉପନ୍ୟାସଟିଏ ଲେଖେ, ଶିଳ୍ପୀଟିଏ ମୂର୍ତ୍ତି ଗଢ଼େ କିମ୍ବା ଚିତ୍ରକର ଚିତ୍ର ଆଙ୍କେ ସେତେବେଳେ ସେ ପ୍ରଥମେ ତା' ମନରେ ଏକ ଚିତ୍ରକଳ୍ପ ସୃଷ୍ଟି କରେ। ଏହାପରେ ସ୍ରଷ୍ଟା ତା'ର ସେହି ଚିତ୍ରକଳ୍ପକୁ କାନ୍‌ଭାସରେ ଉତାରିବାକୁ ଚେଷ୍ଟା କରେ। ଯେଉଁ ଚିତ୍ରକଳ୍ପ ଯେତେ ବ୍ୟାପକ ଓ ଗଭୀର, କାନ୍‌ଭାସ୍‌ର ଆକାର ମଧ୍ୟ ସେତେ ପରିବ୍ୟାପ୍ତ। ଏହି ଚିତ୍ରକଳ୍ପ ଏକ ଆଧାର ଉପରେ ଗଢ଼ିଉଠେ। ଏହି ଆଧାର ହୋଇପାରେ ପୌରାଣିକ, କିମ୍ବଦନ୍ତୀ, ଲୋକକଥା, ବୈଜ୍ଞାନିକ କିମ୍ବା କାଳ୍ପନିକ। ଯେତେବେଳେ ଚିତ୍ରକଳ୍ପର ଆଧାର ତଥ୍ୟ ଓ ପ୍ରମାଣ ସମ୍ବଳିତ ହୋଇଯାଏ ସେତେବେଳେ ତାହା ଇତିହାସ ପଦବାଚ୍ୟ ହୋଇଯାଏ। କଳିଙ୍ଗ ନୌବାଣିଜ୍ୟ ପରମ୍ପରାର ଏଭଳି ଏକାଧିକ ଚିତ୍ରକଳ୍ପ ଏବଂ ବଳିଷ୍ଠ ତଥ୍ୟ ଓ ଆଧାର ରହିଛି। ଏହି ଚିତ୍ରକଳ୍ପର ପ୍ରତୀକାତ୍ମକ ପରିପ୍ରକାଶ ହୋଇଛି ମାତ୍ର ଚାରିଟି ଅକ୍ଷରରେ - 'ଆ' 'କା' 'ମା' 'ବୈ'। ଏହି ଚାରିଟି ଅକ୍ଷରକୁ ବାଦ୍ ଦେଇ କଳିଙ୍ଗର ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସ ଓ ବିଦେଶରେ ଓଡ଼ିଆତ୍ୱର ପଦଚିହ୍ନ ଆଲୋଚନା ଅସମ୍ଭବ। ଏହି ଚାରି ଅକ୍ଷରର ବ୍ୟୁତ୍ପତ୍ତି, ଅନୁଶୀଳନ ଓ ଅନୁସନ୍ଧାନ ଅନୁସାରେ କିପରି କାନ୍‌ଭାସର ଆକାର ବଦଳି ଯାଉଛି ତାହା ଆମେ ଦେଖିବା।

ସଂସ୍କୃତ ପଣ୍ଡିତମାନଙ୍କ ବ୍ୟୁତ୍ପତ୍ତି ଅନୁଯାୟୀ - ଆ- ଆକାଶ, କା-ଜଳ, ମାଭୈଃ- ଭୟ କର ନାହିଁ। ଅର୍ଥାତ୍ ଆକାଶ ବା ପବନ ଓ ପାଣିକୁ ଭୟ କରନାହିଁ। ଆଉକିଛି ପଣ୍ଡିତଙ୍କ ଅନୁସାରେ 'ମାଭୈଃ' - ମା' ମଙ୍ଗଳା ଓ ଭୈରବ ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କୁ ବୁଝାଏ। ମତାନ୍ତରରେ ମାଭୈଃ - ମାତାଭୈରବୀ(ତାରା)ଙ୍କୁ ନିବେଦିତ। ଏହାର ଅର୍ଥ ଜଳଯାତ୍ରାରେ ମା'ମଙ୍ଗଳା, ଶ୍ରୀଜଗନ୍ନାଥ ଓ ଭୈରବୀ ସହାୟ ହୁଅନ୍ତୁ। ପାଣି ଓ ପବନ ସହିତ ନୌବାଣିଜ୍ୟର ପ୍ରତ୍ୟକ୍ଷ ସମ୍ବନ୍ଧ ଥିବାରୁ 'ମାଭୈଃ' ଅଭୟ ମନ୍ତ୍ର ରୂପେ କଳିଙ୍ଗ ସାଧବର ମନ ଓ ପ୍ରାଣରେ ଶକ୍ତି ସଞ୍ଚାର କରୁଥିଲା। ସଂସ୍କୃତ ପଣ୍ଡିତମାନେ କଳିଙ୍ଗ ନୌବାଣିଜ୍ୟର ଯେଉଁ ଚିତ୍ରକଳ୍ପ ସୃଷ୍ଟି କରିଥିଲେ ତାହାର ଆଧାର ଥିଲା କାଳଦାସଙ୍କ ରଘୁବଂଶ କାବ୍ୟ, ରାମାୟଣ, ମହାଭାରତ, ବ୍ରହ୍ମାଣ୍ଡ ପୁରାଣ, ବାୟୁ ପୁରାଣ, ପଦ୍ମପୁରାଣ, ମତ୍ସ୍ୟ ପୁରାଣ, ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ, ଅଗ୍ନି ପୁରାଣ, ବାମନ ପୁରାଣ, ମାର୍କଣ୍ଡେୟ ପୁରାଣ ଆଦି। (କ୍ରମଶଃ)

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦୁଇ ବାଇକ୍ ଧକ୍କା; ଜଣେ ମୃତ, ଦୁଇ ଗୁରୁତର

ପାଲଲହଡ଼ା,୧୩।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ଅନ୍ତର୍ଗତ କାଇଁଶିରିପାଲି ଛକ ନିକଟରେ ଦୁଇ ବାଇକ୍ ଧକ୍କାହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କାଇଁଶିରିପାଲିର ଦୁଃଖବନ୍ଧୁ ପ୍ରଧାନ। ଆହତ ହେଲେ ତାଙ୍କ ସ୍ତ୍ରୀ ହେମଲତା ପ୍ରଧାନ। ଅନ୍ୟ ଜଣେ ଆହତଙ୍କ ପରିଚୟ ମିଳିନାହିଁ। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଦୁଃଖବନ୍ଧୁ ହେମଲତାଙ୍କ ସହ ବାଇକ୍ ଯୋଗେ ପାଲଲହଡ଼ାରୁ ନିଜ ଘର କାଇଁଶିରିପାଲି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ତାଙ୍କର ଧକ୍କା ହୋଇଥିଲା। ତିନିଜଣ ଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଦୁଃଖବନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ହେମଲତା ଏବଂ ଅନ୍ୟ ବାଇକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଗ୍ରାମବାସୀ ଏବଂ ପୁଲିସ ଉଦ୍ଧାର କରି ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଆହତ ଅନ୍ୟ ବାଇକ ଚାଳକଙ୍କ ପରିଚୟ ମିଳି ନ ଥିବା ବେଳେ ଗାଡ଼ି ପଞ୍ଜୀକରଣ ନମ୍ବରରୁ ଏହା କେନ୍ଦୁଝରର ଅଞ୍ଚଳର ବୋଲି ଜଣାପଡ଼ିଛି। ପୁଲିସ ଦୁଃଖବନ୍ଧୁଙ୍କ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ତାରିଣୀ ଶିକ୍ଷା ପ୍ରତିଷ୍ଠାନ ସମୂହ କ୍ରୀଡ଼ା ଉଦ୍‌ଯାପିତ



ମାର୍ଶାଘାଇ,୧୩।୧୨(ସମିସ): ମାର୍ଶାଘାଇ ବ୍ଲକ୍ ଗରଜଙ୍ଗା ତାରିଣୀ ଶିକ୍ଷା ପ୍ରତିଷ୍ଠାନ ଗ୍ରୁବଭକ୍ତ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ରାଜପଥ ହଳଦିଆଗଡ଼ା ହନୁମାନ ପୀଠରୁ ଛାତ୍ରଛାତ୍ରୀ ମଶାଲ ଶୋଭାଯାତ୍ରାରେ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ଆସିଥିଲେ। ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡୁ ମଶାଲ ଗ୍ରହଣ କରିବା ସହ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତାରିଣୀ ଗ୍ରୁପ୍ ଅଫ୍ ଏଜୁକେସନ ଚେୟାରମ୍ୟାନ ଶ୍ରୀବତ୍ସ ପଣ୍ଡା ଯୋଗ ଦେଇଥିଲେ। ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟ୍ରାଫିକ ସବ୍‌ଇନ୍ସପେକ୍ଟର ହେମନ୍ତ ରାଉତ, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ଲେଙ୍କା ଯୋଗଦେଇଥିଲେ। ଅଧ୍ୟାପକ ଜ୍ଞାନରଞ୍ଜନ ବସନ୍ତରାୟ, ଅଧ୍ୟାପକ ତୁଷାରକାନ୍ତ ସାହୁ, ଗୌତମ ରାଉତ, ବିକ୍ରମ ପାଇଟାଲ, ଅଧ୍ୟାପିକା ଜ୍ୟୋତିପ୍ରଭା ସାହୁଙ୍କ ସମେତ ତାରିଣୀ ଗ୍ରୁପ ଅଫ ଏଜ୍ୟୁକେସନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଲ୍ଲିକେଶ୍ୱର ହାଇସ୍କୁଲର ଛାତ୍ର ଇସ୍ରୋ ଯିବା ପାଇଁ ମନୋନୀତ

ଡେରାବିଶ, ୧୩।୧୨(ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସନ୍ତୋଷ କୁମାର ମହାନ୍ତି ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ଯିବା ପାଇଁ ମନୋନୀତ ହୋଇଛନ୍ତି। ଟାଟା ଆନୁକୂଲ୍ୟରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଡିସେମ୍ବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟୋରୀୟମରେ ହୋଇଥିବା ପ୍ରତିଯୋଗିତାରେ ସନ୍ତୋଷ ଭାଗ ନେଇଥିଲେ। ଏହି ପ୍ରତିଯୋଗୀତାରେ ଶ୍ରେଷ୍ଠ ୩୦ ଜଣ ପ୍ରତିଯୋଗୀଙ୍କୁ ଇସ୍ରୋ ବୁଲିଯିବା ପାଇଁ ମନୋନିତ କରାଯାଇଥିଲା। ସନ୍ତୋଷ ପଲେଇ ପଞ୍ଚାୟତ ଅନ୍ତର୍ଗତ ଡେରାକୁଣ୍ଡି ଗ୍ରାମର ନୃସିଂହ ଚରଣ ମହାନ୍ତି ଓ ପ୍ରଣତି ମହାନ୍ତିଙ୍କ ପୁତ୍ର ଅଟନ୍ତି। ସନ୍ତୋଷର ଏହି କୃତିତ୍ୱ ପାଇଁ ତାର ଗାଇଡ୍ ଟିଚର ଶୁଭଶ୍ରୀ ଦାଶ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି।

## ରକ୍ତଦାନ ଶିବିର, ୮୩ ୟୁନିଟ୍ ସଂଗୃହୀତ

ମାର୍ଶାଘାଇ,୧୩।୧୨(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ଅନ୍ତରୀଣ ଗୁଣବତ୍ତା ପ୍ରମାଣନ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ ପ୍ରଭାତ ରଞ୍ଜନ ଲେଙ୍କା ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରର ସଂଯୋଜକ ଅଧ୍ୟାପକ ଖଗେଶ୍ୱର ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷାକର୍ମଚାରୀ ରକ୍ତଦାନ କରିଥିଲେ। କେନ୍ଦ୍ରପଡ଼ା ମୁଖ୍ୟ ଚିକିତ୍ସାଳୟ ରେଡ୍‌କ୍ରସ ସହାୟତାରେ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପ୍ରାଧ୍ୟାପକ ଦୀପକ ଦାସ, ପ୍ରାଧ୍ୟାପକ ବିଜୟ ପାତ୍ର, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁକାନ୍ତ ପ୍ରଧାନ, ଶାଶ୍ୱତ ଚନ୍ଦନ ସାମନ୍ତରାୟ, ମୁଖ୍ୟ ଲିପିକ କୁମର ଚନ୍ଦ୍ର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

### ବେଲାରପୁରରେ କୁହୁଳୁଛି ଅସନ୍ତୋଷର ନିଆଁ

# ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବାକୁ ପୁଲିସ ନାକେଦମ୍

ଡେରାବିଶ, ୧୩।୧୨(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତର ନୋଳସାହି ଓ ବେଲାରପୁର ଦୁଇଟି ଗ୍ରାମବାସୀଙ୍କ ମଧ୍ୟରେ ବୁଧବାର ମଧ୍ୟ ରାତ୍ରିରୁ ଗାଡ଼ି କଟାକଟିକୁ ନେଇ ଆରମ୍ଭ ହୋଇଥିବା ଗଣ୍ଡଗୋଳର ନିଆଁ ଏବେ ମଧ୍ୟ ଥମିବାରେ ନାଁ ଧରୁନାହିଁ। ଦୁଇଦିନ ହେଲା ଏହି

**ମୁତୟନ ରହିଛନ୍ତି ୨ ପ୍ଲାଟୁନ ପୁଲିସ ଫୋର୍ସ**



ଗଣ୍ଡଗୋଳକୁ ପ୍ରଶମିତ କରିବାପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଲାଣି। ଗତକାଲି ଠାରୁ ବେଲାରପୁର ଗ୍ରାମର ଲୋକମାନେ ବେଲାରପୁର ବଜାରଠାରେ ରାସ୍ତାରେ ଟାୟାର ଜାଳି ଲକ୍ଷ୍ମୀନାରାୟଣପୁର-ବେଣିପୁର ରାସ୍ତା ଅବରୋଧ କରିଥିବା ବେଳେ ସେମାନଙ୍କୁ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଦେବେନ୍ଦ୍ର କୁମାର ମଲିକଙ୍କ ବୁଝାସୁଝା କରି ଆନ୍ଦୋଳନରୁ ବିରତ କରାଇଥିଲେ। ଏଥିସହ ଘଟଣା ସ୍ଥଳରେ ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହି ପରିସ୍ଥିତିକୁ ତୀକ୍ଷ୍ଣ ନଜର ରଖିଥିଲେ। ତେବେ ଆଜି ସକାଳେ ନୋଳସାହି ଗ୍ରାମର ଜଣେ ଯୁବକ ବେଲାରପୁର ଗ୍ରାମକୁ ଆସିଥିବା ବେଳେ ସମ୍ପୃକ୍ତ ଯୁବକ ଜଣକ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳର ମୁଖ୍ୟସୂତ୍ରଧର କହିବା ସହ ତାଙ୍କୁ ଅଟକ ରଖି ପୁଲିସ୍‌ର ଜିମା ଦେଇଥିଲେ। ତେବେ ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଆଜି ପୁନର୍ବାର ଦୁଇ ପ୍ଲାଟୁନ ପୁଲିସ୍ ଫୋର୍ସ ଗ୍ରାମରେ ମୁତୟନ କରିବା ସହ ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ଏସଡିପିଓ ଶ୍ରୀ ମଲିକ ଓ ଡେରାବିଶ ଥାନା ପୁଲିସ ଉପସ୍ଥିତ ରହି ଗ୍ରାମବାସୀମାନଙ୍କୁ ବୁଝାସୁଝା କରୁଥିବା ଜଣାଯାଇଛି।

## ମହିଳା ସ୍ୱାସ୍ଥ୍ୟକର୍ମୀ ନିଖୋଜ ଅଭିଯୋଗ

ଡେରାବିଶ, ୧୩।୧୨(ସମିସ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସେବିକା ରୁମାନା ୟାସମିନ୍ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ଫିରୋଜ ଖାନ୍ ଡେରାବିଶ ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ଜିଲ୍ଲା କୋରେଇ ଥାନା ତାରାକୋଟ ଗ୍ରାମନିବାସୀ ଫିରୋଜଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ରୁମାନା ୟସମିନ (୨୪) ଡେରାବିଶ ଥାନା ଅନ୍ତର୍ଗତ ବିରନୀଳକଣ୍ଠପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବିକା ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ଠାରୁ ରୁମାନାଙ୍କ ମୋବାଇଲ୍ ଫୋନ୍ ବନ୍ଦ ରହିଥିବା ବେଳେ ସେ ସ୍ୱାସ୍ଥ୍ୟ କେନ୍ଦ୍ରର ରାମାନାଙ୍କ ସହକର୍ମୀଙ୍କୁ ପଚାରିଥିଲେ ମଧ୍ୟ ତାଙ୍କ ସମ୍ପର୍କରେ କୌଣସି ଖୋଜ ଖବର ପାଇନଥିଲେ। ଏଥିସହ ସେ ଜାଣିବାକୁ ପାଇଲେ ଯେ, ରୁମାନା ତାଙ୍କର ବିବାହ ପାଇଁ ଗତ ଚଳିତ ମାସ ୧୧ ତାରଖ ଠାରୁ ଆସନ୍ତା ଜାନୁୟାରୀ ମାସ ୧୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ ଛୁଟିନେଇଛନ୍ତି। ତେବେ ଫିରୋଜ ରୁମାନା ରହୁଥିବା ମନ୍ତ୍ରୀପଡ଼ା ସ୍ଥିତ ତାଙ୍କ ଭଡ଼ାଘରକୁ ଯାଇଥିଲେ ମଧ୍ୟ ସେଠାରୁ ରୁମାନାଙ୍କର କୌଣସି ଖୋଜଖବର ପାଇନଥିଲେ।

### ଦୁଇ ସାହି ମଧ୍ୟରେ ଗଣ୍ଡଗୋଳ

## ୮ ଶହ ଟଙ୍କା ପାଇଁ ବାଇକ୍ ଜାଳିଦେଲେ

ଢେଙ୍କାନାଳ,୧୩।୧୨(ସମିସ): ଟାଉନ ଥାନା ୧୦ନଂ ୱାର୍ଡର ବିଲସାହି ଏବଂ ମୃଦଙ୍ଗା ସାହି ମଧ୍ୟରେ ଗଣ୍ଡଗୋଳ ଘଟିବା ସହ ମାତ୍ର ୮ ଶହ ଟଙ୍କା ପାଇଁ ଲକ୍ଷାଧିକ



ଟଙ୍କାର ବାଇ ଜାଳି ଦିଆଯାଇଛି। ଖମାର ବିଲସାହିର ଗଣେଶ୍ୱର ବେହେରାଙ୍କ ବାଇରକ୍‌କୁ ମୃଦଙ୍ଗା ସାହିର ୨୦ ଯୁବକ ପୋଡ଼ିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଧାର ନେଇଥିବା ୮ଶହ ଟଙ୍କାକୁ ନେଇ ଗୁରୁବାର ଦୁଇ ସାହିର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କଳହକୁ ନେଇ ଥାନାରେ ଅଭିଯୋଗ ହେବା ପରେ ଥାନାରେ ମିମାଂସା ପାଇଁ ଶୁକ୍ରବାର ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ଶୁକ୍ରବାର ଭୋର ୪ଟାରେ ମୃଦଂଗା ସାହିର ୨୦ ଯୁବକ ଆସି ଗଣେଶ୍ୱରଙ୍କ ଘରେ ପଶି ମହିଳାଙ୍କୁ ଅସଦ୍‌ବ୍ୟବହାର କରିବା ସହ ଭାତହାଣ୍ଡି ଭାଙ୍ଗିଦେଇଥିଲେ। ପରେ ଘର ଆଗରେ ଥିବା ବାଇକ ନେଇ ସେଥିରେ ନିଆଁ ଲଗାଇବା ସହ ହତ୍ୟା ଧମକ ଦେଇଥିଲେ। ଏହାକୁ ନେଇ ଦୁଇ ସାହି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଗଣ୍ଡଗୋଳ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

## ୨୭ ଡିସେମ୍ବରରେ ଯୁବ ସାଂସ୍କୃତିକ ମହୋତ୍ସବ

କେନ୍ଦ୍ରାପଡା,୧୩।୧୨(ସମିସ): ବିବିଧ କଳାର ସମାବେଶୀ ମଞ୍ଚ 'ସିମ୍ଫୋନି' ଚଳିତ ମାସ ୨୭ରେ ପ୍ରଥମ ଜିଲ୍ଲା ଯୁବ ସାଂସ୍କୃତିକ ମହୋତ୍ସବ "ଯୁବ ତରଙ୍ଗ'ର ଆୟୋଜନ କରିବାକୁ ଯାଉଛି। ଏଥିନିମନ୍ତେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା ଏହି ଏକଦିବସୀୟ ଜିଲ୍ଲାସ୍ତରୀୟ ଉତ୍ସବରେ ଯୁବ ବର୍ଗ ସେମାନଙ୍କ ବିବିଧ କଳା ଓ ସୃଜନାତ୍ମକ କଳା ନୈପୁଣ୍ୟ ପ୍ରଦର୍ଶନର ସୁଯୋଗ ଲାଭ କରିବେ।୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ଥିବା ଯୁବ ପ୍ରତିଭାଧାରୀମାନେ ଏହି ଅବସରରେ କବିତା, ଗଳ୍ପ, ହାସ୍ୟ ଅଭିନୟ, ଚିତ୍ରକଳା, ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ କଳା ପରିବେଷଣ କରିବେ। ଏହି ବୟସ ବର୍ଗ ମଧ୍ୟରେ ଆସୁଥିବା ଯୁବ ସୃଜନାଶିଳ୍ପୀମାନେ ସେମାନଙ୍କ କଳା ସଙ୍ଗୀତ ଅନୁଷ୍ଠାନ କିମ୍ବା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସୁପାରିସ୍ ପତ୍ର ମାଧ୍ୟମରେ ଯୋଗଦାନ କରିପାରିବେ। ବିଶେଷକରି ଦଳଗତ ଇଭେଣ୍ଟକୁ ଅଗ୍ରାଧିକାର ଦିଆଯିବ ବୋଲି ସିମ୍ଫୋନିର ମୁଖ୍ୟ କାର୍ଯ୍ୟ ନିବାହୀ ଡ. ହିମାଂଶୁ ପରିଡା ଜଣାଇଛନ୍ତି।




ଅଂଶଗ୍ରହଣକାରୀ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଜିଲ୍ଲାରୁ କୃତିତ୍ୱ ହାସଲ କରି ଥିବା ସମସ୍ତ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ୍ ଭାଷଣ, ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭାପତି ନବଜ୍ୟୋତି ରାୟ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପୂର୍ଣ୍ଣ କରିବା ପାଇଁ ଚାରିଜଣ କାର୍ଯ୍ୟକ୍ରମ ସଂଯୋଜକ ସର୍ବଶ୍ରୀ ଡ. ଗିରିଜାକାନ୍ତ ଦାସ, ଡ. ଆଶୁତୋଷ ରାଉତ, ଜୟଶ୍ରୀ ଦାସ, ଦିବ୍ୟ ରଞ୍ଜନ ବେହେରା ଏବଂ ସେମାନଙ୍କୁ ସହାୟତା ନିମନ୍ତେ ସହ ସଂଯୋଜକ ଭାବେ ଗୋଲାପ ରାଉତ, ଲିଜା ପଣ୍ଡା, ସିନୁଲତା ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ସୁକାନ୍ତ କୁମାର ପ୍ରଧାନ, ଦିଲୀପ କୁମାର ସ୍ୱାଇଁ, ଗୌତମ ଚନ୍ଦ୍ର ଜେନା, ପବିତ୍ର କୁମାର ସାହୁ, କେମ୍ ସମ୍ପାଦକ ମହମ୍ମଦ ଜାହିଦ ଖାଁ, କବି ଶୁଭ୍ରାଂଶୁ କୁମାର ଦାସ, ନୃସିଂହ ତ୍ରିପାଠୀ, ଶୁଭାଂଶୁ କୁମାର ଦାସ, କୈଳାସ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟକାନ୍ତ ମହାନ୍ତି, ଶାନ୍ତନୁ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନିତାଇ ଗୌର ମଠ ଜମି ବିକ୍ରି ମସୁଧା

**ନ୍ୟାୟ ପାଇଁ ଅନ୍ତେବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ**

ଢେଙ୍କାନାଳ,୧୩।୧୨(ସମିସ): ସଦର ଥାନା ଅନ୍ତର୍ଗତ ସପ୍ତଶଯ୍ୟା ସଦେଇବେରେଣୀଠାରେ ଥିବା ନିତାଇ ଗୌର ମଠ ଜମିକୁ ବିକ୍ରି କରିବା ପାଇଁ ମସୁଧା ଚାଲିଛି। ମଠ ଜମିକୁ ସୁରକ୍ଷା ଦେବାକୁ ଅନ୍ତେବାସୀ ତଥା ବାବା ପ୍ରେମାନନ୍ଦ ଦାସ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଠର ବାବାଜୀ ପ୍ରେମାନନ୍ଦ ଦାସଙ୍କ ଅଭିଯୋଗ ଅନୁସାରେ ସେ ପିଲାଦିନୁ ଗୃହତ୍ୟାଗ କରି ସନ୍ନ୍ୟାସ ଧର୍ମ ଅବଲମ୍ବନ କରିଛନ୍ତି। ବଂଶାନୁକ୍ରମିକ ଭାବେ ପିତା ମାୟାଧର ସ୍ୱାଇଁଙ୍କ ପରିବାର ତରଫରୁ ୧୯୮୫ ମସିହାରୁ ତାଙ୍କୁ ୩ ଏକର ୨୬ ଡିସିମିଲ ଜମି



ନିତାଇଗୌର ମଠ ନାମରେ ରହିବା ସହିତ ସେଠାରେ ମଠ ସ୍ଥାପନ ହୋଇଛି। ଜମିର କବଲା ୫୯୯୦ ରହିଥିବା ବେଳେ କୂଅ, ନଳକୂପ, ଗୋମାତାଙ୍କ ମନ୍ଦିର, ରହିବା ପାଇଁ ଘର, ସାଧୁସନ୍ଥଙ୍କ ଭଜନ କୁଟୀର, ଆମ୍ବ ପିଜୁଳି ବଗିଚା ସହିତ ୪୦ବର୍ଷ ଧରି ମାୟାଧର ସ୍ୱାଇଁଙ୍କ ପରିବାରଙ୍କ ଜ୍ଞାତସାରରେ ସବୁକିଛି ହୋଇଛି। କିନ୍ତୁ ୨୦୧୮ ରେ ସ୍ୱାଇଁ ପରିବାର ଜମି ଜବରଦଖଲ କରିଥିବା ବେଳେ ମଠ ଭିତରେ ଗଣ୍ଡଗୋଳ କରିବା ଯୋଗୁ ମଠ ତରଫରୁ ୭୧/୨୦୧୮ରେ ଏକ ଦେୱାନୀ ମାମଲା ହୋଇଛି। ଏହା ସତ୍ତ୍ୱେ ଶ୍ୟାମସୁନ୍ଦର ସ୍ୱାଇଁଙ୍କ ସହ ଅନ୍ୟମାନେ ମାମଲାରେ କୋର୍ଟରେ ହାଜର ନ ହୋଇ ମଠ ଜମିର ୧ ଏକର ୨୯ ଡିସିମିଲ ଜମି ମହିଷାପାଟର ସ୍ମିତାଶ୍ରୀ ନାୟକଙ୍କୁ ବିକ୍ରି କରିବା ସହ ତହସିଲଦାରଙ୍କ ମାଧ୍ୟମରେ ଜମି ଚିହ୍ନଟ କରାଇ ଦଖଲ ମଡ଼ାଣ ଦେବାକୁ ଚେଷ୍ଟା ଚଳାଇଛନ୍ତି। ଏହାକୁ ନେଇ ମଠ ମହନ୍ତ ବାବାଜୀ ପ୍ରେମାନନ୍ଦ ଦାସ ଓ ମଠ ଅନ୍ତେବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ସମାଧାନ ପାଇଁ ଦାବି କରିଛନ୍ତି।

## ପତିତପାବନ ମନ୍ଦିରର ବାର୍ଷିକୋତ୍ସବ

ତିର୍ତ୍ତୋଲ, ୧୩।୧୨(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ବୋଧେଇ ପଞ୍ଚାୟତର ପାବନକ୍ଷେତ୍ର ରାଧୁଗଡାସ୍ଥ ପତିତପାବନ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପଣ୍ଡିତ ପ୍ରଶାନ୍ତ ତ୍ରିପାଠୀ, ରଙ୍ଗବଲ୍ଲଭ ଦାଶ, ଗୋବିନ୍ଦ ପଣ୍ଡା, ଆଶିଷ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ମହାପ୍ରଭୁଙ୍କ ଷୋଡଶ ଉପଚାର ପୂଜା ଓ ଗୀତା ଆହୂତି ସମ୍ପାଦିତ ହୋଇଥିଲା। ମନ୍ଦିରର ପୂଜକ ପଣ୍ଡିତ ନିଶାମଣୀ ଦାଶ ସହଯୋଗ କରିଥିଲେ। ଡ. ସ୍ମୃତିସାଗର ମହାରାଜ ଏହି ଉତ୍ସବରେ ଯୋଗଦେଇ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥପ୍ରେମୀ ନିଚନ୍ତା ଗ୍ରାମର ସନ୍ତୋଷ ସ୍ୱାଇଁ ଓ ଓରନାଳ ଗ୍ରାମର ରବୀନ୍ଦ୍ର ସ୍ୱାଇଁଙ୍କୁ ସ୍ଥାୟୀ ସଦସ୍ୟ ଭାବେ ପଞ୍ଜିକୃତ କରାଯାଇଥିଲା। ପୂର୍ଣ୍ଣାହୁତି



ପରେ ପତିତପାବନ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ମହାମନ୍ତ୍ର ନାମ ସଂକୀର୍ତ୍ତନ କରିଥିଲେ। ମନ୍ଦିର କମିଟିର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ■ ହରିଅଙ୍କ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଟାଇବ୍ରେକରରେ କୁଜଙ୍ଗକୁ ହରାଇ ଫାଇନାଲରେ ଧର୍ମଶାଳା



ଡେରାବିଶ, ୧୩।୧୨(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍‌ର ୨୪ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିଥିଲା ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍। ଆଜିର ମ୍ୟାଚ୍‌ରେ ଧର୍ମଶାଳା ଟିମ୍ କୁଜଙ୍ଗ ଟିମ୍‌କୁ ୫-୩ ଗୋଲରେ ହରାଇ ଫାଇନାଲକୁ ଉନ୍ନିତ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ଉଭୟ କୁଜଙ୍ଗ ଟିମ୍ ଧର୍ମଶାଳା ଟିମ୍ ଚିତାକର୍ଷକ ଖେଳ ପ୍ରଦର୍ଶନ କରି କେହି କାହାରିକୁ ଗୋଲ ଦେଇପାରିନଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ୍ ଦେବାରୁ ଖେଳ ଅମିମାଂଶିତ ରହିଥିଲା। ରେଫରିଙ୍କ ନିଷ୍ପତି କ୍ରମେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଧର୍ମଶାଳା ଟିମ୍ ୫-୩ ଗୋଲରେ ଆଗୁଆ ହୋଇ ରବିବାର ଥିବା ଫାଇନାଲ୍ ମ୍ୟାଚ୍‌ରେ କଟକ ଟିମ୍‌କୁ ଭେଟିବ। ଶେଷରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି, ସମ୍ମାନିତ ଅତିଥିଭାବେ ସମାଜସେବିକା ଗାୟତ୍ରୀ ମହାନ୍ତି, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ମାରୁ ଇଲେକ୍ଟ୍ରିକାଲ୍ସ ସୌଜନ୍ୟରୁ ବିଜେତା ଧର୍ମଶାଳା ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲଖ ସ୍ୱାଇଁ, ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ସାମଲ, କାଳନ୍ଦି ମଲିକ, ରାମଚନ୍ଦ୍ର ସେଠୀ, ଦିଲ୍ଲିପ କୁମାର ଦାସ, ଅଭୟ ମଲିକ, ଅଲେଖ ବେଜ, କୈଳାସ ଲେଙ୍କା, ଅଞ୍ଜନ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଆସନ୍ତା କାଲି ଦୁଇଗୋଟି ମହିଳା ଟିମ୍‌କୁ ନେଇ ଆସୋସିଏସନ୍ ପକ୍ଷରୁ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଉପସଭାପତି ବାବୁଲି ସ୍ୱାଇଁ ପ୍ରକାଶ କରିଛନ୍ତି।

# ମାଟି ପକାଇ ୫୫ନଂ ଜାତୀୟ ରାଜପଥ ଅବରୋଧ

ଢେଙ୍କାନାଳ,୧୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଇ କଲେଜ ଛକ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥରେ ହଠାତ ଆଜି ମାଟି ପକାଇ ରାସ୍ତା ବନ୍ଦ କରିଦେବାରୁ ଦାଣ୍ଡିମାଳ ଷ୍ଟେସନ ସହିତ ସଦାଶିବପୁର ବାରଦା ଓ କାମାକ୍ଷାନଗର ଅଞ୍ଚଳକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ରାସ୍ତା ପାର ହୋଇ ଦାଣ୍ଡିମାଳ ଷ୍ଟେସନ ସହ ସଦାଶିବପୁର, ବାରଦା, ଗେଙ୍ଗୁଟିଆ ଦେଇ କାମାକ୍ଷାନଗରକୁ ପ୍ରତିଦିନ ଲୋକେ ଯାତାୟାତ କରନ୍ତି। ଏହି ରାସ୍ତା ଦେଇ ସକାଳ ଏବଂ ସନ୍ଧ୍ୟାରେ ଦାଣ୍ଡିମାଳ ଷ୍ଟେସନକୁ ଶହ ଶହ ଲୋକ ଯାଉଥିବା ବେଳେ ସକାଳୁ ଚାଲିବାକୁ ମଧ୍ୟ ଯାଇଥାନ୍ତି। କିନ୍ତୁ ରାସ୍ତା ପାର୍ ହୋଇ ଯିବାକୁ କୌଣସି ଅଣ୍ଡରପାସ କିମ୍ବା ଓଭରବ୍ରିଜ ନ ଥିବା ବେଳେ ଅତି ବିପଦସଙ୍କୁଳ ଭାବେ ଲୋକମାନେ ବିଭିନ୍ନ ସ୍ଥାନକୁ ଯିବା ସହ ଢେଙ୍କାନାଳ, କଟକ, ଭୁବନେଶ୍ୱର ଯିବାକୁ ବସ ଷ୍ଟପରେ ଅପେକ୍ଷା କରିଥାନ୍ତି। ଶୁକ୍ରବାର ହଠାତ ରାସ୍ତା ପାର ହୋଇ ଯାଉଥିବା ଅସ୍ଥାୟୀ ପାସ୍‌ରେ ମାଟି ପକାଇ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଫଳରେ ଲୋକେ ରାସ୍ତ ପାର୍ ହୋଇ ଷ୍ଟେସନ ଯିବା କିମ୍ବା ସଦାଶିପୁର, ବାରଦା ଯିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପରିକି ସିମିନଇ ଯୁକ୍ତଦୁଇ ଏବଂ ଯୁକ୍ତ ତିନି କଲେଜକୁ ଆସୁଥିବା ଛାତ୍ରଛାତ୍ରୀ ମଧ୍ୟ ଯାତାୟାତରେ ଘୋର ଅସୁବିଧା ଭୋଗୁଛନ୍ତି। ରାସ୍ତ ପାର ହେବାକୁ କୌଣସି ବିକଳ୍ପ ବ୍ୟବସ୍ଥା ନ କରି ଏଭଳି ମାଟି ପକାଇଦେବାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବାକୁ ଲୋକେ ସଜବାଜ ହେଉଛନ୍ତି।

**ଷ୍ଟେସନ ଓ ଗ୍ରାମକୁ ଯାତାୟାତରେ ବାଧା**
**ଆନ୍ଦୋଳନ ପାଇଁ ସଜବାଜ**



## କୂଅରେ ଖସିପଡ଼ି ଶିଶୁ ମୃତ

କାମାକ୍ଷାନଗର,୧୩।୧୨(ସମିସ): ତୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମରେ କୂଅରେ ଖସିପଡ଼ି ୫ ବର୍ଷର ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର କାମାକ୍ଷାପ୍ରସାଦ ବେହେରାଙ୍କ ପୁଅ ପ୍ରିୟାଂଶୁ। ପ୍ରିୟାଂଶୁ ଘର ନିକଟରେ ଖେଳୁଥିବା ବେଳେ ଆସାବଧାନତା ବଶତଃ ନିକଟରେ ଥିବା ୩୦ ଫୁଟ ଗଭୀର କୂଅରେ ଖସିପଡ଼ିଥିଲେ। କିଛି ସମୟ ପରେ ପୁଅକୁ ଖେଳୁଥିବା ଜାଗାରେ ନ ଦେଖି ପରିବାର ଲୋକ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ସନ୍ଧାନ ପାଇ ନ ଥିଲେ। ସନ୍ଦେହରେ କୂଅ ନିକଟକୁ ଖୋଜିବା ପାଇଁ ଆସି ପ୍ରିୟାଂଶୁ ତା' ଭିତରେ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରିବା ପାଇଁ ଉଦ୍ୟମ କରି ବିଫଳ ହେବାପରେ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପ୍ରିୟାଂଶୁଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳେକୁ ତା'ର ମୃତ୍ୟୁ ହୋଇଯାଇଥିଲା। ପ୍ରିୟାଂଶୁଙ୍କ ଅକାଳ ବିୟୋଗ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

■ ଶିକ୍ଷା ବ୍ୟବସ୍ଥା ସଙ୍ଗୀନ

# ଗୋଟିଏ ଗୃହରେ ୫ ଶ୍ରେଣୀର ଛାତ୍ରଛାତ୍ରୀ





ଢେଙ୍କାନାଳ, ୧୩।୧୨(ସମିସ)

ଢେଙ୍କାନାଳ ସହର ୧୮ନଂ ୱାଡରେ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଶ୍ରେଣୀଗୃହ ନ ଥିବାରୁ ଷ୍ଟୋରରୁମର ଭ୍ରମ ସୃଷ୍ଟି କରୁଥିବା ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୫ ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଶ୍ରେଣୀଗୃହର ଫଟା ଆଜବେଷ୍ଟସରେ ବର୍ଷାଦିନେ ପାଣି ଗଳୁଥିବାରୁ ପାଠପଢ଼ା ଠପ୍ ହୋଇପଡୁଥିବା ବେଳେ ସ୍କୁଲ କଡ଼ରେ ମୁକୁଳା ଡ୍ରେନରେ ପଡ଼ି ପିଲାଏ ଖଣ୍ଡିଆ ଖାବରା ହେଉଛନ୍ତି।

ଅବ୍ୟବସ୍ଥା ଓ ସମସ୍ୟା ଘେରରେ ଢେଙ୍କାନାଳ ସହର ରାମେଶ୍ୱରପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୦ ପିଲା ପାଠ ପଢୁଛନ୍ତି। ମାତ୍ର ଶ୍ରେଣୀଗୃହ ଅଭାବ ଯୋଗୁଁ ବାଧ ହୋଇ ଗୋଟିଏ କୋଠରିରେ ଛାତଛାତ୍ରୀ ବସି ପାଠ ପଢୁଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ଯେଉଁଠି ପାଠପଢ଼ା ସେଇଠି ସ୍କୁଲର ଟ୍ରଙ୍କ, ଆଲମିରାଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଇଛି। ଯେଉଁ ଶ୍ରେଣୀଗୃହରେ ପାଠ ପଢ଼ାଯାଉଛି ତା'ର ଆଜବେଷ୍ଟସଗୁଡ଼ିକ ଫାଟି ଆଁ କରିଛି। ସ୍କୁଲର ଏଭଳି ସମସ୍ୟା ସମାଧାନ ପାଇଁ ବର୍ଷ ବର୍ଷ କାଳ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଏ ନେଇ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୌଦାମିନୀ ଶତପଥୀ କୁହନ୍ତି ଯେ ବାରମ୍ବାର ଶିକ୍ଷା ବିଭାଗର ଦୃଷ୍ଟି ଅକର୍ଷଣ କଲେ ମଧ କୌଣସି ଫଳ ମିଳୁନାହିଁ। କେବଳ ଏତିକି ସମସ୍ୟା ନୁହେଁ, ସ୍କୁଲକୁ ଲାଗି ରହିଥିବା ପାଚେରି ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବାରୁ କିଛିଦିନ ତଳେ ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା। ପାଚେରି ନ ଥିବାରୁ ପିଲାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲକୁ ଲାଗି ଏକ ନାଳ ବୋହି ଯାଇଥିବାରୁ ସାମାନ୍ୟ ଅସାବଧାନତା ହେଲେ ପିଲା ନାଳରେ ପଡ଼ିଯିବା ଭୟ ମଧ୍ୟ ରହିଛି। ଏପଟେ ସ୍କୁଲ କଡ଼କୁ ଲାଗିଥିବା ଏହି ଡ୍ରେନ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା ବେଳେ ଡ୍ରେନରୁ ବାହାରୁଥିବା ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଡ୍ରେନ ମୁକୁଳା ପଡ଼ିଥିବାରୁ ବିଭିନ୍ନ ସମୟରେ ପିଲାମାନେ ସେଥିରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ସ୍କୁଲ କଡ଼କୁ ଲାଗି ରହିଥିବା ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଶ୍ରେଣୀଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଆସିଥିବା ବେଳେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଭାବକଙ୍କ କହିବା ଅନୁସାରେ ଦୁଇ ମହଲା ଉପରକୁ ଉଠି ଛୋଟ ପିଲାମାନେ ପାଠ ପଢ଼ିବାକୁ ଯିବା ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ। ଯଦି ଏଭଳି କରାଯାଏ ତେବେ ପିଲାଙ୍କୁ ସ୍କୁଲ ଛାଡ଼ିବେ ନାହିଁ ବୋଲି ଅଭିଭାବକ କହିଛନ୍ତି। ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ସାହୁ କହିଛନ୍ତି ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଖୁବଶୀଘ୍ର ଡ୍ରେନ ସଫା କରି ତା' ଉପରେ ସ୍ଲାବ ପକାଇବା ପାଇଁ କୁହାଯାଇଛି। ନୂଆ ଶ୍ରେଣୀଗୃହ ନିର୍ମାଣ ପାଇଁ ଟଙ୍କା ଆସିଥିବା ବେଳେ ଜାଗା ଅଭାବ ଥିବାରୁ ନିର୍ମାଣ କରାଯାଇ ପାରୁନାହିଁ। ଆବଶ୍ୟକ ପଡ଼ିଲେ ସ୍କୁଲକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ନୂତନ ଗୃହ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

■ କାମାକ୍ଷାନଗର ଅଞ୍ଚଳରେ ହାତୀ ଉପଦ୍ରବ

## ନଷ୍ଟ ହେଉଛି ଏକର ଏକର ଧାନଫସଲ



କାମାକ୍ଷାନଗର, ୧୩।୧୨(ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନ ଓ ସାହାଲାରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ଏବେ ଧାନ ଅମଳ ସମୟ ହୋଇଥିବାରୁ ପାଚିଲା ଧାନ ବାସ୍ନାରେ ହାତୀପଲ କ୍ଷେତମୁହାଁ ହେଉଛନ୍ତି। ଏକର ଏକର ଧାନ ଫସଲ ଖାଇଦେବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଫଳରେ ଅମଳ ସମୟରେ ଚାଷୀଙ୍କ ଫସଲ ନଷ୍ଟ ହେଉଥିବା ବେଳେ ହାତୀପଲଙ୍କ ଉପଦ୍ରବ ଯୋଗୁଁ ସ୍ଥାନୀୟ ବାସିନ୍ଦା ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ବନବିଭାଗ ତରଫରୁ ଉଦ୍ୟମ କରାଯାଉଛି। ତେବେ ହାତୀପଲ ସନ୍ଧ୍ୟା ଓ ଭୋର ସମୟରେ ରାସ୍ତା ପାର ହେଉଥିବା ବେଳେ ଦିନରେ ଗାଁ ପାଖରେ ଥିବା ଜଙ୍ଗଲରେ ରହୁଛନ୍ତି। ଫଳରେ ପାଖରେ ଥିବା ଗ୍ରାମବାସୀ ମଧ୍ୟ ଭୟରେ ରହୁଥିବା ଦେଖାଯାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ



ଢେଙ୍କାନାଳ, ୧୩।୧୨(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତୃତୀୟ ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ କୃପାସିନ୍ଧୁ ଦାସ ମହାରାଜା (ପୁରୀ) ଭାଗବତ ନିଷ୍କାମ ଭକ୍ତି ସମ୍ପର୍କରେ ଆଶୀର୍ବଚନ ପ୍ରଦାନ କରିଥଲେ। ଦାସାନୁଦାସ ଅବନୀ ମିଶ୍ର ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ସୁନ୍ଦର ତଥ୍ୟ ଓ ତତ୍ତ୍ୱ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ଆବାହକ ବିଷ୍ଣୁଦତ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ନିରଞ୍ଜନ ମିଶ୍ର ସହଯୋଗ କରିଥିଲେ।

## ପରଜଙ୍ଗ ବ୍ଲକରେ ମୋ ଢେଙ୍କାନାଳ ମହୋତ୍ସବ



ଢେଙ୍କାନାଳ, ୧୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ଏହାର ୬ଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ ଗୁରୁଦେବଜୀ ଫାଉଣ୍ଡେସନ ତରଫରୁ ପରଜଙ୍ଗ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଓ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଯଥା ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ହୋଇଥିଲା। ବ୍ଲକର ବିଭିନ୍ନ ସ୍କୁଲର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦେଇ ଏହାକୁ ଉଦଘାଟନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ସୌଭାଗ୍ୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବିଇଓ ହରିହର ଦେହୁରୀ, ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଏବିଇଓ ତରଣୀ କୁମାର ସିଂ, ସହକାରୀ ମୁଖ୍ୟଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ ଓ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଗୁରୁଦେବଜୀ ଫାଉଣ୍ଡେସନର ବିଜୟ କୁମାର ମିଶ୍ର, ପ୍ରତାପ ନାଏକ ଓ ସନ୍ତୋଷ କରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ମୋ ଢେଙ୍କାନାଳର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପ୍ରତି ସମର୍ପିତ ହୋଇ ସମସ୍ତେ 'ମୋ ଢେଙ୍କାନାଳ' କହିବାକୁ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସତ୍ୟଭାମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧନୁ ସଂକ୍ରାନ୍ତିରେ ଧନୁମୁଆଁର ପସରା

ଢେଙ୍କାନାଳ, ୧୩।୧୨(ସମିସ): ଆଗକୁ ଧନୁ ସଂକ୍ରାନ୍ତି ଆସୁଥିବାରୁ ଧନୁମୁଆଁର ପସରା ଖୋଲିଛି। ଏହି ମୁଆଁ ୧୦ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଲକ୍ଷ୍ମୀବଜାର ବ୍ୟବସାୟୀ ଗଣେଶ୍ୱର ବେହେରା କହିଛନ୍ତି ବରଗଡ଼ରୁ ଆସି ଧନୁମୁଆଁ ବିକ୍ରି ହେଉଛି। ଖଇ, ଗୁଡ଼, ନଡ଼ିଆ ଓ ବିଭିନ୍ନ ପ୍ରକାରର ମସଲା ଦେଇ ଏହି ମୁଆଁ ପ୍ରସ୍ତୁତ କରାଯାଉଛି।

## ଶ୍ରୀସତ୍ୟସାଇବାବାଙ୍କ ପାଦୁକା ପରିକ୍ରମା

ଢେଙ୍କାନାଳ, ୧୩।୧୨(ସମିସ): ଶ୍ରୀସତ୍ୟସାଇବାବାଙ୍କ ୧ଶହ ତମ ଜନ୍ମତିଥି ଉତ୍ସବ ଉପଲକ୍ଷେ ତାଙ୍କ ଦିବ୍ୟ ପାଦୁକା ପ୍ରଶାନ୍ତିରୁ ଆସି ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରୁଛି। ପାଦୁକା ଦର୍ଶନ କରି ଭକ୍ତମାନେ ଆଶୀର୍ବାଦ ଲାଭ କରିଥିଲେ। ସମିତିର ଆବାହକ ବିଶ୍ୱଜିତ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅନେକ ସାଇଭକ୍ତ ଏହି ପାଦୁକା ପରିକ୍ରମାରେ ସାମିଲ ହୋଇଥିଲେ।

## ସାଇ ଦରବାରର ବାର୍ଷିକୋତ୍ସବ

ଢେଙ୍କାନାଳ, ୧୩।୧୨(ସମିସ): ସ୍ଥାନୀୟ ମୀନାବଜାରସ୍ଥିତ ସାଇ ଦରବାରର ୧୫ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ପ୍ରାତଃରୁ କାକଆଳତି, ସ୍ନାନ, ବସ୍ତ୍ର ପରିଧାନ ଓ ବିଭିନ୍ନ ଫୁଲ ହାରରେ ସାଇବାବାଙ୍କୁ ସୁସଜ୍ଜିତ କରାଯାଇଥିଲା। ପରେ ବିଭିନ୍ନ ଭୋଗ ଲାଗି କରାଯାଇ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଳତି କରାଯାଇଥିଲା। ଏହି ଅବସରରେ ଶ୍ରୀ ସାଇ ଭଜନ ସନ୍ଧ୍ୟା ପକ୍ଷରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ପ୍ରମୋଦ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସାଇଭକ୍ତ ଯୋଗଦେଇଥିଲେ।

## ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନ, ୧୩।୧୨(ସମିସ): ଭୁବନ ଏନ୍ଏସିର କଲଚରାଲ ସେଣ୍ଟର୍ ପରିସରରେ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସତ୍ୟବାଦୀ ସେନାପତି, ମୁଖ୍ୟବକ୍ତାଭାବେ ତୃପ୍ତିପାଠାଗାରଅଧ୍ୟକ୍ଷପୂର୍ଣ୍ଣଚନ୍ଦ୍ରସାହୁ, ସମ୍ମାନିତଅତିଥିଭାବେ ସନ୍ତୋଷ କୁମାର ବିହାରୀ, ଲମ୍ବୋଦର ବେହେରା ପ୍ରମୁଖ ଯୋଗଦେଇଥିଲେ। କିଶୋର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀ ଡାନ୍ସ ଏକାଡେମୀର ଓଡ଼ିଶୀ ନୃତ୍ୟଶିଳ୍ପୀ ଲକ୍ଷ୍ମୀପ୍ରିୟା ସାହୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

## କୁରାଳ ପଞ୍ଚମୀ ପୂଜା ପୂର୍ଣ୍ଣାହୁତି ଉତ୍ସବ

ଢେଙ୍କାନାଳ, ୧୩।୧୨(ସମିସ): ସ୍ଥାନୀୟ ମୀନାବଜାର କୁମ୍ଭାର ସାହିରେ ୩୭ତମ କୁରାଳ ପଞ୍ଚମୀ ପୂଜା ୮ ଦିନ ଧରି ଚାଲିଥିଲା।



ଲକ୍ଷ୍ମୀନାରାୟଣଙ୍କ ଏହି ପୂଜାର ପୂର୍ଣ୍ଣାହୁତି ସହ ମେଲାଣି ଦିଆଯାଇଛି। ସଭାପତି ଉଦୟନାଥ ବେହେରା, ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ଓ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।

■ ନୂଆବଜାର ବଣିକ ସଂଘର କର୍ମକର୍ତ୍ତା ଚୟନ

## ଦୁଷ୍ମନ୍ତ ପୃଷ୍ଟି ସଭାପତି, ଅରୁଣ ସାହୁ ସମ୍ପାଦକ

ଭୁବନ, ୧୩।୧୨(ସମିସ): ଭୁବନର ସର୍ବପୁରାତନ ନୂଆବଜାର ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ ତରଫରୁ କଣପାଳ ହାଟ ପଡ଼ିଆରେ ୫୯ତମ ବାର୍ଷିକ ଉତ୍ସବ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବସନ୍ତ କୁମାର ପୋଥାଳ ଗତବର୍ଷର ଲକ୍ଷ୍ମୀପୂଜା, ମାଣବସା ଗୁରୁବାର ଆୟବ୍ୟୟ ଉପସ୍ଥାପନ କରିଥିଲେ। ପରେ ପୁରୁଣା କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ଶତାଧିକ ବ୍ୟବସାୟୀଙ୍କ ଉପସ୍ଥିତିରେ ଦୁଷ୍ମନ୍ତ କୁମାର ପୃଷ୍ଟି ସଭାପତି, ଅରୁଣ କୁମାର ସାହୁ ସମ୍ପାଦକ, ହୃଷୀକେଶ ଦାସ, ଅନିଲ ବେହେରା ଉପସଭାପତି, ମନମୋହନ ସାହୁ ସହସମ୍ପାଦକ, ସରୋଜ ବିହାରୀ ଯୁଗ୍ମ ସମ୍ପାଦକ ଓ ବସନ୍ତ କୁମାର ପୋଥାଳଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ବେହେରାଙ୍କୁ ସଂଯୋଜକ ଭାବେ ଚୟନ କରାଯାଇଛି। ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ପାତ୍ର ନୂତନ କମିଟିକୁ ଶପଥପାଠ କରାଇଥିଲେ। ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପୃଷ୍ଟି, ଗତିକୃଷ୍ଣ ବିହାରୀଙ୍କ ସମେତ ଶତାଧିକ ବ୍ୟବସାୟୀ ଯୋଗଦେଇଥିଲେ। ଦୁଷ୍ମନ୍ତ କୁମାର ପୃଷ୍ଟି ଏକାଦଶ ଥର ପାଇଁ ସଭାପତି ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

■ ବଣଚଣ୍ଡିରେ କଂଗ୍ରେସ ମିଶ୍ରଣ ପର୍ବ

## ଦରଦାମ ନିୟନ୍ତ୍ରଣରେ ଡବଲ ଇଞ୍ଜିନ ଫେଲ୍

ଭୁବନ, ୧୩।୧୨(ସମିସ): ଭୁବନ ବ୍ଲକ ଛାତ୍ର କଂଗ୍ରେସ ଆୟୋଜନ କ୍ରମେ ବଣଚଣ୍ଡି ପୀଠରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଜିତ ଜେନା, ଜିଲ୍ଲା କଂଗେସ କମିଟି ସଭାପତି ସୁନୀଲ ଦାସ, ଜିଲ୍ଲା କୃଷକ ସେଲ ସଭାପତି ବିପ୍ରବର ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶୁଭମ୍ ଦାସ, ଜିଲ୍ଲା କଂଗ୍ରେସ ସମ୍ପାଦକ ଶ୍ୱେତକେତୁ ମିଶ୍ର ଯୋଗଦେଇଥିଲେ। ଭୁବନ ନଗର କଂଗ୍ରେସ ସଭାପତି ମନୋଜ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜନ ହୋଇଥିଲା। ପଞ୍ଚାନନ ରାଉତଙ୍କ ନେତୃତ୍ୱରେ ୫୦ରୁ ଅଧିକ ବ୍ୟକ୍ତି ଛାତ୍ର କଂଗ୍ରେସରେ ଯୋଗଦାନ କରିଛନ୍ତି। ରାଜ୍ୟରେ ଅପାରଗ ସରକାରଙ୍କ ନୀତି ବିରୋଧରେ କଂଗ୍ରେସ ନେତାମାନେ ଗର୍ଜିଥିଲେ। ଦରଦାମ ବୃଦ୍ଧି, ମହିଳାଙ୍କୁ ସୁରକ୍ଷା, ଚାଷୀମାରଣ ନୀତି, ଧାନବିକ୍ରି ଅନିୟମିତତାକୁ ନେଇ ଉଚିତ୍ ଜବାବ ଦେବା ପାଇଁ ଭୁବନରୁ ଛାତ୍ର କଂଗ୍ରେସ ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ଆଗମୀ ଦିନରେ ଡବଲ ଇଞ୍ଜିନ ସରକାରର ଅପାରଗତା ବିରୋଧରେ ସ୍ୱର ଉଠାଇବାକୁ ଶପଥ ନେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ବିନୋଦ ମହାରଣା ମଞ୍ଚ ପରିଚାଳନା କରିଥିବା ବେଳେ ରାଜ୍ୟ ମିଡିଆ ସେଲ ସହ ପ୍ରମୁଖ ମୁଷ୍ତାଫିଜ୍ ଆଲମ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।



## ଜୁଭେନାଇଲ ଜଷ୍ଟିସ ଏବଂ ପୋକ୍ସୋ ଆଇନ କର୍ମଶାଳା

ଢେଙ୍କାନାଳ, ୧୩।୧୨(ସମିସ): ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଜୁଭେନାଇଲ ଜଷ୍ଟିସ ଏବଂ ପୋକ୍ସୋ ଆଇନ ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଜୁଭେନାଇଲ ଜଷ୍ଟିସ ୟୁନିଟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ପୁଷ୍ପକ ତ୍ରିପାଠୀ, ମାନସୀ ମହାପାତ୍ର, ଡିଏସପି କୁମାରୀ ବିସ୍ରା ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ କଟକ ସିଆଇଏନସି ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଇନ ପରିବିକ୍ଷଣ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀନାରାୟଣଙ୍କ ଭସାଣ ଉତ୍ସବ

ଭୁବନ, ୧୩।୧୨(ସମିସ): ଭୁବନ ଏନଏସି ଅନ୍ତର୍ଗତ ମାଟିକାରିଗର ସାହିରେ କୁରାଳ ସମାଜ ପକ୍ଷରୁ ଆୟୋଜିତ ଲକ୍ଷ୍ମୀନାରାୟଣ ପୂଜାର ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି। ସାହି ମୁରବିମାନଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ଏହି ବାର୍ଷିକ ପୂଜା ଧୁମଧାମରେ ପାଳନ କରାଯାଇଥିଲା। ସଭାପତି ଦୈତାରୀ ସାହୁଙ୍କ ନେତୃତ୍ୱରେ ଟଙ୍କଧର ସାହୁ, ଟୁକୁନା ସାହୁ, ସୁରେଶ ସାହୁ, ରସାନନ୍ଦ ସାହୁ, ଅନାମ ସାହୁ, କୈଳାସ ସାହୁ, ବେଣୁ ସାହୁ, ନରେଶ ସାହୁ, ମୁରଲୀ ସାହୁ,



ବିଶ୍ୱନାଥ ବ୍ରଜବନ୍ଧୁ ସାହୁ, ମାଧବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗଣେଶ ବଜାରଠାରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଜଳାଶୟରେ ଭସାଣ କାର୍ଯ୍ୟକ୍ରମ କରାଯାଇଛି।

## ଜାତୀୟ ଯୁବ ଉତ୍ସବ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ଢେଙ୍କାନାଳ, ୧୩।୧୨(ସମିସ): ଜାତୀୟ ଯୁବ ଉତ୍ସବ ଉପଲକ୍ଷେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଉଦଘାଟନ କରିଥିଲେ। ଯୁବଶକ୍ତିଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ଏହି ପ୍ରତିଯୋଗିତା ଉପାଦେୟ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଯୋଗଦେଇ କୌଣସି ପ୍ରକାର ନକାରାତ୍ମକ ଭାବଧାରାକୁ ମନରୁ ଦୂର କରି ପ୍ରତିଯୋଗିତା ମୂଳକ ମନୋଭାବରେ ନିଜ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଆୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗଦେଇଥିଲେ। ଜିଲ୍ଲା କଳା ଓ ସଂସ୍କୃତି ସଂଘ ଉପ-ସଭାପତି ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକନୃତ୍ୟ, ଏକକ ଲୋକ ସଙ୍ଗୀତ, ଔପଚାରିକ ବକ୍ତୃତା (ହିନ୍ଦୀ/ଇଂରାଜୀ), ପଦ୍ୟ ଲିଖନ (ହିନ୍ଦୀ/ଇଂରାଜୀ), ଗଳ୍ପ ଲିଖନ (ହିନ୍ଦୀ/ଇଂରାଜୀ), ଚିତ୍ରକଳା ଆଦି ପ୍ରତିଯୋଗିତା ହୋଇଥିଲା।



## ଜରାଜୀର୍ଣ୍ଣ ଅବସ୍ଥାରେ ଉପଖଣ୍ଡର ଏକମାତ୍ର ତେଲପେଷା ସମବାୟ ସମିତି

ହିନ୍ଦୋଳ, ୧୩।୧୨(ସମିସ)

ସମବାୟ ସମିତି ମାଧ୍ୟମରେ ଜନସାଧାରଣଙ୍କ ଉନ୍ନତି ନିମନ୍ତେ ସରକାର ବହୁ ଯୋଜନା କରୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳର କୃଷକମାନେ ଘର ନିକଟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇବା ନିମନ୍ତେ ସମବାୟ ସମିତି ଆରମ୍ଭ କରାଯାଇଛି। ଚାଷୀ ଯେପରି ନିଜ ଅଞ୍ଚଳରେ କୃଷି ଉତ୍ପାଦିତ ଜିନିଷ ସମବାୟ ସମିତି ମାଧ୍ୟମରେ ବିକ୍ରି କରିପାରିବା ସହ ସମିତି ଦ୍ୱାରା ଅନେକ ସୁବିଧା ପାଇପାରିବ ତାହା ସମିତିର ମୂଳ ଲକ୍ଷ୍ୟ। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ଭକ୍ତପୁରଠାରେ ଦୀର୍ଘ ୪୪ ବର୍ଷ ତଳେ ସରକାରଙ୍କ ଦ୍ୱାରା ଉପଖଣ୍ଡରେ ଏକମାତ୍ର ତେଲପେଷା ସମବାୟ ସମିତି ଗଢ଼ିଉଠିଥିଲା। ଉକ୍ତ ସମିତିରେ ଆଖପାଖ ଅଞ୍ଚଳର ଚାଷୀମାନେ ଧାନ, ତେଲ ପେଷାଇବା ସହ ବିଭିନ୍ନ ପ୍ରକାର କାଠକାମ (ଆସବାବପତ୍ର ନିର୍ମାଣ) କରାଯାଉଥିଲା। ମାତ୍ର କିଛିବର୍ଷ ହେଲା ଉକ୍ତ ସମବାୟ ସମିତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସତେ ଯେପରି ସମବାୟ ସମିତି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସମବାୟ ସମିତି ଭିତରେ ଏବେ ଜଙ୍ଗଲର ଭ୍ରମ ସୃଷ୍ଟି ହୋଇଛି। ପୁନର୍ବାର ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପୁନର୍ବାର ଏହି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଯାଇଛି।



# ଜଙ୍ଗଲ ପାର୍ଶ୍ୱ ଧାନ ଜମିରେ ହରିଣଙ୍କ ଉପଦ୍ରବ



**● ରୋକି ପାରୁନି ଜଙ୍ଗଲ ସୀମା ପାଚେରି**
**● ହରିଣ ମୁହଁରେ ଯାଉଛି ଫସଲ**

**ଜଗତସିଂହପୁର,୧୩।୧୨(ସମିସ):** ଉପକୂଳବର୍ତ୍ତି ଜଗତସିଂହପୁର ଜିଲ୍ଲାରେ ଚାଷୀଙ୍କ ଧାନ ମୁଖ୍ୟ ଫସଲ ହୋଇଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ଫସଲହାନୀ ସହିତ ବନ୍ୟପ୍ରାଣୀ ମାନଙ୍କ ଦ୍ୱାରା ମଧ ଚାଷୀଙ୍କ ଫସଲ ନଷ୍ଟ ହେଉଥିବା ସୂଚନା ମିଳିଛି। ସଂରକ୍ଷିତ ଜଂଗଲ ନିକଟ ଶହ ଶହ ହେକ୍ଟର ଜମିରେ ଥିବା ଫସଲ ଉପରେ ବଣର ହରିଣଙ୍କ ଉପଦ୍ରବ ବଢୁଥିବା ନେଇ ବାରମ୍ବାର ଚାଷୀ ଅଭିଯୋଗ ଆଣୁଛନ୍ତି। ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଚାଷୀଙ୍କ ପାଚିଲା ଧାନ କ୍ଷେତରେ ବଣର ହରିଣ ଦାଉ ସାଧୁଛି । ଦଳଦଳ ହୋଇ ଏମାନେ ଅମଳ ଉପଯୋଗୀ ଧାନ କିଆରିରେ ପ୍ରବେଶ କରୁଛନ୍ତି। ଧାନଫସଲ ଖାଇ, ମାଡିଦଳି ଚକଟି ନଷ୍ଟ କରିବା ସହିତ ସେହି ଜମିରେ ଫସଲ ଉଜାଡି ଦେଉଛନ୍ତି। ଫଳରେ ଜମିରୁ ଧାନ ଅମଳ ପୂର୍ବରୁ ଶହ ଶହ ଏକର ଧାନ ଜମିରେ ଥିବା ଫସଲର ସୁରକ୍ଷାକୁ ନେଇ ଏବେ ଚାଷୀର ଚିନ୍ତା ବଢିଥିବା ଜଣାପଡିଛି। ବନବିଭାଗ ଜଙ୍ଗଲ ସୀମାରେ ତିଆରି କରିଥିବା ନୁଆଣିଆ ପ୍ରାଚୀରକୁ ଡେଇଁ ଏହି ହରିଣମାନେ ସ୍ଥାନୀୟ ଅଞ୍ଚଳରେ ପ୍ରବେଶ କରିବା ସହିତ ବିରି ଫସଲ ଖାଇଯାଉଥିବା ଲୋକମାନେ ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବନ ବିଭାଗର କର୍ମଚାରୀ ଫସଲ କ୍ଷତିର ଫଟୋ ଉତ୍ତୋଳନ କରି ନେଇଥିବା ସେମାନେ ପ୍ରକାଶ କରିଛନ୍ତି। ରଘୁନାଥପୁର ବ୍ଲକର ୨୭୯.୦୩ ଏକର ପରିମିତ ଜମିରେ ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ୧ହଜାରରୁ ଅଧିକ ସଂଖ୍ୟକ ହରିଣ ରହୁଥିବା ସୂଚନା ମିଳିଛି। ଜଙ୍ଗଲରେ ଖାଦ୍ୟର ଅଭାବ ଥିବାରୁ ଏହି ହରିଣମାନେ ପ୍ରତିଦିନ ଜଙ୍ଗଲରୁ ବାହାରି ଖାଦ୍ୟ ସଂଗ୍ରହ କରୁଥିବା ଜଣାପଡିଛି। ବିଶେଷକରି ଫସଲ ଅମଳ ସମୟରେ ଏମାନେ ବାରମ୍ବାର ଜନବସତି ମୁହାଁ ହେଉଥିବା କଥା ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ଚାଷଜମିରେ ଅମଳ ଉପଯୋଗୀ ପାଚିଲା ଧାନ ରହିଥିବାବେଳେ ଏହାକୁ ଖାଇବାକୁ ସେମାନେ ବିଲକୁ ଆସିବା ସହିତ ନିକଟସ୍ଥ ଗ୍ରାମରେ ମଧ ପ୍ରବେଶ କରୁଛନ୍ତି। ତେବେ ବହୁ ପରିଶ୍ରମ ଓ ଅର୍ଥ ଖର୍ଚ୍ଚକରି ଚାଷୀ ବିଲରେ ଫଳାଇଥିବା ପାଚିଲା ଧାନ ଫସଲ ଜଙ୍ଗଲି ହରିଣଙ୍କ ମୁହଁରେ ଯାଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବନବଭାଗ ନିକଟରେ ଅଭିଯୋଗ କରାଯିବା ପରେ ସେମାନେ ଫଟୋ ଉଠାଇ ନେଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ପ୍ରତିକାର କରିନଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ତେବେ ଏହି ସମୟରେ ଅଞ୍ଚଳର ଶହ ଶହ ଚାଷୀମାନେ ବିଲରେ ପଲିଥିନ୍‌ର କୁଡିଆ କରି ରାତି ଅନିଦ୍ରା ହୋଇ ହରିଣ ଜଗୁଥିବା ସୂଚନା ମିଳିଛି। ବିଶେଷ କରି ସେମାନେ ହରିଣ ପଲକୁ ଘଉଡ଼ାଇବାକୁ ଟିଣ ଓ ଘଣ୍ଟ ବାଡେଇବା ସହିତ ଫେକାଳି ଫୁଙ୍କୁଥିବା ସୂଚନା ମିଳିଛି। ଏହା ସତ୍ତ୍ୱେ ମଧ ଟିକିଏ ଘୁମେଇଁ ପଡିଥିବା ଚାଷୀର କ୍ଷେତରେ ଜଙ୍ଗଲି ହରିଣ ପ୍ରବେଶ କରି ଫସଲ ନଷ୍ଟ କରିଦେଉଥିବା ଅଭିଯୋଗ ହେଉଛି।

ଜଙ୍ଗଲ ନିକଟରେ ବିରିଚାଷ କରିଥିବା ଚାଷୀଙ୍କ ଫାସଲ ହରିଣ ଖାଇ ଉଜାଡି ଦେଉଥିବା ସେମାନେ ଆଭିଯୋଗ କରିଛନ୍ତି। ବିରି ବିଲ ଚାରିକଡରେ ଚାଷୀ ଲଗାଇଥିବା ଜାଲକୁ ଛିଡାଇ ହରିଣପଲ ଜମିରେ ପଶି ବିରି ଫସଲ ସଫା କରିଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଅନୁସାରେ ଜଙ୍ଗଲି ଜନ୍ତୁଙ୍କୁ ମାରିବା ଏକ ଅପରାଧ ହୋଇଥିବାରୁ ଲୋକଙ୍କ ଫସଲର ସୁରକ୍ଷା ବିପନ୍ନ ହୋଇଥିଲେ ମଧ ସେମାନେ ହରିଣର କ୍ଷତିକରିପାରୁ ନଥିବା ପ୍ରକାଶ କରିଛନ୍ତି। ଏପରିକି ବାରମ୍ବାର ଏ ସଂପର୍କରେ ଲୋକମାନେ ବନ ବିଭାଗ ରେଞ୍ଜ ଅଫିସରଙ୍କୁ ଜଣାଇଲେ ମଧ ଏହାର କୌଣସି ପ୍ରତିକାର ହେଉନଥିବା ସ୍ଥାନୀୟ ଅଞ୍ଚଳର ସୁବାସ ଦାସ, ଗୌତମ ମଣ୍ଡଳ ଓ ସୁଜିତ୍ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ସାଳିଜଙ୍ଗା ନିକଟରେ ଥିବା କିଆବୁଦା ବଣ ଗୋହିରରେ କିଛି ହରିଣ ରହିଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏହି ହରିଣମାନେ ଜଙ୍ଗଲକୁ ନ ଫେରି ସେଠାରେ ରହିବା ସହିତ ଫସଲ ଖାଇ ବଞ୍ଚୁଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୀମାରେ ସୁଉଚ୍ଚ ପ୍ରାଚୀର, ତାରବାଡ଼ କିମ୍ବା ସୌର ତାରବାଡ଼ ନଥିବାରୁ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ଏହି ହରିଣ ବହୁ ସମୟରେ ବିପଦର ସମ୍ମୁଖୀନ ହେଉଛନ୍ତି। କିଛି ହରିଣ ଟ୍ରେନରେ କଟି ମୃତ୍ୟୁ ବରଣ କରୁଥିବାବେଳେ କିଛି କୁକୁର କାମୁଡ଼ାରେ ଆହତ ଓ ପ୍ରାଣ ହରାଉଛନ୍ତି। ପ୍ରତିବର୍ଷ ପ୍ରାୟ ୧୫ରୁ ୨୫ଟି ହରିଣ ଟ୍ରେନ କିମ୍ବା କୁକୁର କାମୁଡ଼ାରେ ପ୍ରାଣ ହରାଉଥିବା ପରିବେଶବିତ୍ ମାନେ ପ୍ରକାଶ କରିଛନ୍ତି। ସଂରକ୍ଷିତ ଜଙ୍ଗଲର ଚାରିପାଖରେ ଥିବା ଏରଣ୍ଡପାଳ, କଳାଧାରୀ, ସାଳିଜଙ୍ଗା , ରାମଚନ୍ଦ୍ରପୁର , ଏରଡଙ୍ଗା, ତଅଁରା, ଚିକଣିଆ. ରେଡୁଆ , ନାଳିବର, ଗନାଇଲୋ, ପୁରୁଣା ବସନ୍ତ , ରାଢଙ୍ଗ, ତାରପୁର, ଗୋପାଳପୁର, ଗହ୍ମାପୁର ଓ ଛପଡା ପ୍ରଭୃତି ଗ୍ରାମର ଶହ ଶହ ଗରିବ ଓ ମଧବିତ୍ତ ଚାଷୀ ଓ ଭାଗଚାଷୀଙ୍କ ଫସଲ ଏହି ହରଣମାନେ ନଷ୍ଟ କରୁଛନ୍ତି। ସେହିପରି ବିଭିନ୍ନ ଋତୁକାଳୀନ ଫସଲ ମୁଗ, ବିରି , କୋଳଥ ଓ ବାଡ଼ିର ପନିପରିବା ଫସଲକୁ ମଧ ଖାଇ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ତେବେ ହରିଣଙ୍କ ଜୀବନର ସୁରକ୍ଷା ଓ ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ଜଙ୍ଗଲ ସୀମାରେ କମ ଉଚ୍ଚତା ଥିବା ପ୍ରାଚୀର କଡ଼ରେ ତୁରନ୍ତ ତରବାଡ଼ ନିର୍ମାଣ କରିବାକୁ ପରିବେଶବିତ୍ ବାବାଜୀ ଚରଣ ଜେନା, ପାର୍ଥସଖା ପାଲଟା ସିଂହ, ଯଦୁନାଥ ଜେନା,ଦିଲ୍ଲୀପ କୁମାର ରଥ ପ୍ରମୁଖ ଦାବି କରିଛନ୍ତି। ତେବେ ଜଙ୍ଗଲି ଜନ୍ତୁଙ୍କ ଦ୍ୱାରା ଫସଲ କ୍ଷତି ଘଟିଲେ ଉପଯୁକ୍ତ କ୍ଷତିପୁରଣ ଦେବା ପାଇଁ ନିୟମ ରହିଥିଲେ ମଧ ବନବିଭାଗ ପକ୍ଷରୁ ଚାଷୀଙ୍କୁ କ୍ଷତି ତୁଳନାରେ ଖୁବ କମ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରାଯାଉ ଥିବା କଥା ମନୋଜ ଓଝା , ବାବୁ ମଲ୍ଲିକ ଓ ରବିନ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସହାୟତା ନମିଳିବା ବିଷୟକୁ ବନ ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇଛି। ଫସଲ କ୍ଷତି ହୋଇଥିବା ଚାଷୀଙ୍କୁ ୧ଏକର ଫସଲ କ୍ଷତି ପାଇଁ ୧୦ହଜାର ଟଙ୍କା ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ରହିଥିବା ବନ ବିଭଗ ପକ୍ଷରୁ ସୂଚନା ମିଳିଛି। ଫସଲ କ୍ଷତିକୁ ଦର୍ଶାଇ ଚାଷୀ ଆବେଦନ କରିବା ପରେ ଏସମ୍ପର୍କରେ ଅନୁଧାନ କରାଯାଇ ସରକାରୀ ଖାତାରୁ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ତେନ୍ତୁଳିପଦାରେ ଗୀତା ଜୟନ୍ତୀ



**ତିର୍ତ୍ତୋଲ,୧୩।୧୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦାସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିର ପରିସରରେ ଆଦିକବି ସାରଳାଦାସ ବିକାଶ ପରିଷଦ ଓ ସାରଳା ଦାସ ପ୍ରତିମୂର୍ତ୍ତିର୍ ନିର୍ମାଣ କମିଟିର ମିଳିତ ଆନୁକୁଲ୍ୟରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଆଖଣ୍ଡଳେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସାରଳା ସାହିତ୍ୟ ଗବେଷକ ଚୌ.ରାଧାମୋହନ ପରିଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ସାମ୍ବାଦିକ ଶ୍ରୀକାନ୍ତ ଦାଶ, ସମାଜସେବୀ ସୁବ୍ରତ ଦାଶ ଯୋଗଦେଇ ଶ୍ରୀମଦ୍ ଭବଗତ ଗୀତା ଉପରେ ଆଲୋକପାତ କରି ମାନବ ଧର୍ମର ପଥ ପ୍ରଦର୍ଶକ ଶ୍ରୀମଦ ଭଗବତ ଗୀତା ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିମୂର୍ତ୍ତି ନିର୍ମାଣ କମିଟିର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ଇଂ ସୁବାସ ଚନ୍ଦ୍ର ସାହୁ ଆଭାସୀ ମାଧମରେ ଯୋଗଦେଇ ଶ୍ରୀମଦ୍ ଭଗବତ ଗୀତା ପଠନ ଉପରେ ଗୁରୁତ୍ୱରୋପ କରିବା ସହ ଆଦିକବି ସାରଳା ଦାସ ବିକାଶ ପରିଷଦ ଓ ସାରଳା ଦାସ ପ୍ରତିମୂର୍ତ୍ତୀ ନିର୍ମାଣ କମିଟି ଆନୁକୁଲ୍ୟରେ ସାରଳା ସାହିତ୍ୟ ପ୍ରଚାର ଓ ସାତଳାଦାସଙ୍କ ପ୍ରତିମୂର୍ତ୍ତି ଜଗତସିଂହପୁର ଜିଲ୍ଲାର ସଦର ମହକୁମା, କନକପୁର ସାରଳା ମନ୍ଦିର ସମେତ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ପ୍ରତିମୂର୍ତ୍ତି ନିର୍ମାଣ କମିଟିର ଆବାହକ ଅକ୍ଷୟ ମହାନ୍ତି, ଦେବବ୍ରତ ବାରିକ, ସୁଶାନ୍ତ ପରିଜା, ସୁରେନ୍ଦ୍ର ସାହୁ, ପ୍ରଫୁଲ୍ଲ ଭୋଇ, ନୃସିଂହ ପଣ୍ଡା, ପୂଜକ ପ୍ରଶାନ୍ତ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଝଙ୍କଡ଼ ସାହିତ୍ୟ ସଂସଦର କବି ପ୍ରଭାତ କୁମାର ପରିଜା ଓ ଅନିଲ କୁମାର ମହାନ୍ତି , ସାହିତ୍ୟକ ସ୍ୱର୍ଗତ ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜାଙ୍କ ରଚିତ 'ପାର୍ଥ ପରମାର୍ଥ' ଗୀତିକାବ୍ୟର ଦୁଇ ଅଧ୍ୟାୟ ଆବୃତ୍ତି କରିଥିଲେ। ସୁଶାନ୍ତ ପରିଜା ଧନ୍ୟବାଦ ଦେଇଥିଲେ।

## ନିଧିରାମଙ୍କ ବିୟୋଗରେ କୁଜଙ୍ଗ ପ୍ରେସ୍ କ୍ଲବର ଶୋକ



**କୁଜଙ୍ଗ,୧୩।୧୨(ସମିସ):** ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣାଙ୍କ ପାଇଁ କୁଜଙ୍ଗ ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ନ୍ୟାସନାଲ ସ୍କୁଲ ପରିସରରେ କ୍ଲବ ସଭାପତି ଡକ୍ଟର ରଘୁନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ, ପ୍ରେସ କ୍ଲବ ସମ୍ପାଦକ ଦୁଷ୍ମନ୍ତ ମାଝୀ, ଗିରିଜା ପ୍ରସାଦ ମହାନ୍ତି ଓ ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାରଣାଙ୍କ ଦୀର୍ଘ ପଚାଶ ବର୍ଷ ଧରିନିର୍ଭିକ ସାମ୍ବାଦିକତା ସମ୍ପର୍କରେ ଆଲୋଚନା କରିଥିଲେ। ଉପସ୍ଥିତ ସାମ୍ବାଦିକମାନେ ସ୍ୱର୍ଗତ ମହାରଣା କୁଜଙ୍ଗ ତାଳଦଣ୍ଡାରେ ଜନ୍ମହୋଇ ରାଜ୍ୟସ୍ତରରେ ସାମ୍ବାଦିକତା କ୍ଷେତ୍ରର ଅନେକଙ୍କ ପାଇଁ ପ୍ରେରଣା ସାଜି ପାରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଂଜିତ କୁମାର ପଣ୍ଡା, ଯଜ୍ଞେଶ୍ୱର ଦଳାଇ ,ବରଦା ପ୍ରସନ୍ନ ବିଶ୍ୱାଳ, ଗୌରାଙ୍ଗ ସ୍ୱାଇଁ, ସୁଦର୍ଶନ ମଲ୍ଲ ଓ ସୂର୍ଯ୍ୟକାନ୍ତ ମଳିକ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

## କଇଁଛ ଅପସାରଣ ଯନ୍ତ୍ରର ଟ୍ରାଏଲ୍ କାର୍ଯ୍ୟକ୍ରମ

**ପାରାଦୀପ, ୧୩।୧୨(ସମିସ) :** ସମୁଦ୍ରରେ ମାଛ ଧରିବା ବେଳେ ଜାଲରେ କଇଁଛ ଅପସାରଣ ଯନ୍ତ୍ର (ଟେଡ୍)କୁ ବ୍ୟବହାର କରିବାକୁ ଏମପିଇଡିଏ ସଚେତନ କରାଉଛି। ଏହାର ପ୍ରମୁଖ କାରଣ ହେଲା ଜାଲରେ ଯେପରି କଇଁଛ ଧରା ନ ଦିଏ। ଯଦି ଧରା ଦିଏ ତେବେ 'ଟେଡ୍' ବ୍ୟବହାର ଦ୍ୱାରା ସେ ସହଜରେ ଜାଲରୁ ବାହାରି ଯାଇପାରେ, ଜାଲରୁ ସାମୁଦ୍ରିକ କଇଁଛ ମାନଙ୍କୁ ଅପସାରଣ କରିଥାଏ। ଯେହେତୁ କଇଁଛ ସମୁଦ୍ର ମଧ୍ୟରେ ଏକ ସଂରକ୍ଷିତ ପ୍ରଜାତି, ତେଣୁ ସେମାନଙ୍କ ସୁରକ୍ଷା ମତ୍ସ୍ୟଜୀବୀଙ୍କ ଦାୟିତ୍ୱ। ଏ ନେଇ ଆଜି ସମୁଦ୍ରରେ ଦୁଇଟି ବୋଟ ସାହାଯ୍ୟରେ ଏହାର ପରୀକ୍ଷଣ କରାଯାଇଥିଲା। ଗୋଟିଏ ବୋଟରେ ଏହି କଇଁଛ ଅପସାରଣ ଯନ୍ତ୍ର ବ୍ୟବହାର କରାଯାଇଥିଲା ବେଳେ କେତେ ପରିମାଣର ମାଛ ରହୁଛନ୍ତି ଓ କଇଁଛ ତା ମଧ୍ୟରେ ରହୁଛନ୍ତି କି ନାହିଁ ତାହା ପରୀକ୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁରଲିଧର ଜେନା ଜେଡି କୋଷ୍ଟାଲ ଏମପିଡିଏ, ଶୁଭ୍ରକାନ୍ତ ମହାପାତ୍ର ଓ ୨ ଜଣ ବୈଜ୍ଞାନିକ, ଜାଲ ମିସ୍ତ୍ରୀ ସିନୁ, ରଞ୍ଜନ ଓ ବଳରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀନିବାସରୁ ନିଖୋଜ ନାବାଳିକାଙ୍କ ପତ୍ତା ମିଳୁନି
# ହାତବାନ୍ଧି ବସିଛି ପୁଲିସ

**ଜଗତସିଂହପୁର, ୧୩।୧୨(ସମିସ) :** ଜିଲ୍ଲାର ପାରାଦୀପ ଲକପଡ଼ାର ଜନୈକ ୧୫ ବର୍ଷିଆ ନାବାଳିକା ଛାତ୍ରୀ କଟକ ବିଡାନାଶି ଥାନା ଅଧୀନ ଏକ ଘରୋଇ ବିଦ୍ୟାଳୟ ଛାତ୍ରୀନିବାସରୁ ରାତି ୧୦ଟାରେ ନିଖୋଜ ହୋଇଯାଇଥିଲେ। ଏସମ୍ପର୍କରେ ପୃଥକ ପୃଥକ ଭବେ ଉକ୍ତ ଘରୋଇ ସ୍କୁଲ ଏବଂ ଛାତ୍ରୀଙ୍କ ପରିବାର ପକ୍ଷରୁ ସ୍ଥାନୀୟ ବିଡାନାସି ଥାନାରେ ଅଭିଯୋଗ ହୋଇଥିଲା। ତେବେ ଘଟଣାକୁ ଦୁଇ ସପ୍ତାହ ପୁରିଥିଲେ ମଧ କେବଳ ଏକ ମିସ୍‌କେସ ରୁଜୁ କରି ପୁଲିସ ହାତବାନ୍ଧି ବାସିଥିବା ଅପହୃତାଙ୍କ ମା 'ଓ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପାରାଦୀପ ଅଠରବାଙ୍କି ସ୍ଥିତ ଲକପଡାର ଲକ୍ଷ୍ମୀପ୍ରିୟା ନନ୍ଦୀ ଓ ମନୋଜ ନନ୍ଦିଙ୍କ ଝିଅ ମୁମୁନ ନନ୍ଦୀ (୧୫) କଟକ ସ୍ଥିତ ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମରେ ଗତ ଦୁଇବର୍ଷହେବ ପଢ଼ିବା ସହିତ ସେହି ସ୍କୁଲ ହଷ୍ଟେଲରେ ରହୁଥିଲେ। ଚଳିତ ମାସ ୧ ତାରିଖରେ ସ୍କୁଲ ହଷ୍ଟେଲ ମଧ୍ୟରୁ ରାତି ୧୦ଟାରେ ଛାତ୍ରୀ ଜଣକ ହଠାତ୍ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଦେବୀ ସ୍କୁଲର ଅନ୍ୟ କର୍ମଚାରୀଙ୍କ ସହିତ ଛାତ୍ରୀଙ୍କୁ ରାତିରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଖୋଜିବା ସହିତ ନ ପାଇବାରୁ ବିଡ଼ାନାସୀ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଖବରପାଇ ଛାତ୍ରୀଙ୍କ ମା 'ବିଡାନାସୀ ଥାନାରେ ପୃଥକ ଭାବରେ ଏକ ଏତଲା ଦେଇଥିଲେ। ତାଙ୍କ ଝିଅକୁ ଜନୈକ ଗାଡ଼ିଚାଳକ ଅରବିନ୍ଦ ଲେଙ୍କା ଅପହରଣ କରିଥିବା ସମ୍ପର୍କରେ ଲକ୍ଷ୍ମୀପ୍ରିୟା ନନ୍ଦୀ ନିଜ ଏତଲାରେ ଉଲ୍ଲେଖ କରିଥିଲେ। ତେବେ ଘଟଣାକୁ ଦୁଇସପ୍ତାହ ପୁରିଥିଲେ ମଧ ପୁଲିସ ପକ୍ଷରୁ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବା ଛାତ୍ରୀଙ୍କ ମା' ଅଭିଯୋଗ କରିଛନ୍ତି। ତୁମ ଝିଅ କାହିଁକି ପଳାଇଲା , ଆମେ କଣ କରିପାରିବୁ , ତଦନ୍ତ ଚାଲିଛି ଇତ୍ୟାଦି କହି ତଦନ୍ତ ଅଧିକାରୀ ତାଙ୍କୁ ମାନସିକ ଭାବରେ ହତାଶ କରିଥିବା ନାବାଳିକା ଛାତ୍ରୀଙ୍କ ମା'ଅଭିଯୋଗ କରିଛନ୍ତି। ଏପରିକି ଅପହରଣକାରୀ ଓ ଏଥିରେ ସଂପୃକ୍ତ ତାଙ୍କ ସମ୍ପର୍କୀୟଙ୍କ ଫୋନ ନମ୍ବର ପୁଲିସକୁ ଦେଇଥିଲେ ମଧ ପୁଲିସ ନାବାଳିକାଙ୍କ ଉଦ୍ଧାର ପାଇଁ କୌଣସି ସହଯୋଗ କରୁନଥିବା ସେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବିଡାନାଶି ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଓ ଉଦ୍ଧାର ପାଇଁ ପଦକ୍ଷେପ ନେଉଛୁ ବୋଲି ପ୍ରକାଶ କରିଛନ୍ତି।

## 'ସୁଗୁଣ ଓ ସୁକର୍ମ ହିଁ ମଣିଷକୁ କାଳଜୟୀ କରିଥାଏ'

**ଜଗତସିଂହପୁର,୧୩।୧୨(ସମିସ):** ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଗଙ୍ଗାଧର ଦାଶଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ପ୍ରଫୁଲ ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି ରବିନ୍ଦ୍ରନାଥ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଯୋଗଦେଇ ସ୍ୱଦେଶ ପଟ୍ଟନାୟକ, ସାରସ୍ୱତ ପରିଷଦର ଅଧକ୍ଷ୍ୟ ହିମାଂଶୁ ଆଚାର୍ଯ୍ୟ, ନବକାକଳିର ସମ୍ପାଦକ ସୁରେନ୍ଦ୍ରନାଥ ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ଗଙ୍ଗାଧର ଅନେକ ସୁଗୁଣ ଓ ସୁକର୍ମର ଅଧିକାରୀ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଆୟକର ବିଭାଗ କମିଶନର ପ୍ରସନ୍ନ ଦାଶ, ଅଧାପକ ଲକ୍ଷ୍ମୀଧର ପ୍ରଧାନ, ସତ୍ୟବାଦୀ ଦାଶ, ନୀଳକଣ୍ଠ ମିଶ୍ର, ସତ୍ୟବାଦୀ ସାହୁ, ବଂଶୀଧର ବେହେରା, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଚନ୍ଦ୍ରଶେଖର ରାୟ, ରମେଶ ସାହୁ, ଶିକ୍ଷ୍ୟୟିତ୍ରୀ ସୌଦାମିନୀ ରାୟ, ଶେଷଦେବ ଛୋଟରାୟ, ସରୋଜକାନ୍ତ ସାହୁ, ସଞ୍ଜୟ କୁମାର ସାମନ୍ତସିଂହାର ପ୍ରମୁଖ ସ୍ମୃତିଚାରଣ କରି ସ୍ୱର୍ଗତ ଗଙ୍ଗାଧର ସାର ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ଦେଇଥିଲେ। ସ୍ମୃତିସଭା ପରେ ଚିନ୍ମୟ ମିଶନ ଓଡ଼ିଶା ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଜୀବ, ଆତ୍ମା ଓ ପରମାତ୍ମାଙ୍କ ସମ୍ପର୍କରେ କହିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ରେ ରାୟ ଧନ୍ୟବାଦ ଦେଇଥିଲେ।

## ପାରାଦୀପ ଅବକାରୀ ଥାନା ଓଆଇସି ନିଲମ୍ବିତ

ପାରାଦୀପ, ୧୩।୧୨(ସମିସ) : ପାରାଦୀପ ଅବକାରୀ ଥାନା ଓଆଇସି ଜ୍ୟୋତି ରଞ୍ଜନ ସେନାପତିଙ୍କୁ ଅବକାରୀ କମିସନର ନିଲମ୍ବିତ କରିଛନ୍ତି। ଦୁର୍ବ୍ୟବହାର ଏବଂ ସରକାରୀ କାର୍ଯ୍ୟରେ ଅବହେଳା ଯୋଗୁଁ ତାଙ୍କୁ ନିଲମ୍ବିତ କରାଯାଇଥିବା କମିସନର ନିଲମ୍ବିତ ଆଦେଶରେ ଦର୍ଶାଇଛନ୍ତି। ପରବର୍ତ୍ତୀ କୌଣସି ଆଦେଶ ନ ମିଳିବା ପର୍ଯ୍ୟନ୍ତ ସେ କଟକ ସ୍ଥିତ ଅବକାରୀ ଥାନା ମୁଖ୍ୟାଳୟରେ ଉପସ୍ଥିତ ରହିବେ। ବିନା ସରକାରୀ ଅନୁମତିରେ ମୁଖ୍ୟାଳୟ ଛାଡ଼ି ଯାଇ ପାରିବେ ନାହିଁ। କମିସନରଙ୍କର ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲ୍ଲା ଅବକାରୀ ଏସ୍‌ପିଙ୍କ ନିକଟକୁ ପଠାଇ ଦିଆଯାଇଛି।

## ଆଳି ବ୍ଲକ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ

**ଆଳି,୧୩।୧୨(ସମିସ):** ଓଷ୍ଟା ପକ୍ଷରୁ ୪୧ତମ ଶିଶୁ ଉତ୍ସବ ଶାଳିଅଞ୍ଚ କଣ୍ଟେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଓଷ୍ଟାର ସଭାପତି ସୁଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ ଉଦ୍‌ଘାଟକ, ଜିଲ୍ଲା ସଂଘ ସମ୍ପାଦକ ଭଗବାନ ସାହୁ ମୁଖ୍ୟ ଅତିଥି, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ନିର୍ମଳ ନାୟକ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାପାତ୍ର, ସରପଞ୍ଚ ଅଶୋକ କୁମାର ମଲ୍ଲିକ, ପ୍ରଧାନଶିକ୍ଷକ ପ୍ରଶାନ୍ତ ନାୟକ, ପ୍ରଭଞ୍ଜନ ଷଡ଼ଙ୍ଗୀ,ସୁରେଶ୍ୱର ପରିଡ଼ା, ବାବାଜୀ ସ୍ୱାଇଁ, ବିଚିତ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ସଂଘର ପ୍ରାକ୍ତନ ସମ୍ପାଦକ ପ୍ରିୟରଞ୍ଜନ ଦାଶ ମୁଖ୍ୟଅତିଥି, କବି ପ୍ରମୋଦ ମଲ୍ଲିକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ସଭାପତି ବିଜୟ କୁମାର ଦାସ, ଜିଲ୍ଲା ଉପ ସଭାପତି ସଞ୍ଜୟ କୁମାର ସାମଲ, ରାଜକନିକା ବ୍ଲକ୍ ସମ୍ପାଦକ ଅରବିନ୍ଦ ନାୟକ, ପ୍ରାକ୍ତନ ବ୍ଲକ୍ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ, ଗଙ୍ଗାଧର ଦାସ, ପ୍ରାକ୍ତନ ସଭାପତି ଶରତ କୁମାର ପାଣି, ଜିଲ୍ଲା ଉପସଭାନେତ୍ରୀ ରୀନା ରାଉତ, ଅଲେଖ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ବ୍ଲକ୍ ସଂପାଦକ ଦେବରାଜ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ସଂଘର ଯୁଗ୍ମ ସମ୍ପାଦକ ଶିବପ୍ରସାଦ ସାହୁ ଅତିଥି ପରିଚୟ, ଉପସଭାନେତ୍ରୀ ରଶ୍ମିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ପକ୍ଷରୁ ସୁଶାନ୍ତ କୁମାର ନାୟକ, ଅମୂଲ୍ୟ ରାଉତ, ଅମୀୟ କର, ହେମନ୍ତ ଦାସ, ପୁରୁଷୋତ୍ତମ ଦାସ, ବିନୋଦ ଦେ, ନିରଞ୍ଜନ ମିଶ୍ର, ଦିପ୍ତି ରାଉତଙ୍କ ସମେତ କଣ୍ଟେଶ୍ୱରୀ ହାଇସ୍କୁଲ ଓ ଶାଳିଅଞ୍ଚ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ
# 'ଗାଡ଼ି ଚାଳନା ବେଳେ ମୋବାଇଲ୍ ବ୍ୟବହାର, ମଦ୍ୟପାନ ଦୁର୍ଘଟଣାର କାରଣ'



**● ଅତ୍ୟଧିକ କୁହୁଡ଼ି ସମୟରେ ଗାଡ଼ି ଚାଳକଙ୍କୁ ମିଳିବ ମାଗଣା ଚା'**
**● ନିଶାସକ୍ତ ଅବସ୍ଥାରେ ବୁଲୁଥିବା ଯୁବଗୋଷ୍ଠୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ**

**ଜଗତସିଂହପୁର, ୧୩।୧୨(ସମିସ)**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଜେ.ସୋନାଲ ଅଧକ୍ଷତା କରିଥିଲେ। ଏଥିରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ, ନିରଞ୍ଜନ ବେହେରା ଓ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗଦେଇ ଜିଲ୍ଲାରେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗାଡ଼ି ଚଲାଇବା ସମୟରେ ମୋବାଇଲରେ କଥା ହେବା ଓ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍, ନାବାଳକ ମାନଙ୍କ ଗାଡି ଚାଳନା ଇତ୍ୟାଦି ସମ୍ପ୍ରତି ଦୁର୍ଘଟଣାର ପ୍ରମୁଖ କାରଣ। ତେଣୁ ଉଭୟ ପୁଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲାକ ସ୍ପଟ୍ ଚିହ୍ନଟ ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଭୂତମୁଣ୍ଡାଇରୁ ଅଠରବାଙ୍କି ରାସ୍ତାରେ ଲୁହା ପଥର ବୋଝାଇ ଟ୍ରକ୍ ଲାଇନ୍ ହୋଇ ରହିବା ପ୍ରମୁଖ ଦୁର୍ଘଟଣାର କାରଣ ପାଲଟି ଥିବାରୁ ଏଥିପ୍ରତି ସଜାଗ ରହିବା ପାଇଁ କୁହାଯାଇ ଥିଲା। ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷର ପେଣ୍ଟିଂ କରିବା, ନୋ ପାର୍କିଂ ଜୋନରେ ସାଇନବୋର୍ଡ ଲଗାଇବା, କଟକ-ପାରାଦୀପ ରାସ୍ତାରେ ରେଲ୍ ଟେଲ ଦ୍ୱାରା ସିସିଟିଭି ଲଗାଇବା, ରୋଡ୍ ସାଇନେଜ୍‌ର ଥାର୍ଡ ପାର୍ଟି ଅଡିଟ, ଟ୍ରାଫିକ୍ ମ୍ୟାନେଜମେଣ୍ଟ, ହାଇ ୱେରେ ଡ୍ରାଇଭର ମାନଙ୍କୁ ଅତ୍ୟଧିକ କୁହୁଡି ସମୟରେ ଭୋର୍ ୩ଟା ରୁ ୬ଟା ପର୍ଯ୍ୟନ୍ତ ମାଗଣା ଚା' ଯୋଗାଇବା, ନାଇଟ୍ ପାଟ୍ରୋଲିଂ,ମଦ୍ୟପାନ କରି ସହରରେ ନିଶାଶକ୍ତ ଅବସ୍ଥାରେ ବୁଲୁଥିବା ଯୁବଗୋଷ୍ଠୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବା, ଲାଇସେନ୍ସ ପ୍ରଦାନ ସମୟରେ କଠୋର ନିୟମ ଲାଗୁ, ଜଗତ୍‌ସିଂହପୁର ପୌରାଞ୍ଚଳର ମୁଖ୍ୟ କେନାଲ ଉପରେ ପାର୍କିଂ , ବୁଲାପ୍ରାଣୀ ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଗୁଡ୍ ସମାରିଟାନ ଭାବେ ଜୟ ପ୍ରସାଦ ନାୟକ, ଗୋପିନାଥ ମହାନ୍ତି, ସୁମିତ କୁମାର ସ୍ୱାଇଁ, ଦିପାଂଶୁ ପାତ୍ର, ସତ୍ୟପ୍ରକାଶ ବେହେରା, ଏସ୍.କେ ରିୟାଜୁଦ୍ଦିନ, ପନର୍ଗ ନାରାୟଣ ବେହେରା, ଦେବୀଦତ୍ତ ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସଞ୍ଜୟ କୁମାର ସାହୁ, ପଙ୍କଜ କୁମାର ତରାଇଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ଜିଲ୍ଲାରେ ଏଯାବତ୍ ୬୬ ଜଣ ବ୍ୟକ୍ତିଙ୍କୁ ଗଡ୍ ସମାରିଟାନ୍ ଭାବେ ସମ୍ମାନିତ କରାଯାଇଛି। ଜିଲ୍ଲାରେ ୪୦ ଜଣଙ୍କୁ ରକ୍ଷକ ପ୍ରୋଗ୍ରାମରେ ଟ୍ରେନିଂ ପାଇଁ ପୁରସ୍କୃତ କରାଯାଇଛି। ଆହୁରି ମଧ ଆଇଆରଏଡି ବା ଇଣ୍ଟିଗ୍ରେଟେଡ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହିତ ଜିଲ୍ଲାରେ ଦୁର୍ଘଟଣା ପ୍ରବଣ ସ୍ଥାନରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଗେଟ୍ ଗୁଡିକୁ ଚିହ୍ନଟ କରି ରି ଲୋକେସନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କମିଟିର ବୈଠକ ଅନୁଷ୍ଠିତ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ହିଟ ଆଣ୍ଡ ରନ୍ ଦୁର୍ଘଟଣାର କ୍ଷତିପୂରଣ ବାବଦରେ ଜିଲ୍ଲା ସ୍ତରୀୟ କମିଟି ପକ୍ଷରୁ ଉପଜିଲ୍ଲାପାଳ ନିଜର ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନ୍‌ଏଚ୍‌ଆଇର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବସ୍ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ



**ପାରାଦୀପ, ୧୩।୧୨ (ସମିସ) :** ଆଜି ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଦ୍ୱିତୀୟ ସଂଧ୍ୟାରେ ଭରପୁର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାଦୀପ ଜୟଦେବ ସଦନ ଠାରେ ଆୟୋଜିତ ୨୪ ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ କୋଚିନ, ଜବାହାରଲାଲ ନେହେରୁ, ଚେନ୍ନାଇ ବନ୍ଦରର କଳାକାରମାନେ ନିଜ ନିଜ ଭାଷାରେ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ନିଜ ରାଜ୍ୟର ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ପ୍ରତିଯୋଗିତା ଆଧାରରେ ଆୟୋଜିତ ଏହି ସମାରୋହରେ ସବୁ ବନ୍ଦରର କଳାକାରମାନେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରୁଛନ୍ତି। ସମାରୋହରେ ବିଭିନ୍ନ ବନ୍ଦରରୁ ଆସିଥିବା କଳାକାର ମାନଙ୍କର ପ୍ରସ୍ତୁତି ସତେ ଯେପରି ସାରା ଭାରତ ବର୍ଷକୁ ପାରାଦୀପରେ ଏକାଠି କରିବାରେ ସଫଳ ହୋଇଛି। ଭାଷାଗତ ବିଭିନ୍ନତା ଥାଇ ମଧ କାର୍ଯ୍ୟକ୍ରମରେ ଭରପୁର ଦର୍ଶକ ଆନନ୍ଦ ନେଉଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ସତ୍‌ମାର୍ଗରେ ଚାଲନ୍ତୁ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହି ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପ୍ରତୀକ୍ଷାର ଅନ୍ତ ଘଟିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଘରକୁ ଅତିଥିଙ୍କ ଆଗମନ ହେବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ପରିବାରରେ ସମୟ ବିତାଇବେ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବା ଭଲ।

**ଧନୁ:** ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।


**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ଜମି ବିବାଦର ଅନ୍ତ ଘଟିବ। ଆୟ ବ୍ୟୟ ସମାନ ରହିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିପାରନ୍ତି। ଧାର୍ମିକ କାର୍ଯ୍ୟପ୍ରତି ମନ ବଳିବ।

## ଆଜିର ଇତିହାସ

- ୧୭୯୯- ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍‌ଙ୍କ ପରଲୋକ।
- ୧୯୨୪- ଅଭିନେତା ରାଜ୍ କପୁରଙ୍କ ଜନ୍ମ।
- ୧୯୭୨- ଆମେରିକା ଦ୍ୱାରା ପଠାଯାଇଥିବା ମାନବଯୁକ୍ତ ମହାକାଶଯାନ ଆପୋଲୋ ୧୭ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୩- ଇରାକ୍‌ର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଗିରଫ କରାଗଲା।

# ପଣ୍ଡିତ ନୀଳମଣି ବିଦ୍ୟାରତ୍ନ



ଆଜି ଆସିଥିଲେ...

ଓଡ଼ିଆ ଜାତୀୟତା, ଓଡ଼ିଆ ସ୍ୱାଭିମାନ ଏବଂ ଓଡ଼ିଆ ଭାଷା ଆନ୍ଦୋଳନର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ କର୍ଣ୍ଣଧାର ଥିଲେ। ସମ୍ବାଦପତ୍ର ସମ୍ପାଦନା, ଭାଷା ଆନ୍ଦୋଳନ, ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ବିଦ୍ୟାରତ୍ନଙ୍କ ଯୋଗଦାନ ଅତୁଳନୀୟ। ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାରେ ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା 'ସମ୍ବଲପୁର ହିତୈଷିଣୀ', 'ପ୍ରଜାବନ୍ଧୁ' ଓ 'ଉତ୍କଳ ଦୀପିକା' ଆଦି ଉଚ୍ଚମାନର ସାହିତ୍ୟ ପତ୍ରିକା ମାଧ୍ୟମରେ ସେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରିଥିଲେ। ନିଜର ଅଗାଧ ପାଣ୍ଡିତ୍ୟ ବଳରେ ସେକାଳର ବହୁ ରାଜା ମହାରାଜାମାନଙ୍କୁ ପରାମର୍ଶ ପୂର୍ବକ ଓଡ଼ିଆ ଭାଷାଭାଷୀମାନଙ୍କୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ଥିଲେ ଆଜୀବନ ଚେଷ୍ଟିତ। ବାଙ୍କୀ ଉପଖଣ୍ଡ ଅଧୀନ ବୈଦେଶ୍ୱର ବ୍ରଜବିହାରୀପୁର ଶାସନରେ ୧୮୬୭ ମସିହା ଆଜିର ଦିନରେ ସୌରୀଚରଣ ଓ ରୋହିଣୀ ଦେବୀଙ୍କ କୁଳ ମଣ୍ଡନ କରିଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ (ମିଶ୍ର)। ମାତ୍ର ୧୬ ବର୍ଷ ବୟସରେ ବଡ଼ମ୍ବାର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରୁ ସେ ଶିକ୍ଷକତା ଆରମ୍ଭ କରିଥିଲେ। ଏହି ସମୟରେ ତାଙ୍କ କବି ପ୍ରତିଭାର ପରିପ୍ରକାଶ ହୋଇଥିଲା। ନୀଳମଣିଙ୍କ ପ୍ରତିଭାରେ ପ୍ରଭାବିତ ହୋଇ ୧୮୮୫ ମସିହାରେ ବଡ଼ମ୍ବା ରାଜା ଦାଶରଥି ମଙ୍ଗରାଜ ବୀରବର ମହାପାତ୍ରଙ୍କ ପକ୍ଷରୁ ରାଣୀସାହେବା କୁସୁମବତୀ ତାଙ୍କୁ ବିଦ୍ୟାରତ୍ନ ଉପାଧିରେ ଭୂଷିତ କରିଥିଲେ। ପରେ ବାମଣ୍ଡା ରାଜା ସୁଢ଼ଳଦେବଙ୍କ ନିମନ୍ତ୍ରଣକ୍ରମେ ସେ ଶିକ୍ଷକତା ସହ ସାପ୍ତାହିକ ପତ୍ରିକା 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦନା ଦାୟିତ୍ୱ ନେଇ ଓଡ଼ିଆ ଭାଷାର ପୁନରୁଦ୍ଧାର ପାଇଁ ଚେଷ୍ଟା ଚଳାଇଥିଲେ। ଏଥିସହ ଶିକ୍ଷା ସଂସ୍କାର, କୁସଂସ୍କାର ବିରୋଧୀ ପ୍ରବନ୍ଧ, ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷାର ପୁନଃପ୍ରଚଳନ ପାଇଁ 'ମାତୃଭାଷା ବିଲୋପ' ଶୀର୍ଷକ ଅଗ୍ରଲେଖା, ସଚେତନଧର୍ମୀ ସମ୍ପାଦକୀୟ ଦ୍ୱାରା ନୀଳମଣି ଅଗଣିତ ଓଡ଼ିଆଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ସମ୍ବଲପୁର ହିତୈଷିଣୀ ମାଧ୍ୟମରେ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶା ଡିଭିଜନ୍ ସହ ମିଶ୍ରଣ ଏବଂ ପ୍ରଜାବନ୍ଧୁ ମାଧ୍ୟମରେ ଗଞ୍ଜାମକୁ ଓଡ଼ିଶା ଶାସନରେ ଅନ୍ତର୍ଭୁକ୍ତ କରି ତେଲୁଗୁ ଭାଷା କବଳରୁ ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ସେ ଜନମତ ସୃଷ୍ଟି କରିଥିଲେ। ସମାଜ ସଂସ୍କାରକ ଭାବେ ପୁରୀରେ ପ୍ରଥମ ବିଧବାଶ୍ରମ ପ୍ରତିଷ୍ଠା, ବାଲ୍ୟ ବିବାହ ଓ ଅନ୍ଧ ବିଶ୍ୱାସ ବିରୋଧରେ ଲେଖନୀ ମାଧ୍ୟମରେ ସ୍ୱର ଉତ୍ତୋଳନ, ଶିକ୍ଷା, ସମସ୍ୟା, ଜ୍ଞାନ ସଂଗ୍ରହ, କୃଷି, ଗୋ-ଚିକିତ୍ସା, ରୋଗ ଓ ପ୍ରତିକାର, ସମାଜ ସଂସ୍କାର, ରାଜନୀତି, ଜୀବନଚର୍ଯ୍ୟା ସହ ଭାଷାଭିତ୍ତିକ ବହୁ ପୁସ୍ତକ ଓ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ନୀଳମଣି। ୫୦ରୁ ଅଧିକ କାଳଜୟୀ କାବ୍ୟ, କବିତା ଓ ପ୍ରବନ୍ଧମାନ ରଚନା କରି ସେ ଛାଡ଼ି ଯାଇଛନ୍ତି ନିଜ ଅସାଧାରଣ ପ୍ରତିଭାର ସ୍ୱାକ୍ଷର। ନୀଳମଣି ହିଁ ପ୍ରଥମେ 'ଗଞ୍ଜାମ ସମ୍ମିଳନୀ' ଗଠନ ମାଧ୍ୟମରେ ଉତ୍କଳ ସମ୍ମିଳନୀର ପରିକଳ୍ପନା କରିଥିଲେ। ତାଙ୍କ ଉଦ୍ୟମରେ ଆୟୋଜିତ ଗଞ୍ଜାମ ଜାତୀୟ ସମ୍ମିଳନୀରେ ଉତ୍କଳଗୌରବ ମଧୁସୂଦନ ଦାସ ଯୋଗ ଦେଇ ଅନୁଭବ କରିଥିଲେ ଯେ, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ଲକ୍ଷ୍ୟ ସାଧନ କରିବାକୁ ଅନୁରୂପ ସମ୍ମିଳନୀ ଲୋଡ଼ା। ଏହାପରେ ଉତ୍କଳ ସମ୍ମିଳନୀ ଜନ୍ମଲାଭ କରିଥିଲା। ୧୯୨୪ ମସିହା ଜୁଲାଇ ୨୬ ତାରିଖରେ ନୀଳମଣି ବିଦ୍ୟାରତ୍ନଙ୍କର ପରଲୋକ ଘଟିଥିଲା।

# ମାଇକ୍ରୋୱେଭ୍‌ରୁ ରୋଗ ହୁଏ କି

ଆଜିକାଲି ପ୍ରାୟ ସମସ୍ତଙ୍କ ଘରେ ମାଇକ୍ରୋୱେଭ୍। ଏହାକୁ ଅଧିକାଂଶ ଖାଦ୍ୟକୁ ଗରମ କରିବା ପାଇଁ ବ୍ୟବହାର କରନ୍ତି। ହେଲେ ଏଥିରେ ଅନେକ ଜୀବାଣୁ ଥାଆନ୍ତି ଓ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ କ୍ଷତିକାରକ ବୋଲି ଅନେକ ଭାବନ୍ତି। କିନ୍ତୁ ହାର୍ଭାର୍ଡ ମେଡିକାଲ ସ୍କୁଲର ଏକ ରିପୋର୍ଟ ଅନୁସାରେ, ମାଇକ୍ରୋୱେଭ୍‌ରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ବହୁତ କମ୍ ପୌଷ୍ଟିକ ତତ୍ତ୍ୱ ନଷ୍ଟ ହୋଇଥାଏ। କାରଣ ଏଥିରେ ଖାଦ୍ୟ ପ୍ରସ୍ତୁତ କରିବାକୁ ବହୁତ କମ୍ ସମୟ ଲାଗିଥାଏ। ସ୍ପେନ୍‌ର ଭାଲେନ୍‌ସିଆ ବିଶ୍ୱବିଦ୍ୟାଳୟର 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରେଟିଭ୍ ସିଷ୍ଟମ୍ ବାୟୋଲଜି'ର ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ମାଇକ୍ରୋୱେଭ୍‌ରେ ୧୦୦ରୁ ଅଧିକ ଜୀବାଣୁ ପାଆନ୍ତି, ଯାହାକି ହାତଦ୍ୱାରା ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରିଥାନ୍ତି। ଏଥିଯୋଗୁଁ ନିମୋନିଆ, ବୃକ୍କ ଜନିତ ସମସ୍ୟା, ତ୍ୱଚା ସଂକ୍ରମଣ, ଜର, ମୁଣ୍ଡବିନ୍ଧା, ପେଟ ଖରାପ, ପତଳା ଝାଡ଼ା ଆଦି ସମସ୍ୟା ଦେଖାଯାଏ। ଆମେରିକାନ୍ ଅଙ୍କୋଲୋଜି ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ରିପୋର୍ଟ ଅନୁସାରେ, ମାଇକ୍ରୋୱେଭ୍‌ରେ ଖାଦ୍ୟ ଗରମ କରିବା ଦ୍ୱାରା କ୍ୟାନ୍ସର ହେବ, ଏନେଇ କୌଣସି ପ୍ରମାଣ ମିଳିନାହିଁ। ଏଥିରୁ ଏପରି କିଛି ବିକିରଣ ବାହାରି ନାହିଁ, ଯାହାକି କ୍ୟାନ୍ସରର କାରଣ ହୋଇପାରେ। ସେହିଭଳି ମାଇକ୍ରୋୱେଭ୍‌ରେ ପ୍ଲାଷ୍ଟିକ୍‌ରେ ଜିନିଷ ରଖି ଖାଦ୍ୟ ଗରମ କରିବାକୁ ବାରଣ କରାଯାଇଛି। ଏହା କରିବା କ୍ଷତିକାରକ ହୋଇଥାଏ। ଏଥିଯୋଗୁଁ ମଧୁମେହ, ଉଚ୍ଚ ରକ୍ତଚାପ ଭଳି ସମସ୍ୟା ଦେଖାଯାଏ।



# 'ବାଗୀ-୪'ରେ ସୋନମ୍



ଆସନ୍ତା ବର୍ଷ ବଲିଉଡ୍‌ର ଅନେକ ଦମ୍‌ଦାର ଆକ୍ସନ୍ ଫିଲ୍ମ ରିଲିଜ୍ ହେବ। ଏହି ଫିଲ୍ମଗୁଡ଼ିକ ମଧ୍ୟରେ ଟାଇଗର୍ ସ୍ରଫ୍‌ଙ୍କ 'ବାଗି-୪' ରହିଛି। ଏହା ସେପ୍ଟେମ୍ବର ୫, ୨୦୨୫ରେ ରିଲିଜ୍ ହେବ। ଟାଇଗର୍ ସ୍ରଫ୍ ଓ ସଞ୍ଜୟ ଦତ୍ତ ଏଥିରେ ଲିଡ୍ ରୋଲ୍‌ରେ ନଜର ଆସିବେ। ଫିଲ୍ମରେ ଟାଇଗର୍‌ଙ୍କ ବିପକ୍ଷରେ କିଏ ଅଭିନୟ କରିବେ ସେନେଇ ଅନେକ ଦିନରୁ କଳ୍ପନାଜଳ୍ପନା ଲାଗି ରହିଥିଲା। ଏବେ ଖୋଦ୍ ଏହାର ନିର୍ମାତା ଏଥିରେ ଟାଇଗର୍‌ଙ୍କ ସହ ପଞ୍ଜାବ ଫିଲ୍ମ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତ୍ରୀ ସୋନମ୍ ବାଜୱା ଦେଖାଯିବେ ବୋଲି ଘୋଷଣା କରିଛନ୍ତି। 'ବାଗୀ-୪'ର ସୁଟିଂ ଆରମ୍ଭ ହୋଇଗଲାଣି। ବହୁତ ଜଲ୍‌ଦି ସୋନମ୍ ସୁଟିଂ ସେଟ୍‌ରେ ଯୋଗଦେବେ। ଏହାର ପ୍ରଯୋଜନା ଦାୟିତ୍ୱରେ ସାଜିଦ୍ ନାଡିୟାଦୱାଲା ଅଛନ୍ତି। ସେହିଭଳି ଏ.ହର୍ଷ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ପୂରାପୂରି ନୂଆ ଅନ୍ଦାଜରେ ଟାଇଗର୍ ଏହି ଫିଲ୍ମରେ ନଜର ଆସିବେ। ଫିଲ୍ମଟିକୁ ହିଟ୍ କରାଇବା ପାଇଁ ଟାଇଗର୍ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। କାରଣ ଲଗାତାର ତାଙ୍କର ତିନୋଟି ଫିଲ୍ମ ଫ୍ଲପ୍ ହୋଇଛି। ସେହିଭଳି ସଞ୍ଜୟ ଦତ୍ତ 'ବାଗୀ-୪'ରେ ଖଳନାୟକ ଭାବେ ଦେଖାଯିବେ। ଆସନ୍ତା ବର୍ଷ ସାଜିଦ୍‌ଙ୍କର 'ବାଗୀ ୪' ସହ ଅନ୍ୟ ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ 'ସିକନ୍ଦର' ଓ 'ହାଉସ୍‌ଫୁଲ-୫' ରିଲିଜ୍ ହେବ। ସାଜିଦ୍ ଏହି ଫିଲ୍ମଗୁଡ଼ିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।



# ସୁମନ

## ସକାଳ ଶିଶୁ କୁଇଜ୍-୧୪୫

(୧) ଅସୁରଗଡ଼ ଦୁର୍ଗ ଆମ ରାଜ୍ୟର କେଉଁ ଜିଲ୍ଲାରେ ଅଛି ?
ଉତ୍ତର : ______

(୨) ଜାଲିଆନୱାଲା ବାଗ ହତ୍ୟାକାଣ୍ଡ କେବେ ଘଟିଥିଲା ?
ଉତ୍ତର : ______

(୩) ଭଗବାନ ଶ୍ରୀରାମଙ୍କ ଧନୁର ନାମ କ'ଣ?
ଉତ୍ତର : ______

(୪) ମାନବାଧିକାର ଦିବସ କେବେ ପାଳନ କରାଯାଏ ?
ଉତ୍ତର : ______

(୫) କେଉଁ ଗ୍ୟାସ୍ ଯୋଗୁଁ ପୃଥିବୀର ତାପମାତ୍ରା ବୃଦ୍ଧି ପାଇଥାଏ ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଓମ୍ ପ୍ରକାଶ ରଣା, ଚକେଇସିଆଣୀ, ଭୁବନେଶ୍ୱର
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ଼
- ଶୁଚିସ୍ମିତା ରାଉତ, ଚୌଦ୍ୱାର, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଫୁଲଟିଏ ମୁଁ



ରମାକାନ୍ତ ଦାସ

ଫୁଲଟିଏ ମୁଁ ଫୁଲଟିଏ
ନିତି ଫୁଟି ମୁଁ ହସୁଥାଏ ।।
ଫୁଲଟିଏ ମୁଁ ଫୁଲଟିଏ
ସଦା ବିଭୁ ଶିରେ ଲାଗିହୁଏ ।।
ଫୁଲଟିଏ ମୁଁ ଫୁଲଟିଏ
ମୋର ମଧୁ ଯେ ମଧୁପ ପିଏ ।।
ଫୁଲଟିଏ ମୁଁ ଫୁଲଟିଏ
ପବନରେ ଦୋଳି ଖେଳୁଥାଏ ।।
ଫୁଲଟିଏ ମୁଁ ଫୁଲଟିଏ
ଭଅଁର ମୋ ପାଇଁ ପାଗଳ ହୁଏ ।।
ଫୁଲଟିଏ ମୁଁ ଫୁଲଟିଏ
ମୋ ସୁବାସେ ଧରା ମହାକାଏ ।।
ଫୁଲଟିଏ ମୁଁ ଫୁଲଟିଏ
ସଞ୍ଜ ସକାଳରେ ମୁଁ ଫୁଟିଥାଏ ।।
ଫୁଲଟିଏ ମୁଁ ଫୁଲଟିଏ
ମୋ ବାସ ଚୌଦିଗେ ଚହଟିଯାଏ ।।
ଫୁଲଟିଏ ମୁଁ ଫୁଲଟିଏ
ନିତି ହସି ଖେଳି ଝରିଯାଏ ।।■

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ – ୯୬୭୮୮୧୫୩୬୯

## ଝିଲିର ଉପହାର

ଝିଲି ଦେଇଥିଲା ଚାରା ଗଛଟିଏ
ମିଲିର ଜନମ ଦିନେ,
ବୁଝାଇ ଥିଲା ସେ ଗଛର ମହିମା
ରଖିଥିବ ସଦା ମନେ।
ଗଛ ଦିଏ ଫୁଲ ଗଛ ଦିଏ ଫଳ
ଗଛ ଦେଇଥାଏ ଛାଇ,
ଗଛ ଦେଇଥାଏ ଅମଳଜାନକୁ
ଖୁସିରେ ବଞ୍ଚିବା ପାଇଁ।
ଗଛରୁ ତିଆରି ହୁଏ ମହୌଷଧି
ଦିଏ ସେ ଜୀବନ ଦାନ,
ଦାନ କରି ସବୁ ମାଗେ ନାହିଁ କେବେ
ବଞ୍ଚିବାକୁ ଅନୁଦାନ।
ଗଛରୁ ତିଆରି ହୋଇଥାଏ ପୁଣି
ଆମ ଆସବାବପତ୍ର,
ଗଛ ଶୁଖିଗଲେ ହୋଇଥାଏ ଜାଳ
ଗଛ ହିଁ ଆମର ମିତ୍ର।
ତେଣୁ ପ୍ରତିବର୍ଷ ଜନମ ଦିନରେ
ଲଗାଇବ ଏକ ଗଛ,
ଗଛ ବଞ୍ଚିଥିଲେ ଆମେ ବଞ୍ଚିଥିବା
ନ ହେଲେ ଜୀବନ ତୁଚ୍ଛ।■




ପ୍ରଶାନ୍ତ କୁମାର ସାହୁ

ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

# ଗଛର ଦୁଃଖ






ରାଜେଶ ରାୟ


ଗଛମାନଙ୍କ ଦେହରେ ଜୀବନ ଅଛି । ସେମାନେ ଆମପରି ହସନ୍ତି, କାନ୍ଦନ୍ତି, କଷ୍ଟ ପାଆନ୍ତି ଏବଂ ପ୍ରତ୍ୟେକଟି ପରିସ୍ଥିତିକୁ ଅନୁଭବ କରିପାରନ୍ତି । ଏ କଥା ରାନୀ ତା' ବାପାଙ୍କ ପାଖରୁ ଶୁଣୁଥିଲା । ରାନୀର ବାପା ଶିକ୍ଷକ ଭାବେ କାମ କରୁଥିଲେ ଏବଂ ଗଛମାନଙ୍କ ସୁରକ୍ଷା ପାଇଁ ଅନ୍ୟମାନଙ୍କୁ ସଚେତନ କରୁଥିଲେ । ଦଶମ ଶ୍ରେଣୀରେ ପାଠ ପଢୁଥିବା ରାନୀ ବାପାଙ୍କ କଥାକୁ ଅଳ୍ପ ବହୁତେ ବୁଝି ପାରୁଥିଲା । ଦିନକର କଥା, ରାନୀ ସ୍କୁଲରୁ ଘରକୁ ଫେରୁଥାଏ। ହଠାତ୍ ସେ ରାସ୍ତାରେ ଦେଖିଲା କିଛି ଲୋକ ଗଛ ଦେହରେ ବିଜ୍ଞାପନ ଛାପିବା ପାଇଁ କଣ୍ଟା ବାଡ଼ଉଥାନ୍ତି । ଆଉକିଛି ଲୋକ ଗଛ ଚାରିପଟେ ଲୁହାର ରଶି ଗୁଡ଼ାଇ ବ୍ୟାନର ବାନ୍ଧୁଥାନ୍ତି। ଏହାଦେଖି ରାନୀକୁ ଦୁଃଖ ଲାଗିଲା ଓ ବାପାଙ୍କ ପାଖରୁ ଶୁଣିଥିବା କଥା ତା'ର ମନେ ପଡ଼ିଗଲା, "ଗଛମାନଙ୍କୁ ବି ଆମଭଳି କଷ୍ଟହୁଏ।" ବୟସରେ ସାନ ଥିବାରୁ ସେ ଲୋକମାନଙ୍କୁ କିଛି ନ କହି ସେଠାରୁ ଚାଲି ଆସିଲା। ତା' ପରଦିନ ସକାଳୁ ରାନୀ ଗୋଟିଏ ମନ୍ଦିରକୁ ବୁଲିବାକୁ ଯାଇଥିଲା। ସେଠାରେ ସେ ଦେଖିଲା, ଗୋଟିଏ ବିଶାଳ ବରଗଛରେ ଭକ୍ତମାନେ ମାନସିକ ଡୋରି ବାନ୍ଧୁଥାନ୍ତି। ଆମ ଶରୀରରେ ସୂତାଖଣ୍ଡେ ଜୋରରେ ଭିଡ଼ିଲେ ଆମକୁ କାଟୁଛି, ଗଛକୁ କ'ଣ କାଟୁ ନ ଥିବ ? ରାନୀ ଏ କଥା ଭାବିଲା । ମନ୍ଦିରରୁ ଘରକୁ ଆସିବାପରେ ସମସ୍ତ ଘଟଣାକୁ ବାପାଙ୍କ ଆଗରେ ଗୋଟି ଗୋଟି କରି କହିଲା। ସବୁକଥା ଶୁଣିବା ପରେ ବାପା ରାନୀକୁ କହିଲେ "ଲୋକମାନେ ସ୍ୱାର୍ଥବାଦୀ ହୋଇ ଗଛ କାଟୁଛନ୍ତି, ସେମାନଙ୍କୁ କଷ୍ଟ ଦେଉଛନ୍ତି, ଯାହାଦ୍ୱାରା ପରିବେଶ ନଷ୍ଟ ହେଉଛି। ଯେତେ କହିଲେ ବି କେହି ଶୁଣୁନାହାନ୍ତି । ଗଛମାନଙ୍କ ଦେହରେ କଣ୍ଟା ବାଡ଼େଇବା, ରଶି ଗୁଡ଼ାଇବା ଦ୍ୱାରା ସେମାନଙ୍କ ବୃଦ୍ଧି ଓ ବିକାଶ ବାଧାପ୍ରାପ୍ତ ହେଉଛି । ଏହି କାରଣ ଯୋଗୁ ଅନେକ ଉଦ୍ଭିଦଙ୍କ ସଂଖ୍ୟା କମିଗଲାଣି । ଯଦି ସେମାନଙ୍କୁ ସୁରକ୍ଷା ନ ଦିଆଯାଏ, ତେବେ ଆଗାମୀ ଭବିଷ୍ୟତରେ ଆମେ କେହି ବଞ୍ଚିବାନି ! ବାପାଙ୍କ ପାଖରୁ ସବୁକଥା ଶୁଣିବା ପରେ ରାନୀ ନିଷ୍ପତ୍ତି ନେଲା ଯେ, କେହି ନ ହେଲେ ନାହିଁ ସେ ନିଜେ ଉଦ୍ଭିଦମାନଙ୍କ ସୁରକ୍ଷା ପାଇଁ କିଛି କରିବ । ନିଜ ପାଠପଢ଼ାରୁ ସମୟ ବାହାର କରି ପ୍ରତି ରବିବାର ଦିନ ସେ ବିଭିନ୍ନ ସ୍ଥାନକୁ ଗଲା ଏବଂ ନିଜ ଉଦ୍ୟମରେ ଗଛମାନଙ୍କ ଦେହରୁ କଣ୍ଟା କାଢ଼ିଲା, ମନ୍ଦିରକୁ ଯାଇ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କଲା ଏବଂ ସେ କରୁଥିବା ସମସ୍ତ କାର୍ଯ୍ୟର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିଲା, ଯାହାଦ୍ୱାରା ଅନ୍ୟ ଲୋକମାନେ ରାନୀର କାମକୁ ଜାଣିପାରିଲେ ଏବଂ ପ୍ରଶଂସା କଲେ । ସରକାର ମଧ୍ୟ ରାନୀର କାମରେ ଖୁସି ହୋଇ ତାକୁ ପୁରସ୍କୃତ କଲେ । ଏହାଦେଖି ଅନ୍ୟମାନେ ସଚେତନ ହେଲେ ଏବଂ ଗଛମାନଙ୍କ ସୁରକ୍ଷା ପାଇଁ ଆଗେଇ ଆସିଲେ ।■


ଜୟପୁର, କୋରାପୁଟ
ମୋ- ୬୩୭୧୫୫୫୯୪୦





ମାହିକା ଭରଦ୍ୱାଜ
ତୃତୀୟ ଶ୍ରେଣୀ
ଓଡିଏମ୍ ପବ୍ଲିକ୍ ସ୍କୁଲ୍
ଭୁବନେଶ୍ୱର






ସାଇ ଅର୍ଚ୍ଚିତା ସାହୁ
ୟୁ.କେ.ଜି
ବଚପନ ପ୍ଲେ ସ୍କୁଲ
ଭୁବନେଶ୍ୱର





ସାଇଶ୍ରୀ ବେହେରା
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





ସୋମ ଆଶୀର୍ବାଦ ତ୍ରିପାଠୀ
ସପ୍ତମ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର

## ପ୍ରହେଳିକା

- ବିଲ ନଇପଠା ଅବା ବାଡ଼ିରେ
ଫୁଲଟିଏ ଫୁଟେ ଶୀତ ଦିନରେ
ଧଳା ଫରଫର ତା'ର ଶରୀର
ପରିବାଟିଏ ସେ ଶୀତଦିନର
ଭଜା ତରକାରି ପକୁଡ଼ି ହୁଏ
ଭାରି ସୁଆଦିଆ ଲାଗଇ ସିଏ
କଞ୍ଚା ଖାଇଲେବି ଲାଗେ ସୁଆଦ
କହି ପାରିବକି ତା'ନାମ ମିତ।

ଉତ୍ତର-ଫୁଲକୋବି

- ମାଟି ତଳେ ଫଳେ ପରିବାଟିଏ
ବିଲ ଓ ବାଡ଼ିରେ ସେ ଶୋଭାପାଏ
ଧଳା ଅବା ନାଲି ରଙ୍ଗଟି ତା'ର
ଶାଗ ହୁଏ ତା'ର ନୀଳ ପତର
ତା'ତିଅଣ ଲାଗେ ପାଟିକୁ ବାଗ
କଞ୍ଚା ଖାଇଲେ ସେ ଲାଗଇ ରାଗ
ଲମ୍ବାଳିଆ ଅଟେ ତା'ର ଶରୀର
କହି ପାରିବକି ନାମଟି ତା'ର।

ଉତ୍ତର-ମୂଳା



- ବିଲ ଓ ବାଡ଼ିରେ ହୁଅଇ ଚାଷ
ତା' ପତ୍ରରୁ ଛୁଟି ଆସଇ ବାସ
ରନ୍ଧା ତରକାରି ଉପରେ ଜନେ
ପକାନ୍ତି ତାହାକୁ ହରଷ ମନେ
ତା' ପାଇଁ ବଢ଼ଇ ତିଅଣ ସ୍ୱାଦ
ସଭିଏଁ ଖାଆନ୍ତି ହୋଇ ଆନନ୍ଦ
ଚଟୁଣି ପାଇଁ ତା' ନାମଟି ଖ୍ୟାତ
କହି ପାରିବକି ତା' ନାମ ମିତ।

ଉତ୍ତର-ଧନିଆଁ ପତ୍ର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬

■ ଦୃଷ୍ଟିହୀନ ନାଗେଶ ଟ୍ରଫି ଜାତୀୟ ଟି-୨୦

## ୟୁପିକୁ ହରାଇଲା ଓଡ଼ିଶା




ଭୁବନେଶ୍ୱର, ୧୩।୧୨(ସମିସ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ଶୁକ୍ରବାର ୭ମ ଦୃଷ୍ଟିହୀନ ନାଗେଶ ଟ୍ରଫି ଜାତୀୟ ଟି-୨୦ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍- ସି ଲିଗ୍ ଆରମ୍ଭ ହୋଇଛି। ପ୍ରଥମ ମୁକାବିଲାରେ ଓଡ଼ିଶା ସହଜରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୪ ୱିକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଲାଲ ପ୍ରଦାସ ସୋରେନ ୪୮ ବଲରୁ ୭୯ ଓ ଶୁଖରାମ ମାଝୀ ୪୭ ବଲରୁ ୬୮ ରନ ସଂଗ୍ରହ କରିଥିଲା। ଜବାବରେ ଉତ୍ତରପ୍ରଦେଶ ୧୯.୧ ଓଭରରେ ୯୬ ରନକରି ଅଲଆଉଟ ହୋଇଥିଲା। ଓଡ଼ିଶାର ଦେବରାଜ ବେହେରା ୩, ପଙ୍କଜ ଭୁଏ ଓ କାଳିଆ ପ୍ରଧାନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଲାଲ ପ୍ରସାଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶନିବାର ଓଡ଼ିଶା-ତ୍ରିପୁରାକୁ ଓ ଚଣ୍ଡିଗଡ଼-ମଧ୍ୟପ୍ରଦେଶକୁ ଭେଟିବ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶାର ଇନିଂସ ପରାଜୟ

କଟକ, ୧୩।୧୨(ସମିସ): ଗ୍ୱାଲିୟରର କ୍ୟାପ୍ଟେନ ରୁପ ସିଂହ ଷ୍ଟାଡିୟମରେ ଖେଳାଯାଇଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଏକ ମ୍ୟାଚ୍‌ରେ ଗୁଜରାଟ ବିପକ୍ଷରେ ଓଡ଼ିଶା ଇନିଂସ ପରାଜୟର ସମ୍ମୁଖୀନ ହୋଇଛି। ଗୁଜରାଟ ୯ ୱିକେଟ ବିନିମୟରେ ୪୨୩ରନ ସଂଗ୍ରହ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଓ ଦ୍ୱିତୀୟ ଇନିଂସରେ ଯଥାକ୍ରମେ ୨୨୫ରନ ଏବଂ ୧୧୨ରନ କରିବା ସହ ଇନିଂସ ଓ ୮୬ରନରେ ହାରିଛି। ଗୁରୁବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ୱିକେଟ ହରାଇ ୨୧୦ରନ କରିଥିଲା। ଆଜି ଆଉ ୧୫ରନରେ ଅବଶିଷ୍ଟ ୩ ୱିକେଟ ହରାଇ ଫଲୋଅନ ଡାକରା ପାଇଥିଲା। ଓଡ଼ିଶାର ଦ୍ୱିତୀୟ ଇନିଂସରେ ମଧ୍ୟ ଦୁର୍ବଳ ବ୍ୟାଟିଂ ପରିଲକ୍ଷିତ ହୋଇଥିଲା। ଦଳ ମାତ୍ର ୧୧୨ରନରେ ଅଲଆଉଟ ହୋଇଥିଲା। କୌସ୍ତିକ ମହାନ୍ତି ସର୍ବାଧିକ ୩୬ରନ କରିଥିଲେ। ଗୁଜରାଟ ତରଫରୁ ନୀଲ ପୁରାନି ୪ଟି ୱିକେଟ ହାସଲ କରିଥିଲେ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଦ୍ରାବିଡ଼ଙ୍କ ସାନପୁଅ ଅନଭୟଙ୍କ ଶତକ

ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ତଥା ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କ ସାନପୁଅ ଅନଭୟ ବଡ଼ ଭାଇ ସମିତଙ୍କ ଭଳି ଜବରଦସ୍ତ କ୍ରିକେଟ ପ୍ରତିଭାର ପରିଚୟ ଦେଇଛନ୍ତି। ଦେଶର ସର୍ବବୃହତ୍ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ସେ କର୍ଣ୍ଣାଟକ ତରଫରୁ ପ୍ରତିନିଧିତ୍ୱ କରି ଝାଡଖଣ୍ଡ ବିପକ୍ଷରେ ୧୦୦ ରନ କରି ଅପରାଜିତ ରହିଛନ୍ତି। ଆନ୍ଧ୍ରପ୍ରଦେଶର ମାଲାପାଡୁରେ ଅନୁଷ୍ଠିତ ଏହି ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା।

■ ସର୍ବଭାରତୀୟ ଆନ୍ତଃ ଜୋନ୍ କରାଟେ

## ତ୍ରିଲୋଚନ ରଣାଙ୍କୁ ଡବଲ୍ ସ୍ୱର୍ଣ୍ଣ




ଭୁବନେଶ୍ୱର, ୧୩।୧୨(ସମିସ): ନୂଆଦିଲ୍ଲୀ ସ୍ଥିତ ତାଲକୋଟରା ଷ୍ଟାଡିୟମରେ ସର୍ବଭାରତୀୟ ଆନ୍ତଃ ଜୋନ୍ କରାଟେ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଦେଶର ୫ଟି ଜୋନ୍‌ରୁ ୩୦୦ରୁ ଊର୍ଦ୍ଧ୍ୱ କରାଟେକା ଅଂଶଗ୍ରହଣ କରିଥିଲେ। ପୂର୍ବ ଜୋନ ତରଫରୁ ୧୨ ଜଣ ଓଡ଼ିଆ କରାଟେକା ପ୍ରତିନିଧିତ୍ୱ କରିଥିଲେ। ଏଥିରେ ତ୍ରିଲୋଚନ ରଣା ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରୋଶନ ସାଇପଲ, ଓମ୍ ଶୁଭମ ମହାନ୍ତି, ସିନ୍ଧୁ ତନୟା ଖୁଣ୍ଟିଆ, ମୋନାଲି ସାହୁ, ସୋନାଲି ପାଣିଗ୍ରାହି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଜୟଜିତ ସାମନ୍ତ, କୃଷ୍ଣଚନ୍ଦ୍ର ନାୟକ ରୌପ୍ୟ ଓ ରାଜେଶ ମହାପାତ୍ର ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି।

### ସୟଦ ମୁସ୍ତାକ ଅଲି ଟ୍ରଫି

# ମୁମ୍ବାଇ-ମଧ୍ୟପ୍ରଦେଶ ଫାଇନାଲ

ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ଦେଶର ସର୍ବବୃହତ୍ ଘରୋଇ ଟି-୨୦ ଟୁର୍ଣ୍ଣାମେଣ୍ଟ ମୁସ୍ତାକ ଅଲି ଟ୍ରଫିର ଚଳିତ ୧୭ତମ ସଂସ୍କରଣର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ମୁମ୍ବାଇ ରଜତ ପଟିଦାରଙ୍କ ମଧ୍ୟପ୍ରଦେଶ ପରସ୍ପରକୁ ଭେଟିବେ। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ମୁମ୍ବାଇ ୧୬ ବଲ ବାକିଥାଇ ୬ ୱିକେଟରେ ବରୋଦାକୁ ଏବଂ ମଧ୍ୟପ୍ରଦେଶ ୨୬ ବାକି ରଖି ୭ ୱିକେଟରେ ଦିଲ୍ଲୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଗତ ସଂସ୍କରଣରେ ବରୋଦାକୁ ପରାସ୍ତ କରି ପଞ୍ଜାବ ପ୍ରଥମଥର ପାଇଁ ଚାମ୍ପିଅନ ହୋଇଥିଲା। ୩ଥର ଚାମ୍ପିଅନ ହୋଇ କର୍ଣ୍ଣାଟକ ସଫଳତମ ଦଳ ବିବେଚିତ ହେଉଛି। ନଭେମ୍ବର ୨୩ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖରେ ଶେଷ ହେବ।




#### ରାହାଣେଙ୍କ ବିସ୍ଫୋରକ ବ୍ୟାଟିଂ

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି କ୍ରୁନାଲ ପାଣ୍ଡ୍ୟାଙ୍କ ବରୋଦା ୭ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କ୍ରୁନାଲ ୩୦, ଶାଶ୍ୱତ ରାୱତ ୩୩, ଶିବାଲିକ ଶର୍ମା ଅପରାଜିତ ୩୬ ରନ ସଂଗ୍ରହ କରିଥିଲେ। ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୫ ରନ କରି ଶିବମ ଦୁବେଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଜବାବରେ ମୁମ୍ବାଇ ୧୭.୨ ଓଭରରେ ୪ ୱିକେଟ ହରାଇ ୧୬୪ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ଅଭିଜ୍ଞ ଆଜିଙ୍କ୍ୟ ରାହାଣେ ୫୬ ବଲରୁ ୧୧ ଚୌକା ଓ ୫ ଛକା ସହ ବିସ୍ଫୋରକ ୯୮ ରନ ସଂଗ୍ରହ କରି ଆଉଟ ହେବା ସହ ୨ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେହିପରି ଆୟର ୪୬ ରନ ସଂଗ୍ରହ କରିଥିଲେ। ରାହାଣେ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବୋଲିଂରେ ବରୋଦା ପାଇଁ ହାର୍ଦ୍ଦିକ ଗୋଟିଏ ୱିକେଟ ନେଇଥିଲେ।

#### ପଟିଦାରଙ୍କ ଦ୍ରୁତ ଅର୍ଦ୍ଧଶତକ: ଶୁଭ୍ରାଂଶୁ ଫେଲ୍

ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଦିଲ୍ଲୀ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ୧୪୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅନୁଜ ରାୱତ୍ ସର୍ବାଧିକ ଅପରାଜିତ ୩୩ ରନ ସଂଗ୍ରହ କରିଥିବା ବେଳେ ପ୍ରିୟାଂଶ ଆର୍ଯ୍ୟା ୨୯, ମୟଙ୍କ ରାୱତ ୨୪, ଅଧିନାୟକ ଆୟୁଷ ବଦୋନୀ ୧୯ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ମଧ୍ୟପ୍ରଦେଶର ଭେଙ୍କଟେଶ ଆୟର ୨ ୱିକେଟ ନେଇଥିଲେ। ଜବାବରେ ମଧ୍ୟପ୍ରଦେଶ ୧୫.୪ ଓଭରରେ ୩ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅଧିନାୟକ ରଜତ ପଟିଦାର ୨୯ ବଲରୁ ୪ ଚୌକା ସ ୬ ଛକା ସହ ୬୬ ରନର ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ପାଳି ଖେଳି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ହରପ୍ରୀତ ସିଂ ୪୬ ରନକରି ଅପରାଜିତ ରହିଥିଲେ। ମଧ୍ୟପ୍ରଦେଶ ତରଫରୁ ଖେଳୁଥିବା ଓଡ଼ିଆ ବ୍ୟାଟର ଶୁଭ୍ରାଂଶୁ ସେନାପତି ୮ ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ସହ ମାତ୍ର ୭ ରନକରି ଅଭିଜ୍ଞ ଇଶାନ୍ତ ଶର୍ମାଙ୍କ ବଲ୍‌ରେ ୱିକେଟକିପର ଅନୁଜ ରାୱତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିଅନ ଫେରିଥିଲେ। ଅଧିନାୟକ ହର୍ଷ ଗୱାଲି ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦିଲ୍ଲୀ ପାଇଁ ଇଶାନ୍ତ ଶର୍ମା ୨ ୱିକେଟ ନେଇଥିଲେ।

## ମହିଳା କ୍ରିକେଟ ଏକାଡେମୀ ଉଦ୍‌ଘାଟିତ



କଟକ, ୧୩।୧୨(ସମିସ): ରାଜ୍ୟରେ ମହିଳା କ୍ରିକେଟର ବିକାଶକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସ୍ଥାନୀୟ ଷ୍ଟିୱାର୍ଟ ସ୍କୁଲ ପରିସରରେ ଏକ କ୍ରିକେଟ ଏକାଡେମୀ ଖୋଲାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ନରେନ୍ଦ୍ର ହିରୱାନୀ ଏବଂ ସ୍ୱାଗତିକା ରଥ ଅତିଥି ଭାବେ ଯୋଗ ଦେଇ ଆଜି ଏହି ଏକାଡେମୀ ଉଦ୍‌ଘାଟନ କରିଥିଲେ। ଓସିଏର ୪୧ଟି ଏକାଡେମୀ ଭିତରୁ ଏହା ଅନ୍ୟତମ। ଆଗାମୀ ଦିନରେ ବିସିସିଆଇର ଘରୋଇ ସିଜନ ନିମନ୍ତେ ଏଠାରେ ରାଜ୍ୟ ମହିଳା ଦଳର ଶିବିର ଆୟୋଜନ ହେବ। ଷ୍ଟିୱାର୍ଟ ସ୍କୁଲର ଅଧକ୍ଷା ଡି ମାର୍ଟିନା, ସମ୍ପାଦକ ବିଡି ଦାସ, ଓସିଏ ସଦସ୍ୟ ଶୁଭାଶିଷ ସାହୁ, ସୁଶାନ୍ତ କୁମାର ମହାନ୍ତି ଏବଂ ସିଇଓ ସୁବ୍ରତ କୁମାର ବେହେରା ଉଦ୍‌ଘାଟନୀ ଅବସରରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

■ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ୍

## ବିଜୟରୁ କିଟ୍ ମହିଳା ଦଳର ଅଭିଯାନ

ଭୁବନେଶ୍ୱର, ୧୩।୧୨(ସମିସ): କର୍ଣ୍ଣାଟକର ମନିପାଲ ଏକାଡେମୀ ଅଫ୍ ହାଇୟର ଏଜୁକେସନ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଟେନିସ ପ୍ରତିଯୋଗିତା। ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କିଟ୍ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। କିଟ୍ ତା'ର ପ୍ରଥମ ମ୍ୟାଚ୍‌ରେ ୨-୦ରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଏବେ ଶନିବାର କ୍ୱାର୍ଟରଫାଇନାଲ ମୁକାବିଲାରେ ୟୁନିଭର୍ସିଟି ଅଫ୍ ମାଡ୍ରାସକୁ କିଟ୍ ଭେଟିବ। ଏଥିସହ କିଟ୍ ଆଗାମୀ ଚତୁର୍ଥ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଋତୁପର୍ଣ୍ଣା ଚୌଧୁରୀ, ଅଭିଲାଷା ବିଷ୍ଟା, ରିୟା ମର୍ଦ୍ଦରାଜ ଓ ଅକ୍ରିତିଙ୍କୁ ନେଇ ଗଠିତ କିଟ୍ ଦଳ ଚାମ୍ପିଅନ ହେବା ଲକ୍ଷ୍ୟରେ ରହିଛି। ମହମ୍ମଦ ଆନମୁଲ ହକ୍ ଦଳର କୋଚ୍ ରହିଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଓ ଆଗାମୀ ମ୍ୟାଚ୍‌ଗୁଡିକ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



### ଜାତୀୟ ଲନ୍ ବଲ୍ ଚାମ୍ପିଅନ୍‌ସିପ୍

## ଦିଲ୍ଲୀରେ ଓଡ଼ିଶା ଦଳର ପ୍ରସ୍ତୁତି

ଭୁବନେଶ୍ୱର ୧୩।୧୨ (ସମିସ): ଦିଲ୍ଲୀ ଯମୁନା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଡ଼ିସେମ୍ବର ୨୫ରୁ ଜାନୁଆରୀ ୨ ତାରିଖ ମଧ୍ୟରେ ନବମ ଜାତୀୟ ସିନିୟର ଏବଂ ପଞ୍ଚମ ୨୫ ବର୍ଷରୁ କମ ଲନ ବଲ ଚାମ୍ପିଅନସିପ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡିଶା ଦଳ ଦିଲ୍ଲୀ ରେ ପହଞ୍ଚି ଜୋରଦାର ପ୍ରସ୍ତୁତି ଚଳାଇଛି। ଦଳର ପ୍ରସ୍ତୁତ ଶିବିର ଆସନ୍ତା ୨୪ ତାରିଖରେ ଶେଷ ହେବ ଗତ ୧୧ ତାରିଖରେ ଓଡିଶା ଦଳ ପୁରୁଷ ଓ ମହିଳା ଦିଲ୍ଲୀରେ ପହଞ୍ଚିଥିଲେ। ଓଡିଶା ସିନିୟର ଦଳରେ ଛଅ ଜଣ ମହିଳା ଏବଂ ଛଅ ଜଣ ପୁରୁଷ ଖେଳାଳି ଯୋଗଦେଇଥିବା ବେଳେ ଅଣ୍ଡର ୨୫ରେ ଦୁଇ ଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ଯୋଗ ଦେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଖେଳାଳି ମାନଙ୍କୁ ବୋଲିଂ ଫେଡ଼ରେସନ ଅଫ ଇଣ୍ଡିଆର କୋଚ ନିତିନ ବାସ୍ୱାନି ପ୍ରଶିକ୍ଷଣ ଦେଉଛନ୍ତି। ଗତ ବର୍ଷ ଆସାମର ଗୌହାଟୀରେ ପ୍ରସ୍ତୁତି କରି ରାଜ୍ୟ ପାଇଁ ସାତଟି ପଦକ ହାସଲ କରି ଗୌରବ ଆଣିଥିଲେ। ଏହି ବର୍ଷ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରି ଅଧିକ ପଦକ ହାସଲ କରିବେ ବୋଲି ସଂଘ ଆଶା ରଖିଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ସହାୟତା କରିଥିବା ରାଜ୍ୟ ବୋଲିଂ (ଲନ୍ ବଲ୍) ସଂଘ, ଓଡିଶା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

**ଓଡିଶା ପୁରୁଷ ଦଳ:** କୈଳାସ ମାଝୀ, ନରସିଂହ ରାଣା, ଲଳିତ ଶର୍ମା, ସୌରଭ ରଂଜନ ମହାରଣା, ଦିନେଶ କୁମାର ମହାନନ୍ଦ, ତାରିଣୀ ପ୍ରସାଦ ନାୟକ, ଅଙ୍କିତ ନାଏକ, ଆୟୁଷ୍ମାନ ବାଗ।

**ମହିଳା ଦଳ:** ଶ୍ୱେତଲାନା ବକ୍ସି, ପଦ୍ମାଶିନୀ ପୁଟେଲ, ରାଜେଶ୍ୱରୀ ସେଠ, ରୋଶନୀ ସାହୁ, ବିଷ୍ଣୁପ୍ରିୟା ବହିଦାର, ସାଇନା ନାଏକ, ସୁନେନା ବକ୍ସି, ଶ୍ରାବଣୀ ସେଠୀ।



### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

# ବାଲେଶ୍ୱରକୁ ହରାଇ ଫାଇନାଲରେ ସମ୍ବଲପୁର

ଭାପୁର, ୧୩।୧୨(ସମିସ): ସ୍ଥାନୀୟ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୫ତମ ସର୍ବ ଭାରତୀୟ ସଦାଶିବ୍ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁରର ଏମ୍‌ଏମ୍‌ସିସି କ୍ଲବ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ୧୦୨ ରନରେ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବକୁ ପରାସ୍ତ କରି ଫାଇନାଲକୁ ଉଠିଛି। ଫାଇନାଲରେ ସମ୍ବଲପୁର ଓ ଭାଇଜାଗ କ୍ରିକେଟ କ୍ଲବ ପରସ୍ପରକୁ ଭେଟିବେ। ଦ୍ୱିତୀୟ ସେମିରେ ଟସ୍ ଜିତି ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୮୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କ୍ଷମା ସାଗର ବଳ ୪୩ଟି ବଲ ଖେଳି ୮ ଚୌକା ଓ ୧୦ ଛକା ବଳରେ ୧୧୨ ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ବାଲେଶ୍ୱର ୧୮.୨ ଓଭରରେ ୧୮୩ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳର ବିଶାଳ ଦାସ ୩ ଚୌକା ଓ ୨ ଛକା ବଳରେ ୩୨ ବଲରୁ ସର୍ବାଧିକ ୩୯ ରନ ସଂଗ୍ରହ କରିଥିଲେ। ଶତକ ହାସଲ କରିଥିବା କ୍ଷମା ସାଗରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଓସିଏ ଅମ୍ପାୟର ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। କିରଣ ମନୋହର ମହାନ୍ତି, ବିଭୁତି ସାହୁ ଓ ପବିତ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

ରେଫରି ଭାବେ ସୁଧୀର ରଞ୍ଜନ ପଣ୍ଡା, ଭାଷ୍ୟକାର ଭାବେ ଓସିଏର ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର ଓ ଜନ୍ମେଜୟ ଦଳେଇ ଦାୟିତ୍ୱ ବହନ କରିଥିଲେ। ଆଧାତ୍ମିକ ଗୁରୁ ଶ୍ରୀ ଶ୍ରୀ ଆନନ୍ଦ ସରସ୍ୱତୀ ମହାରାଜ ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ବିଜେପି ନେତ୍ରୀ ଙ୍ ଅର୍ଚ୍ଚନା ଦାଶ, ସମାଜସେବୀ ଙ୍ ଶ୍ରୀନିବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଓଲିଉଡ୍ ଅଭିନେତା ଶୁଭାଶିଷ ଓ ଅଭିନେତ୍ରୀ ଲିପି ମହାପାତ୍ରଙ୍କ ସମେତ ଏକାଧିକ ବିଧାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥିଭାବେ ଯୋଗ ଦେବେ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି।




ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିରେ କୋଲକାତା କାମେରୁନ

ନନ୍ଦନକାନନ, ୧୩।୧୨(ସମିସ): ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ତିନୋଟି ମ୍ୟାଚ ଖେଳା ଯାଇଥିଲା। ସହରାଞ୍ଚଳ କ୍ୱାର୍ଟର ଫାଇନାଲ ମ୍ୟାଚରେ କଲିକତା କାମେରୁନ ଇଲେଭେନ୍ ଓ ସମ୍ବଲପୁର ମଧ୍ୟରେ ଖେଳ ହୋଇଥିଲା। ୨-୨ ଗୋଲରେ ଖେଳ ବରାବର ରହିଥିଲା। ଫଳରେ ଟାଇ ବ୍ରେକର୍ ଜରିଆରେ ଖେଳ ନିର୍ଣ୍ଣୟ ହୋଇଥିଲା। କଲିକତା କାମେରୁନ ୫-୪ ଟାଇ ବ୍ରେକର ଗୋଲ୍‌ରେ ସମ୍ବଲପୁରକୁ ହରାଇ ସେମିଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି।

#### ଗ୍ରାମାଞ୍ଚଳ ସେମିରେ ଜୟପୁର ଓ ଗୋଠପୁର

ସେହିପରି ଗ୍ରାମାଞ୍ଚଳ 'ଏ' ଡିଭିଜନର ପ୍ରଥମ ମ୍ୟାଚରେ ବନ ମହାବୀର କ୍ଲବ୍ ଜୟପୁର ୨-୦ ଗୋଲରେ ମଧୁବନ କ୍ଲବ୍‌କୁ ହରାଇ ସେମିଫାଇନାଲ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ମା'ମଙ୍ଗଳା କ୍ଲବ୍ ଗୋଠପୁର ୧-୦ ଗୋଲରେ ଖୋର୍ଦ୍ଧା ଶରଧାପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ମଧ୍ୟରେ ଜୟପୁରର ମିକୁନ ପ୍ରଧାନ, ଗୋଠପୁରର ଭାବଗ୍ରାହୀ ପଢ଼ିଆରୀ ଓ କାମେରୁନର ୧୦ନମ୍ବର ଖେଳାଳି ଉଇଲିଅମ୍ସ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୧୨ କର୍ପୋଟର ଜୟନ୍ତୀ ସାହୁ ଯୋଗ ଦେଇଥିଲେ। ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଢ଼ିହାରୀ, ସମ୍ପାଦକ ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଢ଼ିହାରୀ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ମ୍ୟାଚଗୁଡ଼ିକୁ ରେଫରୀ ସୁଦୀପ୍ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିଲେ। ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ।



### ବ୍ରିସ୍‌ବେନ୍‌ରେ ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ ଆଜିଠୁ


# ସିରିଜ୍ ଅଗ୍ରଣୀ ଲାଗି ହେବ ମହାମୁକାବିଲା

ବ୍ରିସ୍‌ବେନ୍, ୧୩।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ମୁକାବିଲା ଆସନ୍ତାକାଲିଠାରୁ ସ୍ଥାନୀୟ ଗାବ୍‌ବା ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ସିରିଜ୍‌ର ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ଓ ଆଡିଲେଡ୍‌ରେ ଖେଳାଯାଇଥିବା ଦିବାରାତ୍ର ଟେଷ୍ଟରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏହା ଫଳରେ ସିରିଜ୍ ୧-୧ରେ ସମାନ ସ୍ଥିତିରେ ରହି ଉଭୟ ଦଳ ଏଠାରେ ମୁକାବିଲା କରିବାକୁ ଯାଉଛନ୍ତି। ପ୍ରଥମ ଦୁଇ ଟେଷ୍ଟରେ ଉଭୟ ଦଳ ଉତ୍‌ଥାନ ପତନ ଦେଇ ଗତି କରିଛନ୍ତି। ଏଠାରେ

**ଖେଳ ଆରମ୍ଭ: ସକାଳ ୫ଟା ୫୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**


ରୋହିତ ଶର୍ମା


ପ୍ୟାଟ କମିନ୍ସ

ଗତଥର ଭାରତ ଐତିହାସିକ ବିଜୟ ହାସଲ କରିଥିଲା। ଚଳିତ ସିରିଜ୍‌ରେ ପୂର୍ବ ମ୍ୟାଚ୍ ହାରିଯିବା ପରେ ଭାରତ ଜୋରଦାର ପ୍ରସ୍ତୁତି କରି ଏହି ଟେଷ୍ଟ ଖେଳିବାକୁ ଯାଉଛି। ଉଭୟଙ୍କ ମଧ୍ୟରେ ଟେଷ୍ଟ ମୁକାବିଲା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରେ ପହଞ୍ଚିଛି। ଏଣୁ ଉଭୟ ଦଳ ଗୋଟିଏ ଲେଖାଏଁ ଟେଷ୍ଟ ଜିତିବା ପରେ ଏହି ସିରିଜ୍ ଯେଉଁଳି ସ୍ଥିତି ସୃଷ୍ଟି କରିଛି, ତାହା ମହାମୁକାବିଲାରେ ପରିଣତ ହେବାକୁ ଯାଉଛି।

ଏହି ସିରିଜ୍‌ର ପ୍ରଥମ ଦୁଇଟି ମୁକାବିଲାରେ ଉଭୟ ଦଳ ପକ୍ଷରୁ କିଛି ଯୁଗାନ୍ତକାରୀ କ୍ରିକେଟ ପ୍ରଦର୍ଶିତ କରାଯାଇଛି। ଏହା ନିଃସନ୍ଦେହ ବିଶ୍ୱରେ ଏବେ ଏହି ଦୁଇ ଦଳ ଶ୍ରେଷ୍ଠସ୍ଥାନରେ ରହିଛନ୍ତି ଓ ଏମାନଙ୍କ ମୁକାବିଲାକୁ ବିଶ୍ୱର ସର୍ବାଧିକ ଦର୍ଶକ ଉପଭୋଗ କରୁଛନ୍ତି। ଏଭଳି ସ୍ଥିତିରେ ଭାରତ-ଅଷ୍ଟ୍ରେଲିଆ କ୍ରିକେଟ ମୁକାବିଲା ଏବେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୋଇଛି। ଏହି ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟରେ ବ୍ୟାଟରଙ୍କ ଅପେକ୍ଷା ବୋଲରଙ୍କ ପ୍ରଭାବ ବିସ୍ତାର କରିଛନ୍ତି। ପର୍ଥ ହେଉ ଅବା ଆଡିଲେଡ୍‌ରେ ବୋଲରମାନେ କିଛି ଚମତ୍କାର ଖେଳ ପ୍ରଦର୍ଶନ କରିଛନ୍ତି। ଭାରତର ଡେବ୍ୟୁଟାଣ୍ଟ ଫାଷ୍ଟ ବୋଲର ହର୍ଷିତ ରାଣାଙ୍କ ବଲ୍‌ରେ ଟ୍ରାଭିସ୍ ହେଡ ବୋଲ୍ଡ ହେବା, ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତ୍ୟେକ ବଲ ଏକ ସ୍ୱପ୍ନ ସୃଷ୍ଟି କରିବା, ପ୍ୟାଟ କମିନ୍ସଙ୍କ ଟିମ୍ ଆଡିଲେଡ୍ ଓଭାଲରେ କବ୍‌ଜା କରିବା ଏହି ସିରିଜ୍‌ରେ ବୋଲରଙ୍କ ପ୍ରାଧାନ୍ୟକୁ ସୂଚାଉଛି। ଚଳିତ ସିରିଜ୍‌ରେ ଉଭୟ ଦଳର ଦୁଇ ଜଣ ଲେଖାଏଁ କିମ୍ବଦନ୍ତୀ ବ୍ୟାଟର ସେମାନଙ୍କ ଫର୍ମ ପ୍ରଦର୍ଶନ କରିପାରି ନାହାନ୍ତି। ଅଷ୍ଟ୍ରେଲୀୟ ଓପନର ଉସ୍‌ମାନ ଖୱାଜା ଓ ଏକଦା ବିଶ୍ୱରେ ରାଜ କରୁଥିବା ଷ୍ଟିଭେନ ସ୍ମିଥ୍ ଏବର୍ଷ ଆଦୌ ଫର୍ମରେ ନାହାନ୍ତି। ଗତ ୨୪ଟି ଇନିଂସରେ ସ୍ମିଥ୍ ଓ ୨୭ଟି ଇନିଂସରେ ଖୱାଜା ଶତକ ହାସଲ କରିପାରି ନାହାନ୍ତି। ଉଭୟ ଖେଳାଳି ୨୦୨୩ ଆସେସ ସିରିଜ୍‌ରେ ଶେଷଥର ଲାଗି ଶତକ ହାସଲ କରିଥିଲେ। ଡେଭିଡ୍ ୱାର୍ଣ୍ଣରଙ୍କ ଅବସର ପରେ ଅଷ୍ଟ୍ରେଲିଆର ମଧ୍ୟ ଏକ ନୂଆ ଓପନିଂ ଯୋଡି ଖେଳୁଛନ୍ତି। ବ୍ୟାଟିଂରେ ଦଳର ଦୁର୍ବଳତା ପଦାର ପଡ଼ିଛି।

ଅନ୍ୟପକ୍ଷରେ ଭାରତର ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସମାନ ଅବସ୍ଥା। ପର୍ଥ ଟେଷ୍ଟରେ କୋହଲି ଶତକ ହାସଲ କରିଥିଲେ ମଧ୍ୟ ମ୍ୟାଚ୍ ବିଜେତା ହୋଇଥିଲେ ଯଶସ୍ୱୀ ଜୟସ୍ୱାଲ। ଏଣୁ ଭାରତର ପ୍ରଦର୍ଶନରେ କୋହଲିଙ୍କର ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଅଷ୍ଟ୍ରେଲିଆ ମାଟିରେ ସେ ଜଣେ ସୁପରଷ୍ଟାର ଭଳି ଖେଳିଛନ୍ତି। ଯେ କୌଣସି ସମୟରେ ସେ ଫର୍ମକୁ ଫେରିବାରେ କୌଣସି ଅସୁବିଧା ନାହିଁ। ଦ୍ୱିତୀୟ ଟେଷ୍ଟରେ ଦଳକୁ ଫେରିଥିବା ଅଧିନାୟକ ରୋହିତ ଶର୍ମା ଦଳର ଆବଶ୍ୟକତା ଲାଗି ମିଡଲ ଅର୍ଡରରେ ଖେଳିଥିଲେ। ଏହି ଟେଷ୍ଟରେ ସେ ୩ ଓ ୬ ରନ୍ କରିବା ଫଳରେ ଏଠାରେ ସେ ନିଶ୍ଚିତଭାବେ ତାଙ୍କ ପୂର୍ବ ପୋଜିସନ ଓପନିଂ ସ୍ଥାନକୁ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ଲୋକେଶ ରାହୁଲ ନଂ-୫ କିମ୍ବା ୬ ସ୍ଥାନରେ ଖେଳିବେ। ବିଦେଶରେ ୱିକେଟରକ୍ଷକ ଋଷଭ ପନ୍ତ୍‌ଙ୍କ ପ୍ରଦର୍ଶନ ଭଲ ରହିଆସିଛି। ଏଣୁ ସେ ଓ ରାହୁଲ ମିଡଲ ଅର୍ଡରରେ ପୁଣିଥରେ ତାଙ୍କ କରିଶ୍ମା ଦେଖାଇବେ ବୋଲି ଆଶା କରାଯାଉଛି। ବୋଲିଂରେ ଦଳର ଦୁଇ ଖେଳାଳି ବଦଳିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ଆଡିଲେଡ୍‌ରେ ଖେଳିଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦର ଦଳକୁ ଫେରିପାରନ୍ତି। ସେହିପରି ଆକାଶଦୀପ ଭାରତର ଏବେ ତୃତୀୟ ପେସ୍ ବୋଲରଭାବେ ଖେଳୁଛନ୍ତି। ପର୍ଥରେ ତାଙ୍କ ସ୍ଥାନରେ ଭଲ ବ୍ୟାଟିଂ କରୁଥିବା ହର୍ଷିତ ରାଣାଙ୍କୁ ପ୍ରଥମ ଦୁଇଟି ଟେଷ୍ଟରେ ଖେଳିବା ସୁଯୋଗ ମିଳିଥିଲା। ଏବେ ଦଳ ବ୍ୟାଟିଂ ଲାଗି ଚିନ୍ତିତ ନ ଥିଲାବେଳେ ଆକାଶ ଦୀପ ସିରିଜ୍‌ରେ ପ୍ରଥମ ଥର ଖେଳିବା ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ପର୍ଥରେ ଖେଳିଥିବା ଅଷ୍ଟ୍ରେଲିଆ ଏକାଦଶ ଏଠାରେ ଖେଳିବ। ଅର୍ଥାତ୍ ସ୍କଟ ବୋଲାଣ୍ଡଙ୍କ ସ୍ଥାନରେ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍ ଏହି ଟେଷ୍ଟରେ ଦଳକୁ ଫେରବା ନେଇ ଚୂଡାନ୍ତ ଏକାଦଶ ଘୋଷଣା କରିବା ପରେ ସ୍ପଷ୍ଟ ହୋଇଛି।

ଗାବ୍‌ବା ପିଚ୍‌କୁ ବିଶ୍ୱର ଅନ୍ୟତମ ଫାଷ୍ଟ ପିଚ୍ ଭାବେ ବିବେଚିତ କରାଯାଇଥାଏ। କିନ୍ତୁ ଏହା ସିଜିନ ଆରମ୍ଭରେ ହୋଇଥାଏ। ଡିସେମ୍ବର ଶେଷରେ ପିଚ୍ ଫାଷ୍ଟ ବୋଲରଙ୍କୁ ଏତେଟା ସହାୟତା ଦେଇ ନଥାଏ। ତଥାପି ଏହି ସମୟରେ ଏଠାରେ ଖେଳାଯାଇଥିବା ଗତ ୪ଟି ଟେଷ୍ଟରେ ଅଷ୍ଟ୍ରେଲିଆ ଦୁଇଥର ପରାଜିତ ହୋଇଛି। ଏଣୁ ପିଚ୍ ଯେ ଫାଷ୍ଟ ବୋଲରଙ୍କୁ ସହାୟତା ନ ଦେବ କହିବା ମୁସ୍କିଲ।

### ସମ୍ଭାବ୍ୟ ଏକାଦଶ

**ଭାରତ:** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା (ଅଧିନାୟକ) / ଲୋକେଶ ରାହୁଲ, ଶୁବମାନ ଗିଲ୍, ବିରାଟ କୋହଲି, ଋଷଭ ପନ୍ତ୍, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ଆକାଶ ଦୀପ୍, ମହମ୍ମଦ୍ ସିରାଜ ଓ ଯଶପ୍ରୀତ ବୁମ୍‌ରା।

**ଅଷ୍ଟ୍ରେଲିଆ:** ଉସ୍‌ମାନ ଖୱାଜା, ନାଥାନ ମ୍ୟାକ୍‌ସ୍ୱିନୀ, ମାର୍ନସ ଲାବୁସେନ, ଷ୍ଟିଭେନ୍ ସ୍ମିଥ୍, ଟ୍ରାଭିସ୍ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କ୍ୟାରୀ, ପ୍ୟାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥାନ ଲାୟନ ଓ ଜୋଶ ହାଜ୍‌ଲେଉଡ୍।

■ ଓଡ଼ିଶା ମାଷ୍ଟର୍ସ-୨୦୨୪

## ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

କଟକ, ୧୩।୧୨(ସମିସ): ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିମୟରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୪ ଜାରି ରହିଛି। ଆଜି ସମସ୍ତ ଇଭେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବା ସହ ସେମିଫାଇନାଲ ଲାଇନଅପ ଚୂଡାନ୍ତ ହୋଇଛି। ପୁରୁଷ ସିଙ୍ଗିଲ୍ସ ଇଭେଣ୍ଟରେ ୩ ଭାରତୀୟ ପ୍ରତିଯୋଗୀ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ରତିକ ସଞ୍ଜୀବ ୨-୧ ସେଟ୍‌ରେ ଚୀନ୍‌ର ହୁ ଝେ ଆନଙ୍କୁ ହରାଇ ପ୍ରଥମ ଖେଳାଳି ଭାବେ ସେମିରେ ପ୍ରବେଶ କରିଥିଲେ। ସେହିପରି ଅନ୍ୟ କ୍ୱାର୍ଟର ମୁକାବିଲାରେ ସତୀଶ କୁମାର ୨-୧ ସେଟରେ ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ଆୟୁଷ ସେଟ୍ଟୀଙ୍କୁ, ଥରୁନ ମାନେପଲ୍ଲୀ ୨-୦ ସେଟ୍‌ରେ ଅଭିଷେକ ସାଇନିଙ୍କୁ ହରାଇଥିଲେ। ମାଲେସିଆର ପାନିକାଫନ ଏବଂ ଚୀନର ଲି ୟୁ ଉହାନଙ୍କ ଭିତରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମାନିକାଫନ ସହଜ ବିଜୟ ସହ ପୁରୁଷ ସିଙ୍ଗିଲ୍ସ ଇଭେଣ୍ଟରେ ସେମିଫାଇନାଲରେ ସ୍ଥାନ ଅକ୍ତିଆର କରିଛନ୍ତି। ମହିଳା ସିଙ୍ଗିଲ୍ସରେ ଚୀନର କାଇ ୟାନ, ଭାରତର ଶ୍ରେୟାଂଶୀ ଭାଲିସେଟ୍ଟୀ, ତନଭୀ ଶର୍ମା, ମାଲେସିଆର ସୋରାନୋ ୟୋସିକାୱା, ପୁରୁଷ ଡବଲ୍ସରେ ଚୀନର ହୁଆଙ୍ଗ ଡି-ଲି ୟାଙ୍ଗ, ଭାରତର ପୃଥ୍ୱୀ କ୍ରୀଷ୍ଣାମୂର୍ତ୍ତି-ସାଇ ପ୍ରତୀକ, ଜାପାନର ହିରୋକି ନିଶି-କାକେରୁ କୁମାଗାଇ, ମାଲେସିଆର ସନ ୱେନ ଜୁନ-ଝୁ ୱି ଜୁନ, ମହିଳା ଡବଲ୍ସରେ ମାଲେସିଆର ନାନାକୋ ହାରା-ରିକୋ କିୟୋସେ, କେଙ୍ଗ ସୁ-ୱାଙ୍ଗ ଟିଙ୍ଗ, ଭାରତର ଗାୟତ୍ରୀ ରାୱତ-ମାନସା ରାୱତ, ଅଶ୍ୱିନୀ ଭଟ୍ଟ-ଶୀଖା ଗୌତମ, ମିକ୍ସଡ ଡବଲ୍ସରେ ମାଲେସିଆର ଗାଓ ଜିଆ-ଟାଙ୍ଗ ରୁଇ, ଭାରତର ରୋହନ କପୁର-ଋତଭିକା ଶିବାନୀ, ଫ୍ରାନ୍ସର ଜୁଲିଏନ ମାଇଓ-ଲିଏ ପାଲମେରୋ, ସିଙ୍ଗାପୁରର ହି ୟଙ୍ଗ-ଜିନ ୟୁ ଜିଆଙ୍କ ଯୋଡ଼ି ସେମି ରାଉଣ୍ଡରେ ପ୍ରବେଶ କରିଛନ୍ତି।









PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS